ISSN-0971-8400

# ଯୋଜନା

ନଭେମ୍ବର ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

150 YEARS OF CELEBRATING THE MAHATMA

## ସୁସ୍ଥ ସମାଜ ପାଇଁ ପରିମଳ

ପରିବର୍ତ୍ତନର ବାହକ ପଞ୍ଚାୟତ:
ବାହ୍ୟମଳମୁକ୍ତ ଗ୍ରାମୀଣ ଭାରତ ପରେ
ସୁଜୟ ମଜୁମଦାର ଓ ସ୍ୱାତୀ ମଣ୍ଡିକାନ୍ତି


ସ୍ୱଚ୍ଛ ଭାରତ: ସଫଳତାର ଏକ ଅଧ୍ୟାୟ
ଅକ୍ଷୟ ରାଉତ

ଦିଲ୍ଲୀ ମେଟ୍ରୋ: ସର୍ବସାଧାରଣ
ସ୍ଥଳରେ ଆଦର୍ଶ ପରିମଳ ବ୍ୟବସ୍ଥା
ଅନୁଜ ଦୟାଲ



ଫୋକସ୍
ପରିଚ୍ଛନ୍ନ ଅର୍ଥନୀତି ଓ ସଫାଇ
କର୍ମଚାରୀଙ୍କ ମର୍ଯ୍ୟାଦା
ସନ୍ତୋଷ କୁମାର ଗଙ୍ଗୱାର

ବିଶେଷ ପ୍ରସଙ୍ଗ
ଜନସାଧାରଣଙ୍କ ନୀତି
ପରମେଶ୍ୱରନ ଆୟାର




## ୧୦ ବର୍ଷିଆ ଗ୍ରାମ୍ୟ ପରିମଳ ରଣନୀତି (୨୦୧୯-୨୦୨୯)

ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅନ୍ତର୍ଗତ ପାନୀୟ ଜଳ ଓ ପରିମଳ ବିଭାଗ ଦ୍ୱାରା ୧୦ ବର୍ଷିଆ ଗ୍ରାମ୍ୟ ପରିମଳ ରଣନୀତିର ଶୁଭାରମ୍ଭ ହୋଇଛି। ଏହାର ଲକ୍ଷ୍ୟ ହେଉଛି ସ୍ୱଚ୍ଛ ଭାରତ (ଗ୍ରାମୀଣ) ଅଧୀନରେ ହାସଲ ହୋଇଥିବା ପରିମଳ ସମ୍ପର୍କିତ ବ୍ୟବହାର ପରିବର୍ତ୍ତନକୁ ପାଥେୟ କରି କଠିନ ଓ ତରଳ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଅଧିକରୁ ଅଧିକ ସୁବିଧା ପ୍ରଦାନ କରିବା।

ସ୍ୱାୟତ୍ତଶାସନ ସଂସ୍ଥା, ନୀତି ନିର୍ଦ୍ଧାରକ ଓ କାର୍ଯ୍ୟାନ୍ୱୟନ ସଂସ୍ଥାଗୁଡ଼ିକୁ ଓଡ଼ିଏଫ୍ ପ୍ଲସ୍ ଯୋଜନା ପ୍ରସ୍ତୁତିରେ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବାକୁ ଏହି ରଣନୀତି ଉଦ୍ଦିଷ୍ଟ। ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତି ଶୌଚାଳୟ ବ୍ୟବହାର କରିବେ ଓ ପ୍ରତ୍ୟେକ ଗ୍ରାମରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ସୁବିଧା ଥିବ।

ଏହି ରଣନୀତିରେ ବିକାଶମୂଳକ ସଂସ୍ଥା, ଆନ୍ତଃ ସରକାର ସହଯୋଗ ଓ ନାଗରିକ ସମାଜକୁ ମଧ୍ୟ ସାମିଲ୍ କରାଯାଇଛି। ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟ ପାଇଁ ଆବଶ୍ୟକୀୟ ପାଣ୍ଠି ସକାଶେ ଏହି ରଣନୀତିରେ ଅଭିନବ ଉପାୟ କଥା ମଧ୍ୟ ଉଲ୍ଲେଖ ରହିଛି।

## ରେଳ ଷ୍ଟେସନ୍ ସ୍ୱଚ୍ଛତା ସର୍ବେକ୍ଷଣ ରିପୋର୍ଟ-୨୦୧୯

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ନୂଆଦିଲ୍ଲୀ ରେଳଷ୍ଟେସନ୍ ଠାରେ କେନ୍ଦ୍ର ରେଳ ତଥା ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ପିୟୁଷ ଗୋୟଲ ରେଳଷ୍ଟେସନ୍ ସ୍ୱଚ୍ଛତା ସର୍ବେକ୍ଷଣ ରିପୋର୍ଟ ଜାରି କରିଛନ୍ତି।

ଏହି ରିପୋର୍ଟ ଅନୁଯାୟୀ ୭୨୦ ରେଳଷ୍ଟେସନ୍ ଭିତରୁ ରାଜସ୍ଥାନର ୭ଟି ରେଳ ଷ୍ଟେସନ୍‌କୁ ସ୍ୱଚ୍ଛତା ସର୍ବେକ୍ଷଣରେ ପ୍ରଥମ ୧୦ଟି ସ୍ଥାନ ମିଳିଛି। ସେଗୁଡ଼ିକ ହେଉଛି- ଜୟପୁର, ଦୁର୍ଗାପୁର, ଗାନ୍ଧୀନଗର, ଯୋଧପୁର, ସୁରତଗଡ଼, ଉଦୟପୁର ଓ ଆଜମୀର। ଏହି ତାଲିକାର ୨୬ତମ ସ୍ଥାନରେ ଥିବା ଦିଲ୍ଲୀର ଆନନ୍ଦ ବିହାର ରେଳ ଷ୍ଟେସନ୍‌କୁ ସ୍ୱଚ୍ଛତମ ଷ୍ଟେସନ୍‌ର ମାନ୍ୟତା ମିଳିଛି।

ଯାତ୍ରୀମାନଙ୍କ ପ୍ରତିକ୍ରିୟା, ତୃତୀୟପକ୍ଷ ଅନୁଧ୍ୟାନ ଓ ସବୁଜିମା ଆଦି ବିଭିନ୍ନ ମାନଦଣ୍ଡ ଆଧାରରେ ଏହି ଷ୍ଟେସନ୍‌ଗୁଡ଼ିକର ର୍‍ୟାଙ୍କି ନିର୍ଦ୍ଧାରଣ କରାଯାଇଛି।

ଭାରତୀୟ ରେଳବାଇ ଦ୍ୱାରା ୨୦୧୯ ସେପ୍ଟେମ୍ବର ୧୬ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଆଉ ମଧ୍ୟ ରେଳବାଇ ପକ୍ଷରୁ ଏହାର ସମସ୍ତ କେନ୍ଦ୍ର/କାର୍ଯ୍ୟାଳୟ/ ଷ୍ଟେସନ୍ ପରିସରରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ ଉପରେ ନିଷେଧାଜ୍ଞା ଜାରି କରାଯାଇଛି।

## ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ଲିଗ୍

କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ତରଫରୁ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ଲିଗ୍‌ର ଶୁଭାରମ୍ଭ କରାଯାଇଛି। ଏହା ଅଧୀନରେ ଭାରତର ସହର/ନଗରଗୁଡ଼ିକର ସ୍ୱଚ୍ଛତାକୁ ପ୍ରତ୍ୟେକ ୩ ମାସରେ ମୂଲ୍ୟାୟନ କରାଯିବ। ଏହି କାର୍ଯ୍ୟକ୍ରମଟିକୁ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ସହିତ ସମାବିଷ୍ଟ କରାଯିବ। ବାର୍ଷିକ ସ୍ୱଚ୍ଛତା ସର୍ବେକ୍ଷଣ (ସହରାଞ୍ଚଳ ପାଇଁ) ଆଗାମୀ ଜାନୁଆରୀ-ଫେବ୍ରୁଆରୀ ୨୦୨୦ରେ ଅନୁଷ୍ଠିତ ହେବ। ସ୍ୱଚ୍ଛ ଭାରତ ମିଶନ (ସହରୀ) ଅଧୀନରେ ଏହା ପରିଚାଳିତ ହେବ।

ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ଲିଗ୍‌ର ଉଦ୍ଦେଶ୍ୟ ହେଲା ସହରାଞ୍ଚଳ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ତଦାରଖ କରିବା ଓ ଏହାକୁ ଧାରଣକ୍ଷମ କରିବା। ଏପ୍ରିଲ୍-ଜୁନ୍, ଜୁଲାଇ-ସେପ୍ଟେମ୍ବର ଓ ଅକ୍ଟୋବର-ଡିସେମ୍ବର ୨୦୨୦ ଏହିପରି ତିନିଥର ଏହା ଅନୁଷ୍ଠିତ ହେବ ଓ ପ୍ରତ୍ୟେକ ଥର ପାଇଁ ୨୦୦୦ ମାର୍କ ରହିବ। ସହରାଞ୍ଚଳ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ବିଭିନ୍ନ ସହରଗୁଡ଼ିକ ଦ୍ୱାରା ଉଦ୍ଦିଷ୍ଟ ଅନ୍‌ଲାଇନ୍ ମାଧ୍ୟମରେ ସଦ୍ୟତମ ତଥ୍ୟ ପ୍ରଦାନ ଓ ନାଗରିକଙ୍କ ପ୍ରତିକ୍ରିୟା ଆଦି ଆଧାରରେ ସେଗୁଡ଼ିକର ସ୍ୱଚ୍ଛତାର ମୂଲ୍ୟାୟନ କରାଯିବ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ର ର୍‍ୟାଙ୍କି କଲାବେଳେ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ଲିଗ୍‌ର ମୂଲ୍ୟାୟନର ଗୁରୁତ୍ୱ ୨୫% ରହିବ।

*(ଉତ୍ସ: ପତ୍ର ସୂଚନା କାର୍ଯ୍ୟାଳୟ)*

ଯୋଗାଯୋଗ ରଣନୀତି, ତୃଣମୂଳସ୍ତରର ବ୍ୟବହାର ପରିବର୍ତ୍ତନ ପାଇଁ ବ୍ୟବସ୍ଥା ଓ ଗୋଷ୍ଠୀ ସକ୍ରିୟତା ଆଦି ବିଭିନ୍ନ ପ୍ରମୁଖ ଦିଗ ଉପରେ ସ୍ୱଚ୍ଛ ଭାରତ ମିଶନର ସଫଳତା ନିର୍ଭର କରେ। @swachhbharat

ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନଚର୍ଯ୍ୟା ପାଇଁ ସାଇକେଲ୍ ଚଳାଇବା ସହ ଆବର୍ଜନା ସଂଗ୍ରହ କରିବା ଏକ ବିଶିଷ୍ଟ ମାଧ୍ୟମ। ଅନ୍ତତଃ ଥରେ ଆମେ ଏଭଳି କାର୍ଯ୍ୟରେ ଅଂଶଗ୍ରହଣ କରିବା ଉଚିତ୍ ଓ ସ୍ୱଚ୍ଛ ଭାରତ ପାଇଁ ନିଜର ଯୋଗଦାନ ଦେବା ଉଚିତ୍। @swachhBharatGov

ନଭେମ୍ବର ୨୦୧୯

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଧୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ରାଜେନ୍ଦ୍ର ଭଟ୍ଟ
ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ସପ୍ତବିଂଶ ବର୍ଷ / ଦ୍ୱିତୀୟ ସଂଖ୍ୟା

## ଏ ସଂଖ୍ୟାରେ...


| ବିଷୟ/ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୪ |
| ପରିବର୍ତ୍ତନର ବାହକ ପଞ୍ଚାୟତ: ବାହ୍ୟମଳମୁକ୍ତ ଗ୍ରାମୀଣ ଭାରତ ପରେ<br>*ସୁଜୟ ମଜୁମଦାର ଓ ସ୍ୱାତୀ ମଞ୍ଜିକାନ୍ତି* | ୫ |
| ସ୍ୱଚ୍ଛ ଭାରତ : ସଫଳତାର ଏକ ଅଧ୍ୟାୟ<br>*ଅକ୍ଷୟ ରାଉତ* | ୧୨ |
| ଦିଲ୍ଲୀ ମେଟ୍ରୋ: ସର୍ବସାଧାରଣ ସ୍ଥଳରେ ଆଦର୍ଶ ପରିମଳ ବ୍ୟବସ୍ଥା<br>*ଅନୁଜ ଦୟାଲ* | ୧୭ |
| ଫୋକସ୍: ପରିଚ୍ଛନ୍ନ ଅର୍ଥନୀତି ଓ ସଫାଇ କର୍ମଚାରୀଙ୍କ ମର୍ଯ୍ୟାଦା<br>*ସନ୍ତୋଷ କୁମାର ଗଙ୍ଗୱାର* | ୨୧ |
| ବିଶେଷ ପ୍ରସଙ୍ଗ: ଜନସାଧାରଣଙ୍କ ନୀତି<br>*ପରମେଶ୍ୱରନ ଆୟାର* | ୨୯ |
| ଗ୍ରାମୀଣ ଭାରତରେ ଶୌଚାଳୟ ବ୍ୟବହାର: ଏକ ବ୍ୟାବହାରିକ ଅନୁଶୀଳନ<br>*ଇନ୍ଦ୍ରନୀଲ ଦେ, ଶାଶ୍ୱତ ନାରାୟଣ ବିଶ୍ୱାସ, ଜ୍ଞାନମୁଦ୍ରା ତିୱାରୀ* | ୩୨ |
| ଦେଶର ପରିଚ୍ଛନ୍ନତା : କାର୍ଯ୍ୟ ଓ ପରାମର୍ଶ<br>*ସୁଦର୍ଶନ ଆୟେଙ୍ଗାର* | ୩୭ |
| ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍: ଜଣେ ରାଷ୍ଟ୍ରନାୟକ<br>*ଆଇ ଜେ ପଟେଲ୍* | ୪୨ |
| କଠିନ ବର୍ଜ୍ୟ ପରିଚାଳନା: ଆହ୍ୱାନ ଓ ସମାଧାନ<br>*ଦିବ୍ୟା ସିହ୍ନା* | ୪୪ |
| ଆପଣ ଜାଣନ୍ତି କି ? | ୫୩ |
| ସାମ୍ପ୍ରତିକୀ | ୫୪ |




*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ଅନ୍ତଃ ପରିବର୍ତ୍ତନରୁ ବାହ୍ୟ ପରିବର୍ତ୍ତନ




ପରିଚ୍ଛନ୍ନତା ଉପରେ ଜାତୀୟ ସଂସ୍କୃତିର ପ୍ରଭାବ ପଡ଼ିଥାଏ। ଭାରତୀୟ ସଂସ୍କୃତି ଓ ଜୀବନଚର୍ଯ୍ୟାରେ ପରିଷ୍କାର ପରିଚ୍ଛନ୍ନତା ବହୁ କାଳରୁ ଯୋଡ଼ି ହୋଇ ରହିଛି। ପର୍ବପର୍ବାଣୀ ପୂର୍ବରୁ ଘରର ପରିଷ୍କାର ପରିଚ୍ଛନ୍ନତା ଓ ସାଜସଜ୍ଜା, ସ୍ନାନାଦି କାର୍ଯ୍ୟ ଓ ଜଳ, ଅଗ୍ନି, ଆକାଶ, ମରୁତ ଓ ପୃଥିବୀ- ଏହି ପଞ୍ଚତତ୍ତ୍ୱ ମଧ୍ୟରେ ସମତୁଲତା ରକ୍ଷା କରିବା ପରମ୍ପରାରୁ ଭାରତୀୟ ସଂସ୍କୃତିରେ ପରିଚ୍ଛନ୍ନତା ଓ ପରିବେଶ ସଚେତନତା ଭଲ ଭାବେ ପରିଦୃଷ୍ଟ।

ବର୍ତ୍ତମାନ ବୈଶ୍ୱିକ ପୃଷ୍ଠଭୂମିରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଅଗ୍ରାଧିକାର ଦିଆଯାଉଛି। ତେବେ ଭାରତୀୟ ସଂସ୍କୃତି ଉପରେ ବର୍ଜ୍ୟ ପଦାର୍ଥ ହ୍ରାସ ଉପରେ ମୂଳରୁ ହିଁ ଗୁରୁତ୍ୱ ଦିଆଯାଇଆସୁଛି। ଏହାର ଏକ ଉଦାହରଣ ହେଉଛି ଦାନ କରିବାର ବ୍ୟବସ୍ଥା- ସେ ବସ୍ତ୍ର ହେଉ କିମ୍ବା ବାସନକୁସନ, ପୁସ୍ତକ ହେଉ କିମ୍ବା ଅନ୍ୟାନ୍ୟ ଘରକରଣା ସାମଗ୍ରୀ କିମ୍ବା ଗୋଷ୍ଠୀ ଉପଯୋଗୀ ପଦାର୍ଥ। ଏହି ବ୍ୟବସ୍ଥା ମୂଳରେ ଥିଲା ଅଳ୍ପରେ ସନ୍ତୁଷ୍ଟ ହେବାର ପ୍ରକ୍ରିୟା ଏବଂ ସ୍ୱଳ୍ପ ଅପଚୟ କରିବାର ସଂସ୍କୃତି। ଗାନ୍ଧିଜୀଙ୍କ ଶପଥଗୁଡ଼ିକ ମଧ୍ୟରୁ ଅନ୍ୟତମ ଶପଥ ଥିଲା 'ଅପରିଗ୍ରହ'। ଏହାର ଅର୍ଥ ହେଉଛି ଆବଶ୍ୟକତା ଠାରୁ ଅଧିକ ସଞ୍ଚୟ କରିବାର ମନୋବୃତ୍ତି ପରିତ୍ୟାଗ କରିବା। ଏହାଦ୍ୱାରା ବର୍ଜ୍ୟବସ୍ତୁ ଠୁଳ ହେବାର ସମ୍ଭାବନା ନଥାଏ।

ଧୀରେ ଧୀରେ ଉପଭୋକ୍ତାବାଦ ଓ ସାମାଜିକ ବ୍ୟବଧାନର ବୃଦ୍ଧି ସହିତ ଅଧିକ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଲା ଏବଂ ପରିମଳ ବ୍ୟବସ୍ଥା ବାଧାପ୍ରାପ୍ତ ହେବାକୁ ଲାଗିଲା। ସହର ଉପକଣ୍ଠରେ ଆବର୍ଜନା ପାହାଡ଼ ସୃଷ୍ଟିହୋଇ ଜମି, ଜଳ ଓ ସର୍ବୋପରି ଅବହେଳିତ ବର୍ଗଙ୍କ ଜୀବନ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଲା। ଗ୍ରାମ୍ୟ ଅଞ୍ଚଳରେ ମଧ୍ୟ ଖୋଲାରେ ଶୌଚକରିବା ଅଭ୍ୟାସ ଓ ଜଳ ନିଷ୍କାସନ ବ୍ୟବସ୍ଥାର ଅଭାବ ହେତୁ ପରିମଳ ପରିବେଶ ଦୂଷିତ ହେଲା।

ମିଳିତ ଜାତିସଂଘର ବୈଶ୍ୱିକ ଧାରଣକ୍ଷମ ବିକାଶ ଲକ୍ଷ୍ୟଗୁଡ଼ିକ ମଧ୍ୟରେ ରହିଛି- ସମସ୍ତଙ୍କ ପାଇଁ ସୁରକ୍ଷିତ ଓ ଶସ୍ତା ପାନୀୟଜଳ, ସମସ୍ତଙ୍କ ପାଇଁ ସମାନତାଭିତ୍ତିକ ପରିମଳ ଓ ପରିଚ୍ଛନ୍ନତା ବ୍ୟବସ୍ଥା ଏବଂ ଖୋଲାରେ ଶୌଚ କରିବାର ଅଭ୍ୟାସରୁ ମୁକ୍ତି, ପ୍ରଦୂଷଣ ହ୍ରାସ କରି ଜଳର ଗୁଣବତ୍ତାରେ ଉନ୍ନତି, କ୍ଷତିକାରକ ରାସାୟନିକ ପଦାର୍ଥ ଆଦି ବର୍ଜ୍ୟବସ୍ତୁଗୁଡ଼ିକର ଉପଯୁକ୍ତ ପରିଚାଳନା ଏବଂ ଜଳ ଓ ପରିମଳ ସକାଶେ ଆନ୍ତର୍ଜାତିକ ସହଯୋଗ ଓ ଏ ଦିଗରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ସହାୟତା।

ସେ ବ୍ୟକ୍ତି ହେଉ କିମ୍ବା ସମାଜ ବା ଦେଶ- ପରିଚ୍ଛନ୍ନତା ରୂପକ ସଦ୍‌ଗୁଣଟି ସବୁବେଳେ ନିଜ ଭିତରୁ ହିଁ ସୃଷ୍ଟିହୁଏ। ଭବିଷ୍ୟତ ପୀଢ଼ି ପ୍ରତି ଆମ ଦୃଷ୍ଟିଭଙ୍ଗୀରେ ଏହା ପ୍ରତିଫଳିତ ହୁଏ। ଏଥିପାଇଁ ବ୍ୟାପକ ବ୍ୟବହାରିକ ପରିବର୍ତ୍ତନ ସକାଶେ ପର୍ଯ୍ୟାପ୍ତ ଭିତ୍ତିଭୂମି ଉପଲବ୍ଧତା ଓ ରାଜନୈତିକ ଇଚ୍ଛାଶକ୍ତି, ଜନଭାଗିଦାରୀ ଓ ଦକ୍ଷ ଯୋଗାଯୋଗ ବ୍ୟବସ୍ଥା ଅତ୍ୟନ୍ତ ଆବଶ୍ୟକ।

ବର୍ତ୍ତମାନ ସମଗ୍ର ଦେଶରେ ଏହି ଆହ୍ୱାନର ମୁକାବିଲା ଚାଲିଛି। ବର୍ଜ୍ୟବସ୍ତୁ ପରିଚାଳନା, ଜଳାଶୟଗୁଡ଼ିକର ଜୀର୍ଣ୍ଣୋଦ୍ଧାର, ଧାରଣକ୍ଷମ ଗ୍ରାମ, ସହର ଓ ସାର୍ବଜନୀନ ସ୍ଥାନ ନିର୍ମାଣ- ଏସବୁ ପାଇଁ ବ୍ୟକ୍ତି ଠାରୁ ଆରମ୍ଭ କରି ଆନୁଷ୍ଠାନିକ, ସାମାଜିକ, ସ୍ୱେଚ୍ଛାସେବୀ ଓ ସରକାରୀ ସହଯୋଗ ଲୋଡ଼ା। ବ୍ୟବସ୍ଥାଗତ ବ୍ୟବହାରିକ ପରିବର୍ତ୍ତନ ସକାଶେ ସାମୂହିକ ପ୍ରୟାସ ଦ୍ୱାରା ଆମେ ଏକ ସୁସ୍ଥ ଦେଶ ଗଠନ ଦିଗରେ ଆଗେଇ ପାରିବା।

ପରିଷ୍କାର ପରିଚ୍ଛନ୍ନତା ସହ ଆତ୍ମସମ୍ମାନ ସଂଶ୍ଳିଷ୍ଟ। ଆମ ପରିବେଶର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ କଠିନ ପରିଶ୍ରମ କରୁଥିବା ବ୍ୟକ୍ତିଙ୍କର ଆତ୍ମସମ୍ମାନ ବଜାୟ ରଖିବା ପାଇଁ ଧ୍ୟାନ ଦେବାକୁ ପଡ଼ିବ। ତା' ସହିତ ସେମାନଙ୍କ କାର୍ଯ୍ୟ ବୋଝ ଲାଘବ ପାଇଁ ଆବର୍ଜନା ହ୍ରାସ ସକାଶେ ଆମକୁ ଚେଷ୍ଟା କରିବାକୁ ପଡ଼ିବ। 'ଯୋଜନା'ର ଏହି ସଂସ୍କରଣ ହେଉଛି ସେହି ଅଗଣିତ ଅନାମ ପରିମଳ କାର୍ଯ୍ୟକର୍ତ୍ତା, ଯେଉଁମାନେ ସ୍ୱଚ୍ଛତା ଆନ୍ଦୋଳନରେ ମୁଖ୍ୟ ଭୂମିକା ନେଉଛନ୍ତି ସେମାନଙ୍କ ପ୍ରତି ଏକ ସଶ୍ରଦ୍ଧ ସମ୍ମାନ। ଛୋଟ ଛୋଟ ପଦକ୍ଷେପ ଦ୍ୱାରା ଏକ ଉନ୍ନତ ଭବିଷ୍ୟତ ସବୁଜ ଓ ସୁନ୍ଦର ହୋଇପାରିବ।

# ପରିବର୍ତ୍ତନର ବାହକ ପଞ୍ଚାୟତ: ବାହ୍ୟମଳମୁକ୍ତ ଗ୍ରାମୀଣ ଭାରତ ପରେ

ସୁଜୟ ମଜୁମଦାର ଓ ସ୍ୱାତୀ ମଞ୍ଜିକାନ୍ତି

## ସ୍ୱଚ୍ଛତା କାର୍ଯ୍ୟକ୍ରମର ଇତିହାସ

ସ୍ୱାଧୀନତା ପରଠାରୁ ଏକ ସାର୍ବଜନୀନ ପରିମଳ ବ୍ୟବସ୍ଥାର ଅଭାବ ଭାରତ ଲାଗି ଚିନ୍ତାଜନକ ପରିସ୍ଥିତି ଉପୁଜାଇଥିଲା । ଏପରିକି ଏକ ସମୟରେ ପୁଷ୍ଟିସାଧନ ଓ ସ୍ୱାସ୍ଥ୍ୟ ମାନଦଣ୍ଡରେ ଆମେ ପ୍ରଗତି କରିଥିଲେ ମଧ୍ୟ ସ୍ୱଚ୍ଛତା କ୍ଷେତ୍ରରେ ଭାରତର ଗତି ଅତ୍ୟନ୍ତ ମନ୍ଥର ରହିଥିଲା । ବାହାରେ ମଳତ୍ୟାଗ କରିବା ବ୍ୟାପକ ଭାବେ ସମାଜରେ ଗ୍ରହଣୀୟ ହୋଇଯାଇଥିଲା; କିନ୍ତୁ ପରବର୍ତ୍ତୀ ସମୟରେ ଅନେକ ହୃଦ୍‌ବୋଧ କଲେ ଯେ ପୂର୍ବ ସାମାଜିକ ବ୍ୟବସ୍ଥାକୁ ବଦଳାଯାଇପାରିବ, ସମାଜ ଭିତରେ ଥିବା କ୍ଷମତା ଓ ନେତୃତ୍ୱ ଆଧାରରେ ସାମାଜିକ ସ୍ତରୀକରଣ ବିଷମତାକୁ ଭାଙ୍ଗି ଦିଆଯାଇପାରିବ, ଲିଙ୍ଗଗତ ପୁରୁଣା ଅବଧାରଣା ଓ ସାମାଜିକ ବିକୃତିକୁ ଦୂର କରାଯାଇପାରିବ । ଏପରିକି ସୁସ୍ଥ ପରିମଳ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇପାରିବ ଏବଂ ଏଥିପାଇଁ ବଜାର, ସାମଗ୍ରୀ ଓ ବ୍ୟାବହାରିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଘରୋଇ କ୍ଷେତ୍ରରୁ ଏଥିପାଇଁ ପୁଞ୍ଜିନିବେଶ କରାଯାଇପାରିବ । ୧୯୭୦ ଓ ୮୦ ଦଶକରେ ଜାତୀୟ ଟୀକାକରଣ କାର୍ଯ୍ୟକ୍ରମକୁ ସର୍ବସାଧାରଣରେ ବ୍ୟାପକ କରାଯାଇପାରିଥିବାବେଳେ ପରିମଳ ସଂକ୍ରାନ୍ତ କାର୍ଯ୍ୟକ୍ରମର ଗତି ବାର୍ଷିକ କେବଳ ମାତ୍ର ୧ ପ୍ରତିଶତ ବଢୁଥିଲା । ଯଦି ଏହି ଗତିରେ କାର୍ଯ୍ୟ ହୋଇଥାନ୍ତା, ତେବେ ଭାରତର ସମସ୍ତଙ୍କୁ ପରିମଳ ସୁବିଧା ଉପଲବ୍ଧ କରାଇବା ଲାଗି ବୋଧହୁଏ ୨୦୮୦ ମସିହା ପର୍ଯ୍ୟନ୍ତ

> "ସର୍ବାଧିକ ଦୀର୍ଘସ୍ଥାୟୀ ବିକାଶର ସଫଳତା ତାହା ନୁହେଁ ଯାହାକୁ ବାଧ୍ୟବାଧକତାରେ ଲଦି ଦିଆଯାଇଥାଏ; ମାତ୍ର ଚିରସ୍ଥାୟୀ ବିକାଶମୂଳକ ସଫଳତା ହେଉଛି ତାହା ଯାହାକୁ ଗୋଷ୍ଠୀ, ସମ୍ପ୍ରଦାୟ ଆଗ୍ରହର ସହ ଗ୍ରହଣ କରିଥାନ୍ତି, ଆଗକୁ ବଢାଇଥାନ୍ତି ଏବଂ ଲୋକେ ଦୈନନ୍ଦିନ ଜୀବନର ଏକ ସ୍ୱାଭାବିକ ଅଙ୍ଗ ରୂପେ ଆପଣେଇ ନେଇଥାନ୍ତି ।"
>
> **ହେନେରିଟା ଏଚ. ଫୋରେ,**
> **ଦ ସ୍ୱଚ୍ଛ ଭାରତ ରିଭୋଲ୍ୟୁସନ୍**

ସମୟ ଲାଗି ଯାଇଥାନ୍ତା । ଆଉ ଏଥିରେ ସବୁଠୁ ବଡ଼ ସର୍ତ୍ତଟି ହେଉଛି ଯଦି ଏହି ସମୟ ଭିତରେ ଦେଶର ଜନସଂଖ୍ୟା ବୃଦ୍ଧି ଘଟି ନଥାନ୍ତା ।

ତେବେ ଏହା ମଧ୍ୟ କୁହାଯାଇପାରିବନି କି ଭାରତ ସରକାରଙ୍କ ବ୍ୟବସ୍ଥାରେ ପରିମଳ କାର୍ଯ୍ୟକ୍ରମକୁ ଆଦୌ ସାମିଲ କରାଯାଇ ନଥିଲା । ୧୯୪୬ ମସିହାରେ ନ୍ୟୁୟର୍କ ଠାରେ ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ବୈଠକରେ ଏହା ଚୁକ୍ତି ହୋଇଥିଲା କି ପୁଷ୍ଟିସାଧନ, ଗୃହ ନିର୍ମାଣ, ପରିମଳ, ଚିତ୍ତବିନୋଦନ, ଆର୍ଥିକ ବ୍ୟାପାର ତଥା ପରିବେଶ ସଂକ୍ରାନ୍ତ ସ୍ୱଚ୍ଛତା ଭଳି ବିଭିନ୍ନ ପ୍ରସଙ୍ଗରେ ଏହି ଅନ୍ତର୍ଜାତୀୟ ସଂସ୍ଥା ଅନ୍ୟ ସ୍ୱତନ୍ତ୍ର ଅନୁଷ୍ଠାନ, ସ୍ୱତନ୍ତ୍ର ଏଜେନ୍ସି ଜରିଆରେ କାର୍ଯ୍ୟ କରିବ । ଏସବୁ ପ୍ରସଙ୍ଗର ନିରାକରଣ ଲାଗି ପ୍ରୋତ୍ସାହନ ପ୍ରଦାନ ସହ ସହଯୋଗ ଜାରି ରଖିବ । ତେବେ ୧୯୭୭ ମସିହାରେ ମାର୍ ଡେଲ ପ୍ଲାଟା ଜାତିସଂଘ ଜଳ ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ର ଗୁଡିକ ଗୋଷ୍ଠୀ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟକ୍ରମକୁ ଜରୁରୀ ଆବଶ୍ୟକତା ଭିତ୍ତିରେ ଗ୍ରହଣକରି କାର୍ଯ୍ୟ କରିବେ । ଏଥିପାଇଁ ଡବ୍ଲ୍ୟୁଏଚ୍‌ଓ ଏବଂ ସଂପୃକ୍ତ ସଦସ୍ୟ ରାଷ୍ଟ୍ରଗୁଡିକ ପାଣି ଆବଣ୍ଟନକୁ ସୁନିଶ୍ଚିତ କରି ଜନତାଙ୍କ ପାନୀୟ ଜଳ ଯୋଗାଣ ଓ ପରିମଳ ଆବଶ୍ୟକତାକୁ ପୂରଣ କରିବେ । ୨୦୧୦ ଜାତିସଂଘ ସାଧାରଣ ପରିଷଦର ମାନବାଧିକାରଠାରୁ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ସଂକ୍ରାନ୍ତ ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର ରୂପେ ଭାରତ ମଧ୍ୟ ସାମିଲ ହୋଇଥିଲା । ଯଦିଓ ଏସବୁ ଭିତରୁ ଅନେକ ଗୁଡିଏ ପ୍ରତିଶ୍ରୁତିବଦ୍ଧତାକୁ ନେଇ ଅନେକ ସମୟରେ ସଂସଦ ବିତର୍କ କରୁଥିଲା; ତଥାପି ଏହି ପ୍ରସଙ୍ଗରେ ବିତର୍କ ଏକ ନିରନ୍ତର ପ୍ରକ୍ରିୟା ବୋଲି ଧରି ନିଆଯାଇଥିଲା ।

ପରିମଳ ସଂକ୍ରାନ୍ତରେ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟକୁ ଭାରତ ହାସଲ କରିପାରି ନଥିଲା । ସଂପ୍ରତି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ବିଶେଷକରି ଏସଡିଜି-୬ରେ ସମସ୍ତଙ୍କୁ ପାନୀୟ ଜଳ ଓ ଶୌଚାଳୟ ଯୋଗାଇବା ନେଇ ଆକାଂକ୍ଷୀ ବ୍ୟବସ୍ଥାରେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି । ଭାରତ ଏଥିପାଇଁ ଜାତୀୟ ସ୍ତରରେ ବ୍ୟାପକ ଉଦ୍ୟମ କରୁଛି । ଜଳ ଅମଳ, ସୁରକ୍ଷିତ ସଂରକ୍ଷଣ ସହିତ ତାହାକୁ ସୁବିନିଯୋଗ କରିବା ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିଛି । ଏପରିକି ପରିମଳ ନେଇ ହୋଇଥିବା ଲକ୍ଷ୍ୟ ହାସଲର

## ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୬: ଶୁଦ୍ଧ ପାନୀୟ ଜଳ ଓ ପରିମଳ

ଜଳ ସଂକଟ ୪୦ ପ୍ରତିଶତରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଥିବାବେଳେ ତାପମାତ୍ରା ବୃଦ୍ଧି ଏକ ଭୟଙ୍କର ବିପଦ ସୃଷ୍ଟି କରିଛି। ଯଦିଓ ୧୯୯୦ ଦଶକରୁ ୨.୧ ବିଲିୟନ ଲୋକଙ୍କର ଜଳ ଓ ପରିମଳ ସ୍ଥିତିରେ ଉନ୍ନତି ଘଟୁଛି; ତଥାପି ପାନୀୟ ଜଳ ଯୋଗାଣ ସମସ୍ୟା ଏବେ ସବୁ ମହାଦେଶକୁ ପ୍ରଭାବିତ କରିଛି। ଅଧିକରୁ ଅଧିକ ରାଷ୍ଟ୍ର ଏବେ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି। ମରୁଡ଼ି ସ୍ଥିତି ବଢୁଛି। ମାତ୍ରାଧିକ ଜଙ୍ଗଲ କ୍ଷୟ ଯୋଗୁଁ ମରୁଭୂମି ପରି ଅବସ୍ଥା ଉପୁଜୁଛି। ୨୦୫୦ ମସିହା ସୁଦ୍ଧା ପ୍ରତି ୪ ଜଣରେ ଜଣେ ଲୋକ ଗୁରୁତର ଜଳ ସଂକଟର ସମ୍ମୁଖୀନ ହେବା ଅନୁମାନ କରାଯାଉଛି।

ସୁରକ୍ଷିତ ଓ ଶସ୍ତାରେ ପାନୀୟ ଜଳ ସମସ୍ତଙ୍କୁ ୨୦୩୦ ସୁଦ୍ଧା ପହଞ୍ଚାଇବା ଲାଗି ଆବଶ୍ୟକ ନିବେଶ ଓ ଭିତ୍ତିଭୂମି ନିର୍ମାଣ କରାଯାଉଛି। ପରିମଳ ସୁବିଧା ପ୍ରଦାନ ଲାଗି କାର୍ଯ୍ୟ ଚାଲିଛି। ସୁସ୍ଥ ଓ ସ୍ୱଚ୍ଛ ବାତାବରଣ ସୃଷ୍ଟି ଲାଗି ପ୍ରୋତ୍ସାହିତ କରାଯାଉଛି। ଜଳ ସଂକ୍ରାନ୍ତ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ ଏବେ ଅତ୍ୟାବଶ୍ୟକ ହୋଇପଡିଛି।

ସମସ୍ତଙ୍କୁ ସୁରକ୍ଷିତ ଓ ସହଜରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଅର୍ଥାତ୍ ୮୦୦ ନିୟୁତ ଲୋକଙ୍କୁ ଏହି ବ୍ୟବସ୍ଥା ପହଞ୍ଚାଇବାକୁ ପଡିବ। କାରଣ ୮୦୦ ନିୟୁତ ଲୋକ ଏବେ ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏପରିକି ଦୁଇ ଶହ କୋଟିରୁ ଅଧିକ ଲୋକ ମଧ୍ୟ ସେବା ସୁରକ୍ଷା ପାଇପାରୁନାହାନ୍ତି।

*ସୂତ୍ର: ଜାତିସଂଘ ରିପୋର୍ଟ*

ନିକଟବର୍ତ୍ତୀ ହୋଇପାରିଛି। ୨୦୩୦ ସୁଦ୍ଧା ଏନେଇ ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ରହିଛି; ମାତ୍ର ଭାରତ ବର୍ତ୍ତମାନ ଯେଉଁ ଗତିରେ ଏହି ସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି ଆଶା ରହିଛି ଧାର୍ଯ୍ୟ ସମୟର ୭ ବର୍ଷ ପୂର୍ବରୁ ଏ ଦିଗରେ ଆମେ ସଫଳ ହୋଇସାରିଥିବା।

ଗତ ୩୫ ବର୍ଷ ଭିତରେ ସରକାର ପରିମଳ ବ୍ୟବସ୍ଥାକୁ ମଜବୁତ୍ କରିବା ଲାଗି ଏକାଧିକ କାର୍ଯ୍ୟକ୍ରମ ଗ୍ରହଣ କରିସାରିଛନ୍ତି। ୧୯୮୬ ମସିହାରୁ ସେଣ୍ଟ୍ରାଲ ରୁରାଲ ସାନିଟେସନ୍ ପ୍ରୋଗ୍ରାମ ଅର୍ଥାତ୍ କେନ୍ଦ୍ରୀୟ ଗ୍ରାମୀଣ ପରିମଳ କାର୍ଯ୍ୟକ୍ରମ(ସିଆରଏସପି) ଏବଂ ୧୯୯୯ ମସିହାରେ ଏହାର ପରବର୍ଦ୍ଧିତ ରୂପ ଟୋଟାଲ ସାନିଟେସନ୍ କ୍ୟାମ୍ପେନ୍ (ଟିଏସସି) କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ଲାଗି କେନ୍ଦ୍ର ସରକାର ରାଜ୍ୟମାନଙ୍କ ଉପରେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଛାଡି ଦେଇଥିଲେ। ଟିଏସସିର ଆଭିମୁଖ୍ୟ ଥିଲା ଯୋଜନାକୁ ଅଧିକ ଗୋଷ୍ଠୀଭିତ୍ତିକ କରିବା, ଅଧିକ ଲୋକଙ୍କୁ ଏଥିରେ ଯୋଡିବା ଏବଂ ଶୌଚାଳୟ ନିର୍ମାଣ ଲାଗି ଆର୍ଥିକ ପ୍ରୋତ୍ସାହନ ଦେବା। ଏହା ଚାଲିଲା; ମାତ୍ର ଯେତେବେଳେ ଏହାର ମୂଲ୍ୟାୟନ କରାଗଲା ଦେଖାଗଲା ଯେ ଏହି ଲକ୍ଷ୍ୟ ଅତ୍ୟନ୍ତ ବୃହତ୍ ଏବଂ ଏଥିପାଇଁ ଆବଣ୍ଟିତ ସୀମିତ ଅର୍ଥ ଲକ୍ଷ୍ୟପୂରଣ ଦିଗରେ ଯଥେଷ୍ଟ ନୁହେଁ। ଏହାବ୍ୟତୀତ ଏଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଦୁର୍ବଳ ରାଜନୈତିକ ଇଚ୍ଛାଶକ୍ତି ମଧ୍ୟ ଲକ୍ଷ୍ୟ ହାସଲର ଶିଥିଳତା ଲାଗି ଦାୟୀ ରହିଥିଲା। ଏପରିକି ସେତେବେଳେ ଚାଲୁଥିବା ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ଅପେକ୍ଷା ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉନଥିଲା। ଏତେବଡ଼ କାର୍ଯ୍ୟକ୍ରମ ଚଳାଇବା ଲାଗି କେନ୍ଦ୍ରଠାରୁ ସେଭଳି ସହାୟତା ମିଳୁନଥିଲା ଏବଂ ଅନୁରୂପ ଭାବେ ଆବଶ୍ୟକ ମାନବ ସମ୍ବଳ ମଧ୍ୟ ଯୋଗାଇ ଦିଆଯାଉନଥିଲା।

ଅନ୍ୟଏକ ପଦକ୍ଷେପ ଥିଲା ନିର୍ମଳ ଗ୍ରାମ ପୁରସ୍କାର। ଏହା ୨୦୦୫ ମସିହାରେ ଆରମ୍ଭ କରାଯାଇଥିଲା। ପରିମଳ ସ୍ଥିତି ସୁଧାରିବାରେ ଉତ୍ତମ ପ୍ରଦର୍ଶନ କରୁଥିବା ଗ୍ରାମ ପଞ୍ଚାୟତକୁ ଏଥିପାଇଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିଲା। ଏହି ପଦକ୍ଷେପ ଯୋଗୁଁ କିଛିଟା ସୁଫଳ ମିଳିଥିଲା। ଅନେକ ପଞ୍ଚାୟତ ବାହ୍ୟ ମଳମୁକ୍ତ ହୋଇପାରିଥିଲା। ଏହାକୁ ଆଧାର କରି ୨୦୧୨ ମସିହାରେ ଆରମ୍ଭ କରାଗଲା ନିର୍ମଳ ଭାରତ ଅଭିଯାନ(ଏନବିଏ)। ପୂର୍ବରୁ ଏ ବାବଦରେ ୪,୬୦୦ ଟଙ୍କା ପ୍ରଦାନ କରାଯାଉଥିବାବେଳେ ଏନବିଏରେ ନିର୍ମଳ ଗ୍ରାମ ପଞ୍ଚାୟତ ଜରିଆରେ ଏହାକୁ ୧୦,୦୦୦ ଟଙ୍କାକୁ ବଢାଇ ଦିଆଗଲା। ମନୋନୀତ ହିତାଧିକାରୀ ପରିବାରକୁ ଶୌଚାଳୟ ନିର୍ମାଣ ଲାଗି ଏହି ଅର୍ଥରାଶି ପ୍ରଦାନ କରାଗଲା। ତେବେ ଏହା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ(ଏମଜିଏନଆରଇଜିଏ) ଓ ଅନ୍ୟାନ୍ୟ ଯୋଜନାର ଆବଣ୍ଟିତ ପାଣ୍ଠି ଉପରେ ନିର୍ଭରଶୀଳ ରହିଥିଲା। ଜିଲା ସ୍ତରକୁ ପ୍ରାଥମିକତା ଦେଇ ଏନବିଏ କିଭଳି ଲକ୍ଷ୍ୟ ହାସଲ କରିବ ସେଥିଲାଗି ଉଦ୍ୟମ କରାଯାଇଥିଲା। ତେବେ ଏଥିରେ ଆର୍ଥିକ ପ୍ରବନ୍ଧନର ସମସ୍ୟା ଉପୁଜିଲା। କେବଳ ସେତିକି ନୁହେଁ, ରାଜ୍ୟ ଓ ଜିଲା ସ୍ତରରେ ପରିମଳ ଯୋଜନାକୁ ବିଶେଷ ଗୁରୁତ୍ୱ ଦିଆଗଲାନାହିଁ। ପରିମଳ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଗ୍ରାମାଞ୍ଚଳରେ ସାମାଜିକ ସମସ୍ୟା ଓ ଲିଙ୍ଗଗତ ପକ୍ଷପାତିତା ପ୍ରତିବନ୍ଧକ ସାଜିଥିବା ଦର୍ଶାଗଲା।

### ସ୍ୱଚ୍ଛ ଭାରତକୁ ରୂପଦେଇଥିବା ଶିକ୍ଷା

ପରିମଳ ବ୍ୟବସ୍ଥା ଲାଗି ବହୁବିଧ ପଦକ୍ଷେପ ଗ୍ରହଣ କରାଯିବା ସତ୍ତ୍ୱେ ବ୍ୟବସ୍ଥାରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ହୋଇ ନପାରିବାର କାରଣ ଖୋଜାଯାଇଥିଲା। ଜଣାପଡିଲା ଯେ ଅନେକ ହିତାଧିକାରୀ ଟଏଲେଟ୍ ଥାଇ ମଧ୍ୟ ବାହାରେ ମଳତ୍ୟାଗ କରୁଛନ୍ତି। ଅନେକ ମିଳିଥିବା ଶୌଚାଳୟକୁ ଅନ୍ୟକାମରେ ବ୍ୟବହାର କରୁଛନ୍ତି। କେତେକଙ୍କ ଘରକୁ ପାଣି ସଂଯୋଗ ନଥିବାରୁ ସେମାନେ ଶୌଚାଳୟ ବ୍ୟବହାର କରୁନାହାନ୍ତି। ସ୍ୱାଧୀନ ସଂସ୍ଥା ପକ୍ଷରୁ କରାଯାଇଥିବା ଅନୁଧ୍ୟାନ ପରେ ସାଧାରଣ ଜନତାଙ୍କ ଭିତରେ ସ୍ୱଚ୍ଛତା ନେଇ ବିଶେଷ ସଚେତନତାର ଅଭାବରୁ ପରିମଳ ଲକ୍ଷ୍ୟପୂରଣ ହୋଇପାରୁ ନଥିବା ଜଣାପଡିଥିଲା। ଏହାନୁହେଁ କି ପୂର୍ବରୁ ଜନସଚେତନତା ସୃଷ୍ଟି, ପରିମଳ ନେଇ

ପ୍ରଚାର ପ୍ରସାର, ଲୋକଙ୍କୁ ଏଦିଗରେ ଶିକ୍ଷାପ୍ରଦାନ ଲାଗି ବଜେଟ୍ ବରାଦ କରାଯାଉନଥିଲା; ମାତ୍ର ଏହା ଖର୍ଚ୍ଚ ହୋଇପାରୁ ନଥିଲା ଏବଂ ରାଜ୍ୟ ସରକାରମାନଙ୍କର ଏଥିପ୍ରତି ବିଶେଷ ଆନ୍ତରିକତା ରହୁନଥିଲା। ଶୌଚାଳୟଟିଏ ନିର୍ମାଣ କରିଦେଲେ କଥା ସରିଲା ଏଭଳି ମାନସିକତା ପ୍ରଶାସନିକ ସ୍ତରରେ ରହିଥିଲା। ଏସବୁ ଅନୁଭବ ଓ ଶିକ୍ଷାକୁ ନେଇ ପ୍ରସ୍ତୁତ ହୋଇଥିଲା ସ୍ୱଚ୍ଛ ଭାରତ ଅଭିଯାନ(ଏସ୍‌ବିଏମ୍)। ଏଥିରେ ଟଏଲେଟ୍ ନିର୍ମାଣକୁ ଗୁରୁତ୍ୱ ଦିଆଯିବା ସହ ଲୋକଙ୍କ ଭିତରେ ସ୍ୱଚ୍ଛତା ନେଇ କିଭଳି ସଚେତନତା ସୃଷ୍ଟି କରାଯିବ ସେ ଦିଗରେ ବିଶେଷ ଧ୍ୟାନ ଦିଆଗଲା। ସ୍ୱଚ୍ଛତା ଓ ଶୌଚାଳୟ ନେଇ ସାଧାରଣରେ ଥିବା ମାନସିକତା ଓ ବ୍ୟବହାରକୁ ପରିବର୍ତ୍ତନ କରିବା ଲାଗି ଅଭିଯାନ ବ୍ୟାପକ ଢଙ୍ଗରେ ଚାଲିଲା। ମହିଳାଙ୍କ ଆତ୍ମସମ୍ମାନ ଓ ସ୍ୱାଭିମାନ ସହ ଶୌଚାଳୟକୁ ଗ୍ରାମାଞ୍ଚଳରେ ଯୋଡାଯାଇ ଜନସଚେତନତା ସୃଷ୍ଟି କରାଗଲା। ୨ ଅକ୍ଟୋବର ୨୦୧୪ରୁ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ମିଶନର ଶୁଭାରମ୍ଭ କରି ଏହାକୁ ଜନଆନ୍ଦୋଳନରେ ପରିଣତ କରିବାକୁ ପ୍ରତି ସଭା ମଞ୍ଚରୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ। ସ୍ୱଚ୍ଛ ଭାରତ ମିଶନ କ୍ଷେତ୍ରରେ ଗ୍ରାମୀଣ(ଏସବିଏମ-ଜି)କୁ ବିଶେଷ ପ୍ରାଧାନ୍ୟ ଦିଆଗଲା। ଏହି ମିଶନରେ ସୂଚନା (ଇନ୍‌ଫରମେସନ୍), ଶିକ୍ଷା (ଏଡୁକେସନ୍) ଏବଂ ଯୋଗାଯୋଗ (କମ୍ୟୁନିକେସନ୍) ଅର୍ଥାତ୍ 'ଆଇଇସି'କୁ ବିଶେଷ ଗୁରୁତ୍ୱ ଦିଆଗଲା। ଏହାବ୍ୟତୀତ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏଥିରେ ବ୍ୟାବହାରିକ ପରିବର୍ତ୍ତନ ଯୋଗାଯୋଗ (ବିସିସି)କୁ ସର୍ବାଧିକ ପ୍ରାଥମିକତା ଦିଆଗଲା। କାରଣ ଲୋକଙ୍କ ଭିତରେ ପରିବର୍ତ୍ତନ ନ ଆସିଲେ କୌଣସି ଯୋଜନା ସଫଳ ହୋଇପାରିବନି। ସ୍ୱଚ୍ଛତା ନେଇ ବିଳମ୍ବରେ ହେଲେ ବି ସରକାର ଏହାକୁ ବୁଝିଲେ।

ପୂର୍ବ ଅନୁଭବରୁ ମିଳିଥିବା ଶିକ୍ଷାନୁଯାୟୀ, ଏସବିଏମ-ଜି ଲାଗି ମାର୍ଗଦର୍ଶିକା ପ୍ରସ୍ତୁତ ହୋଇ ୨୦୧୪ରେ କାର୍ଯ୍ୟକାରୀ କରାଯାଇଥିଲା। ପ୍ରତି ଗାଁକୁ ବାହ୍ୟମଳମୁକ୍ତ କରିବା ଲାଗି ସଂପୃକ୍ତ ଗ୍ରାମପଞ୍ଚାୟତକୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ଗ୍ରହଣ କରାଗଲା। ତଦନୁଯାୟୀ ଯୋଜନା ପ୍ରସ୍ତୁତ ସହ ଏହାର ରୂପାୟନ କରାଗଲା। 'ଆଇଇସି' କାର୍ଯ୍ୟକ୍ରମ ଲାଗି ଆବଣ୍ଟିତ ପାଣ୍ଠି ସଂପୃକ୍ତ ଗ୍ରାମ ପଞ୍ଚାୟତ ଗୁଡିକୁ ପ୍ରଦାନ କରାଯିବା ସହ ଏନେଇ ନିରନ୍ତର ସମୀକ୍ଷା ଓ ପଦକ୍ଷେପ ଯୋଗୁଁ ଲୋକଙ୍କ ଭିତରେ ଏକ ସାମାଜିକ ଓ ବ୍ୟାବହାରିକ ପରିବର୍ତ୍ତନ ଆସିପାରିଛି। ଶୌଚାଳୟ ନିର୍ମାଣ ଲାଗି ଯିଏ ଦାବି କରିଛି ତାହାକୁ ପୂରଣ କରିବାକୁ ସରକାର ଅଗ୍ରାଧିକାର ଭିତରେ ପଦକ୍ଷେପ ନେଉଛନ୍ତି। ବିଶେଷକରି ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ସଫେଇ ସେବା (ୱାସ୍ ସର୍ଭିସ) ଲାଗି ମଧ୍ୟ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଜରିଆରେ ପାଣ୍ଠି ପ୍ରଦାନ କରାଗଲା।

'ଏସବିଏମ-ଜି'ର ଆଭିମୁଖ୍ୟ ଥିଲା ଯୋଜନାର କାର୍ଯ୍ୟାନ୍ୱୟନ ନେଇ କୌଣସି ପ୍ରକାର ପ୍ରତିବନ୍ଧନ ନରଖିବା। ଏଥିପାଇଁ ବ୍ୟବସ୍ଥାରେ ସମସ୍ତ ସ୍ୱାଧୀନତା ପ୍ରଦାନ କରିବା। ଏଥିପାଇଁ ନିଆଯାଇଥିବା କେତେକ ପଦକ୍ଷେପ ମଧ୍ୟରେ-

- ଦୃଢ ଜନଭାଗିଦାରୀ ଓ ରାଜନୈତିକ ଇଚ୍ଛାଶକ୍ତି ବୃଦ୍ଧି ଲାଗି ଗତ ୫ ବର୍ଷ ଧରି ପ୍ରଧାନମନ୍ତ୍ରୀଙ୍କ ନିରଳସ ପ୍ରୟାସ।
- ପାଖାପାଖି ଏକ ଲକ୍ଷ କୋଟି ଟଙ୍କା ବିନିଯୋଗ କରି ୧୦ କୋଟି ପରିବାର ପାଇଁ ଶୌଚାଳୟ ନିର୍ମାଣ



କରିବା କ୍ଷେତ୍ରରେ ଆବଶ୍ୟକ ପାଣ୍ଠି ଯୋଗାଣରେ କୌଣସି ସମସ୍ୟା ନ ରଖିବା । ଏହି କାମ ଲାଗି ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦିଆଯିବା ଗୁରୁତ୍ୱପୂର୍ଣ୍ଣ ଥିଲା ।

● ଜିଲାସ୍ତରରେ ଏହି ମିଶନରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀଙ୍କୁ ବିଶେଷ ପରିସ୍ଥିତିରେ ନିଷ୍ପତ୍ତି ନେବାର ସ୍ୱତନ୍ତ୍ର କ୍ଷମତା ଦିଆଯାଇଥିଲା । କିଭଳି ଅଭିଯାନକୁ ସଫଳ କରାଯିବ ଓ ଜନତାଙ୍କ ବ୍ୟାବହାରିକ ଆଭିମୁଖ୍ୟ ବଦଳିବ ଏବଂ ସେମାନେ ଶୌଚାଳୟ ବ୍ୟବହାର କରିବେ ସେଥିଉପରେ ଫୋକସ୍ କରାଯାଇଥିଲା । ଗ୍ରାମାଞ୍ଚଳର ଲୋକମାନେ ଏହାକୁ ବ୍ୟବହାର କରୁଛନ୍ତି କି ନାହିଁ, ସେମାନଙ୍କ ପୂର୍ବ ମାନସିକତାରେ ପରିବର୍ତ୍ତନ ଆସିପାରିଛି କି ନାହିଁ ସେ ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବହୁସଂଖ୍ୟାରେ ଲୋକଙ୍କୁ ଏକାଠି କରି ସେମାନଙ୍କୁ ଏଥିପାଇଁ ସଚେତନତ କରାଇବାର ପ୍ରୟାସ ମଧ୍ୟ କରାଯାଇଥିଲା ।

● ମିଶନରେ ଥିବା ହାର୍ଡୱେ଼ର (ଅର୍ଥାତ୍ ଶୌଚାଳୟ ନିର୍ମାଣ) ସହିତ ସଫ୍ଟୱେ଼ର (ଅର୍ଥାତ୍ ଜନତାଙ୍କ ମାନସିକତା ପରିବର୍ତ୍ତନ) ଉଭୟକୁ ସମାନୁପାତିକ ଢଙ୍ଗରେ ବିକଶିତ କରାଯାଇଥିଲା । ଏଥିସହିତ କୌଣସି ଗୋଟିଏ ପରିବାର ଯେମିତି ବାଦ୍ ନ ପଡିବେ ସେଥିପ୍ରତି ଧ୍ୟାନ ଦିଆଯାଇଥିଲା । ଏହାଦ୍ୱାରା ଗ୍ରାମ ଓ ପଞ୍ଚାୟତକୁ ବାହ୍ୟମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇପାରିଛି ।

● ସ୍ୱଚ୍ଛତା ନେଇ ଗୋଷ୍ଠୀ ଆଭିମୁଖ୍ୟରେ ପରିବର୍ତ୍ତନ (ସିଏଏସ) ପଦ୍ଧତିକୁ ବ୍ୟବହାର କରି ଲୋକଙ୍କ ଭାବନା ସହ ସ୍ୱଚ୍ଛତା କିଭଳି ଜଡିତ ତାହାକୁ ପ୍ରଦର୍ଶିତ କରାଯାଇଥିଲା । ଲୋକଙ୍କୁ ଫୁସୁଲେଇ ଫାସଲେଇ ନୁହେଁ; ବରଂ ଏହା ସେମାନଙ୍କ ସ୍ୱାସ୍ଥ୍ୟ ଓ ସମୃଦ୍ଧି ଲାଗି ଏକ ଆବଶ୍ୟକତା ଏହାକୁ ବୁଝାଇବାରେ ସରକାର ସଫଳ ହୋଇଥିଲେ ।

● ବିଶେଷକରି ଏହି କାର୍ଯ୍ୟକ୍ରମରେ ମହିଳା, ଅନୁସୂଚୀତ ଜାତି, ଜନଜାତିବର୍ଗଙ୍କୁ ସାମିଲ କରିବା ଲାଗି ବିଶେଷ ପ୍ରୟାସ କରାଯାଇଥିଲା । କାର୍ଯ୍ୟକ୍ରମ ତଥା ମିଶନକୁ କିଭଳି ଅଧିକ ବିଜ୍ଞାନ ସମ୍ମତ କରିବା, କେତେକ ସ୍ୱତନ୍ତ୍ର ଆଭିମୁଖ୍ୟ ପ୍ରତି ଅଧିକ ଯତ୍ନବାନ ରହିବା ଏବଂ ମାର୍ଗଦର୍ଶିକା ଅନୁଯାୟୀ ପ୍ରୋତ୍ସାହିତ ହୋଇ ଯୋଜନାକୁ ସଫଳ କରିବା ଥିଲା ସ୍ୱଚ୍ଛ ଭାରତ ମିଶନର ଲକ୍ଷ୍ୟ ଓ ଆଭିମୁଖ୍ୟ ।

ସମସ୍ତଙ୍କୁ ଏହି ସେବା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ ଗ୍ରାମ ପଞ୍ଚାୟତ । ଏହାକୁ ପ୍ରଭାବୀ କରିବା ଲାଗି ପଞ୍ଚାୟତିରାଜ ବିଭାଗର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ବିଶେଷକରି ସ୍ୱଚ୍ଛ ଭାରତ ଗ୍ରାମୀଣକୁ ଲକ୍ଷ୍ୟ ରଖି ଯୋଜନା ପ୍ରସ୍ତୁତ ହୋଇଥିଲା । ସମ୍ବିଧାନର ୭୩ତମ ସଂଶୋଧନରେ ପ୍ରତ୍ୟେକ ନାଗରିକଙ୍କୁ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଯୋଗାଇବା ସରକାରଙ୍କ ଦାୟିତ୍ୱ ବୋଲି ସ୍ଥିର ହୋଇଛି । ତେଣୁ ଏଦିଗରେ ପଞ୍ଚାୟତିରାଜ ପ୍ରତିଷ୍ଠାନ ଗୁଡିକ ବିଶେଷକରି ଗ୍ରାମ ପଞ୍ଚାୟତକୁ ବିଶେଷ ଗୁରୁତ୍ୱ ଦିଆଗଲା । ପୂର୍ବରୁ ଜିଲ୍ଲା ଅଧିକାରୀମାନଙ୍କ ଠାରେ ଏ ଦିଗରେ ଅଧିକ ହସ୍ତକ୍ଷେପ ଓ ଟାଳଟୁଳ ନୀତି ଦେଖାଯାଉଥିଲା । ଜିଲା ସ୍ତରରୁ ଯୋଜନାକୁ ପଞ୍ଚାୟତ ସ୍ତରକୁ ଅଣାଯିବାରୁ ଏହାର ସୁଫଳ ମିଳିପାରିଲା । ଗ୍ରାମ ପଞ୍ଚାୟତ ଗୁଡିକରେ ୩-ଏଫ (ଫଣ୍ଡ-ପାଣ୍ଠି, ଫଙ୍କ୍ସନାରୀ- ଅଧିକାରୀ ଓ ଫଙ୍କ୍ସନ- କାର୍ଯ୍ୟ ରୂପାୟନ) ଉପରେ ପର୍ଯ୍ୟବସିତ ଥିଲା । ଜାତୀୟ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ମାର୍ଗଦର୍ଶିକା ୨୦୧୮କୁ 'ୱାସ୍' (ୱାଟର, ସାନିଟେସନ୍ ଆଣ୍ଡ ହାଇଜିନ୍) ସହିତ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏକାଠି କାର୍ଯ୍ୟକାରୀ କରାଇ ଏନେଇ



ଅଧିକ ପାଣି ପ୍ରଦାନ କରୁଛି। ଏପରିକି ଜିପିଡିପି କାର୍ଯ୍ୟକ୍ରମ ଲାଗି ପାଣି ମଧ୍ୟ ଏସବିଏମ୍ ବଜେଟ୍‌ରୁ ବରାଦ କରାଯାଇ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଇଛି।

ପୂର୍ବରୁ ଅନେକ ଉଦ୍ୟମ କରାଯାଇଥିଲେ ମଧ୍ୟ ସେଥିରେ ଅନେକ ଆଦର୍ଶଗତ ସମସ୍ୟା ରହିଯାଇଥିଲା। ଏପରିକି କେନ୍ଦ୍ର ମନ୍ତ୍ରଣାଳୟ ତରଫରୁ ମଧ୍ୟ ଏହାକୁ ସୁଧାରିବା ଲାଗି ଅନେକ ମାର୍ଗଦର୍ଶିକା ଜାରି କରାଯାଇଥିଲା। ବିଶେଷକରି ପୂର୍ବର ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଏହି ମାର୍ଗଦର୍ଶିକା ଗ୍ରାମ ପଞ୍ଚାୟତ ଗୁଡିକୁ ଯୋଜନାର ସଠିକ୍ ରୂପାୟନ ଲାଗି ଜାରି କରିଥିଲା। ତେବେ ସବୁକିଛି ନିର୍ଭରଶୀଳ ଥିଲା ରାଜ୍ୟ ସରକାରମାନେ ଏହାକୁ କିଭଳି ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ଗ୍ରାମ ପଞ୍ଚାୟତ ଗୁଡିକ ଶୌଚାଳୟ ନିର୍ମାଣ କ୍ଷେତ୍ରରେ ଏକ ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଥିଲେ। ହିତାଧିକାରୀ ପରିବାରର ପ୍ରତିନିଧିତ୍ୱ ସାଜି ନିର୍ମାଣ ପାଇଁ କଞ୍ଚାମାଲ ଯୋଗାଣ ଠାରୁ ଆରମ୍ଭ କରି ଶ୍ରମିକ ଓ ସ୍ୱଚ୍ଛାଗ୍ରହୀମାନଙ୍କୁ ତାଲିମ ପ୍ରଦାନର ଦାୟିତ୍ୱ ନେଉଥିଲେ। ହେଲେ ତାହାର ସଠିକ୍ ରୂପାୟନ କରିପାରୁ ନ ଥିଲେ। ପ୍ରକୃତରେ ହିତାଧିକାରୀ ଏହାର ଫାଇଦା ପାଉଥିଲେ କି ନାହିଁ ତାହା ରାଜ୍ୟ ତଥା କେନ୍ଦ୍ର ସରକାର ଜାଣିପାରୁ ନ ଥିଲେ; ମାତ୍ର ସଂପ୍ରତି ପ୍ରତି ହିତାଧିକାରୀ ପରିବାର ସହ କେନ୍ଦ୍ର ସରକାର ସିଧାସଳଖ ନିଜକୁ ସଂଯୋଗ କରିବାକୁ ସକ୍ଷମ ହେବାରୁ ଯୋଜନାର ରୂପାୟନ ସଠିକ୍ ରୂପେ କରାଯାଇପାରୁଛି। ଏପରିକି ମଧ୍ୟସ୍ଥତାରାଜକୁ ଧୀରେ ଧୀରେ ମୁକ୍ତ କରାଯାଇପାରିଛି। ଏବେ ସିଧାସଳଖ ପଞ୍ଚାୟତ କିଭଳି ଯୋଜନା ରୂପାୟନ କରୁଛି ଓ କେଉଁ କେଉଁ କ୍ଷେତ୍ରରେ ପ୍ରତିବନ୍ଧକ ରହୁଛି, ପ୍ରକଳ୍ପ କେତେବାଟ ଆଗେଇଛି ତାହା ସରକାର ଜାଣିପାରୁଛନ୍ତି ଓ ଏସବୁର ତୁରନ୍ତ ସମାଧାନ କରିପାରୁଛନ୍ତି।

**ଗ୍ରାମପଞ୍ଚାୟତକୁ ମୁଖ୍ୟ ଭୂମିକା ପ୍ରଦାନ**

ରାଜ୍ୟ ଗୁଡିକର ଶୌଚାଳୟ ନିର୍ମାଣ ପ୍ରତି ଆଗ୍ରହ ଥାଉ କି ନଥାଉ, ଗ୍ରାମ ପଞ୍ଚାୟତକୁ କିନ୍ତୁ ଏକ୍ଷେତ୍ରରେ ମୁଖ୍ୟ ଭୂମିକା ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର। ପଞ୍ଚାୟତ ଗୁଡିକ ଏବେ ସ୍ୱଚ୍ଛ ଭାରତ ମିଶନ କ୍ଷେତ୍ରରେ ଗୁରୁଦାୟିତ୍ୱ ତୁଲାଉଛନ୍ତି। ପଞ୍ଚାୟତ ନେତୃତ୍ୱରେ ପ୍ରଗତିଶୀଳ

## ଓଡ଼ିଏଫ ପ୍ଲସ୍: କେଉଁ କ୍ଷେତ୍ରକୁ ଅଧିକ ଗୁରୁତ୍ୱ

- ପ୍ରତିଟି ପରିବାର ନିରନ୍ତର ଶୌଚାଳୟ ବ୍ୟବହାର କରିବା (ଆଇଏଚଏଚଏଲ)
- କୌଣସି ପରିବାର ତଥା ଘର ଯେଭଳି ଶୌଚାଳୟ ପାଇବାରୁ ବଞ୍ଚିତ ନ ରୁହେ ସେଥିପାଇଁ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା(ଏଚଏଚ)।
- ସର୍ବସାଧାରଣ ଓ ଗୋଷ୍ଠୀଗତ ଶୌଚାଳୟ ନିର୍ମାଣ କରି ସର୍ବସାଧାରଣରେ ପରିମଳ ବ୍ୟବସ୍ଥାକୁ ସୁରକ୍ଷିତ କରିବା।
- ଗ୍ରାମୀଣ ଇଲାକାରେ କମ୍ପୋଷ୍ଟ ପିଟ୍ ନିର୍ମାଣ କରି, ବର୍ଜ୍ୟ ପରିଚାଳନା ସୁବିଧା ଉପଲବ୍ଧ କରାଇ କଠିନ ଓ ତରଳ ବର୍ଜ୍ୟର ସୁପରିଚାଳନା (ଏସ୍ଏଲଡବ୍ଲ୍ୟୁଏମ୍)କୁ ସୁନିଶ୍ଚିତ କରାଇବା।
- କଠିନ, ତରଳ ବର୍ଜ୍ୟ ପରିଚାଳନା ସହ ସ୍ୱଚ୍ଛତା ଯେଭଳି ସର୍ବତ୍ର ପରିଦୃଶ୍ୟମାନ ହେବ ସେଥିପ୍ରତି ପ୍ରମୁଖ ଦୃଷ୍ଟି ରଖିବା।

ନିବେଶ ଏଦିଗରେ କରାଯାଉଛି। ପରିମଳ ସଂକ୍ରାନ୍ତ ପୂର୍ବ ଯୋଜନା ଓ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକାରୀ କରିବାରେ ସ୍ଥାନୀୟ ନେତୃତ୍ୱଙ୍କ ଭୂମିକା ବେଶ୍ ପାରଦର୍ଶୀ ରହିଛି। ସେମାନଙ୍କ ଦିଗ୍‌ଦର୍ଶନ ଦ୍ୱାରା ଗ୍ରାମୀଣ ପରିବାରର ହିତାଧିକାରୀମାନେ ପ୍ରଭାବିତ ହେଉଛନ୍ତି। ପୂର୍ବରୁ ଘରେ ଶୌଚାଳୟ ନିର୍ମାଣକୁ ନେଇ ରହିଥିବା ସାମାଜିକ ମନୋଭାବ ଓ ଲୋକଙ୍କ ବ୍ୟାବହାରିକତାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ସେମାନେ ଶୌଚାଳୟକୁ ଏକ ମୌଳିକ ଆବଶ୍ୟକତା ରୂପେ ଗ୍ରହଣ କରିନେଇଛନ୍ତି। ଏଭଳି ଯୋଜନା ଓ ପଞ୍ଚାୟତ ଗୁଡିକର ପ୍ରୋତ୍ସାହନ ଯୋଗୁଁ ୧୦ କୋଟି ପରିବାରକୁ ସୁରକ୍ଷିତ ପରିମଳ ବ୍ୟବସ୍ଥା ଉପଲବ୍ଧ କରିବାରେ କେନ୍ଦ୍ର ସରକାର ସଫଳ ହୋଇପାରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୧୦ କୋଟି ପରିବାରକୁ ଏଭଳି ବ୍ୟବସ୍ଥା ପ୍ରଦାନ ସହ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁମାନଙ୍କୁ ଶୌଚାଳୟ ପ୍ରଦାନ କରାଯାଇଛି ସେମାନେ କିଭଳି ଏହାକୁ ବ୍ୟବହାର କରିବେ, ଏହାର ଉଚିତ ରକ୍ଷଣାବେକ୍ଷଣ କରିବେ ସେଦିଗରେ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପୁରୁଣା ତଥା ଭାଙ୍ଗିରୁଜି ଯାଇଥିବା ଶୌଚାଳୟ ଗୁଡିକର ମରାମତି କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ପରିମଳ ଚକ୍ରର ପରବର୍ତ୍ତୀ ପଦକ୍ଷେପ ହେଉଛି ଏନେଇ ଏକ ବ୍ୟାବହାରିକ ପରିବର୍ତ୍ତନ ଆଣିବା ସହ ଏକ ଅନୁକୂଳ ପରିବେଶ ଦେଶବ୍ୟାପୀ ସୃଷ୍ଟି କରିବା। ସ୍ୱଚ୍ଛତାକୁ ଘରେ ଘରେ ଓ ବ୍ୟକ୍ତିର ଅସ୍ଥିମଜ୍ଜାଗତ କରାଇବା ପାଇଁ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ଓ ସୁଦୂରପ୍ରସାରୀ ଯୋଜନା ରହିଛି। ସେଇଥିପାଇଁ ୨୦୧୮ରେ ଭାରତ ସରକାର ଜିପିଡିପି ଗାଇଡ୍‌ଲାଇନ୍‌ରେ ସ୍ୱତନ୍ତ୍ର ରୂପେ 'ପରିମଳ, କଠିନ ବର୍ଜ୍ୟ ପରିଚାଳନା, ପାନୀୟ ଜଳ ଆଦି କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ କରିଛନ୍ତି। ଏନେଇ ରାଜ୍ୟ ସ୍ତରୀୟ ମାର୍ଗଦର୍ଶିକାରେ ମଧ୍ୟ କେତେକ ସଂଶୋଧନ କରାଯାଇଛି। ଯାହାକି ଦୀର୍ଘସ୍ଥାୟୀ ବାହ୍ୟମଳମୁକ୍ତ ଗାଇଡ୍ ଲାଇନ୍‌ରେ ପ୍ରତିଧ୍ୱନିତ୍ୱ ହୋଇପାରିଛି।

କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ଆଗାମୀ ୧୦ ବର୍ଷ ଲାଗି ଗ୍ରାମୀଣ ପରିମଳ ରଣକୌଶଳ ପାଇଁ ୨୦୧୯ ସେପ୍ଟେମ୍ବର ସୁଦ୍ଧା ଏକ ନୂତନ ପର୍ଯ୍ୟାୟର ଗାଇଡ୍‌ଲାଇନ୍ ପାଇଁ ଚିଠା ପ୍ରସ୍ତୁତ କରିସାରିଛି। ୨୦୨୯ ସୁଦ୍ଧା କିଭଳି ପରିମଳକୁ ଦେଶବ୍ୟାପୀ ଦୀର୍ଘସ୍ଥାୟୀ ଭିତ୍ତିରେ ସୁନିଶ୍ଚିତ କରାଯିବ ଏବଂ ଏହାର ଅଧିକ ବିକାଶ କରାଯିବ ସେଥିନେଇ ନୀତି ପ୍ରସ୍ତୁତି ହୋଇଛି। ଏହା କେନ୍ଦ୍ର, ରାଜ୍ୟ, ସ୍ଥାନୀୟ ସରକାର, ନୀତି ନିର୍ଦ୍ଧାରକ, ରୂପାୟନକାରୀ ଏବଂ ଅନ୍ୟ ସମସ୍ତ ଅଂଶୀଦାରଙ୍କୁ ନେଇ କରାଯାଇଛି। ବାହ୍ୟ ମଳମୁକ୍ତ ହେବା ପରେ ମଧ୍ୟ ସ୍ୱଚ୍ଛତା ନେଇ ଆଉ ଅଧିକ କ'ଣ କରାଯାଇପାରିବ ସେଥିପାଇଁ ବିଚାର ବିମର୍ଶ ଚାଲିଛି। ଯାହାକି 'ଓଡିଏଫ ପ୍ଲସ୍' (ଓପନ୍ ଡେଫିକେସନ୍ ଫ୍ରି-ପ୍ଲସ୍) କୁହାଯାଉଛି। ଚିଠାନୀତି ଅନୁଯାୟୀ, ଓଡିଏଫ ପ୍ଲସ୍ ହେଉଛି କିଭଳି ବାହ୍ୟମଳମୁକ୍ତ ମାନସିକତାକୁ

ଲୋକଙ୍କ ମନରେ ଦୀର୍ଘସ୍ଥାୟୀ କରାଯିବ, ପ୍ରତିଟି ଗ୍ରାମ କଠିନ ଓ ତରଳ ବର୍ଜ୍ୟର ସୁପରିଚାଳନା କରିପାରିବେ, ଏପରିକି ଏହାର ପୁନଃଉପଯୋଗୀକରଣ ହୋଇପାରିବ ସେଥିପ୍ରତି ଏଥିରେ ଗୁରୁତ୍ୱ ଦିଆଯାଇଛି। ଓଡିଏଫ ପ୍ଲସ୍ ଭଳି ଦୀର୍ଘମିଆଦୀ ଦୂରଦୃଷ୍ଟି ନେଇ ଭାରତ ଏବେ କାର୍ଯ୍ୟ କରୁଛି। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)-୬ ହାସଲ ଲାଗି ଭାରତ ପାଇଁ ଏହା ଏକ ଜରୁରୀ ଆବଶ୍ୟକତା। ୨୦୩୦ ସୁଦ୍ଧା ଏହାକୁ ହାସଲ କରିବା ଲାଗି ରଣନୀତି ଗ୍ରହଣ କରାଯାଉଛି। ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥାକୁ ସୁଦୃଢ ତଥା ଉନ୍ନତ କରିବା, ସମାଜରେ ସ୍ୱଚ୍ଛତାକୁ ନେଇ ଏକ ସୁସ୍ଥ ବାତାବରଣ ତିଆରି କରିବା, ମହିଳା, ବାଳିକାମାନଙ୍କ ଆତ୍ମସମ୍ମାନ ଓ ସ୍ୱାଭିମାନକୁ ଦୃଷ୍ଟିରେ ରଖି ସେମାନଙ୍କ ପ୍ରତି ଏକ୍ଷେତ୍ରରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବା ଉପରେ ସରକାର ଧ୍ୟାନ କେନ୍ଦ୍ରିତ କରୁଛନ୍ତି।

ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ (ଏସବିଏମ-ଜି)ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଭାରତୀୟଙ୍କ ଲାଗି ପରିମଳ ବ୍ୟବସ୍ଥାକୁ ଅଧିକ ସୁଦୃଢ, ସୁରକ୍ଷିତ କରିବା। କଠିନ ଓ ତରଳ ବର୍ଜ୍ୟର ଉତ୍ତମ ପରିଚାଳନା କରି ସମସ୍ତଙ୍କୁ ଏକ ସ୍ୱଚ୍ଛ ଜୀବନଯାପନର ପରିବେଶ ସୁନିଶ୍ଚିତ କରାଇବା।

ସମସ୍ତ ଗାଁରେ ଏସଏଲଡବ୍ଲ୍ୟୁଏମ୍‌କୁ କାର୍ଯ୍ୟକାରୀ କରିବା ଲାଗି ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଏବେ କେନ୍ଦ୍ର ଭାବେ ଗ୍ରହଣ କରିବାକୁ ନୂତନ ଚିଠା ପ୍ରସ୍ତାବରେ ବ୍ୟବସ୍ଥା ରହିଛି। ଯୋଜନାର ସଠିକ୍ ରୂପାୟନ ଲାଗି ତୃଣମୂଳ ସ୍ତରର ପ୍ରସ୍ତାବ ଓ ବିଚାରକୁ ଗ୍ରହଣ କରି ତଦନୁଯାୟୀ ନୀତି ପ୍ରସ୍ତୁତ ହେବା ଦରକାର। କୌଣସି ନିଷ୍ପତ୍ତିକୁ ଜୋରଜବରଦସ୍ତି ଥାପିଦେଲେ ତାହା ଲକ୍ଷ୍ୟହାସଲ ଠାରୁ ଦୂରେଇ ଯାଏ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଏହି ନୂତନ ରଣନୀତି ଗ୍ରାମାଞ୍ଚଳର ସହଯୋଗରେ ପ୍ରସ୍ତୁତ କରିଛି। ତୃଣମୂଳ ସ୍ତରରୁ ପ୍ରସ୍ତାବ ଆଣି ତାହାକୁ ଯୋଜନାରେ ରୂପାୟନ କରିବାକୁ ଉଦ୍ୟମ କରିବା ଦ୍ୱାରା ଶାସନ ଓ ପ୍ରତିଷ୍ଠାନ ସ୍ତରୀୟ ବିକେନ୍ଦ୍ରୀକରଣ ବ୍ୟବସ୍ଥା ମଧ୍ୟ ମଜବୁତ୍ ହୋଇପାରିବ। ଚିଠାନୀତିରେ ଏପରି ଏକ ପର୍ଯ୍ୟାୟ ରହିଛି, ତାହାହେଲା- "ଡିସେଣ୍ଟ୍ରାଲାଇଜ୍ ଗଭର୍ଣ୍ଣାନ୍ସ ଆଣ୍ଡ ଇନ୍‌ଷ୍ଟିଚ୍ୟୁସନାଲ ଷ୍ଟ୍ରକ୍‌ଚର"। ଏଥିରେ ପଞ୍ଚାୟତ ଗୁଡିକ କିଭଳି ଉତ୍ତରଦାୟିତ୍ୱ ସଂପନ୍ନ ହୋଇ ସମନ୍ୱିତ ଢଙ୍ଗରେ କାର୍ଯ୍ୟ କରିବେ ସେଥିନେଇ ବିସ୍ତୃତ ରୂପରେଖ ରହିଛି। ତୃଣମୂଳ ସ୍ୱଚ୍ଛାଗ୍ରହୀଙ୍କ ଜଳ ପରିଚାଳନା ଓ ପରିମଳ ସଂକ୍ରାନ୍ତ ଭୂମିକା ଓ ଉତ୍ତରଦାୟିତ୍ୱ ସଂପର୍କରେ ସବିଶେଷ ଅବଗତ କରାଇବା ଏହାର ଉଦ୍ଦେଶ୍ୟ। ବାହ୍ୟମଳମୁକ୍ତ ଓ ବର୍ଜ୍ୟ ପରିଚାଳନାକୁ ନେଇ କିଭଳି ସମସ୍ତପକ୍ଷ ମିଳିତ ଭାବେ କାର୍ଯ୍ୟ କରିବେ ଏବଂ ଏନେଇ ଆବଣ୍ଟିତ ଅର୍ଥର ସୁବିନିଯୋଗ କରାଯାଇପାରିବ, ଏପରିକି ସଠିକ୍ ସମୟରେ ମନ୍ତ୍ରଣାଳୟ ଓ ବିଭାଗ ଅର୍ଥ ପ୍ରଦାନ ସହ କାର୍ଯ୍ୟକ୍ରମ ସମୀକ୍ଷା କରିବେ ସେଥିପ୍ରତି ନୂତନ ଚିଠା ନୀତିରେ ଯତ୍ନଶୀଳତା ପ୍ରଦର୍ଶନ କରାଯାଇଛି। ଘରୋଇ କ୍ଷେତ୍ର, ଲୋକସମାଜ, ଶିକ୍ଷା ପ୍ରତିଷ୍ଠାନଗୁଡିକୁ ଏହି ବିକାଶମୂଳକ କାର୍ଯ୍ୟରେ ଭାଗିଦାରୀ ଓ ସହଯୋଗୀ କରିବା ନିମନ୍ତେ ପ୍ରୟାସ କରାଯାଉଛି।

ସହରାଞ୍ଚଳରେ ମଳ ଉପଚାର ଲାଗି ଏସଟିଏଫ ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଏଠାରେ କଠିନ ଓ ତରଳ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ଦୃଢ ରହିଥିବାବେଳେ ଗ୍ରାମାଞ୍ଚଳରେ ଏହି ବ୍ୟବସ୍ଥା ନାହିଁ। ତେଣୁ ଗ୍ରାମାଞ୍ଚଳରେ ସ୍ଥାନୀୟ ବ୍ୟବସ୍ଥା ଓ ସୁବିଧା ସୁଯୋଗକୁ ଉପଯୋଗ କରି କଠିନ ଓ ତରଳ ବର୍ଜ୍ୟର ସୁପରିଚାଳନା ଉପରେ ଦୀର୍ଘସ୍ଥାୟୀ ପଦକ୍ଷେପ ନେବାକୁ ଚିଠା ନୀତି ପ୍ରସ୍ତୁତ ହୋଇଛି। ବିଶେଷକରି ପଞ୍ଚାୟତ ସ୍ତରରୁ ଏହାକୁ ସୁଦୃଢ କରିବାର ବ୍ୟବସ୍ଥା କରାଯାଉଛି। କେବଳ ମଳ ପରିଚାଳନା ସମାଧାନ ନୁହେଁ; ଅନ୍ୟାନ୍ୟ ଆବର୍ଜନା ପରିଚାଳନା କ୍ଷେତ୍ରରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଲାଗି ବିଚାର କରାଯାଇଛି। ବିଶେଷକରି ମହିଳା ଓ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବ୍ୟବହୃତ୍ ସାନିଟାରୀ ପ୍ୟାଡ୍ ବର୍ଜ୍ୟକୁ ପରବର୍ତ୍ତୀ ସମୟରେ ଏଣେ ତେଣେ ନ ଫିଙ୍ଗି ତା'ର ଉପଯୁକ୍ତ ପରିଚାଳନା, ନଳା ଓ ଅନ୍ୟାନ୍ୟ ମଇଳା ପାଣି, କମ୍ପୋଷ୍ଟର ପୁନଃପରିଚାଳନା ଉପରେ ଗ୍ରାମାଞ୍ଚଳରେ

ଗତ ୩୫ ବର୍ଷ ଭିତରେ ସରକାର ପରିମଳ ବ୍ୟବସ୍ଥାକୁ ମଜବୁତ୍ କରିବା ଲାଗି ଏକାଧିକ କାର୍ଯ୍ୟକ୍ରମ ଗ୍ରହଣ କରିସାରିଛନ୍ତି। ୧୯୮୬ ମସିହାରୁ ସେଣ୍ଟ୍ରାଲ ରୁରାଲ ସାନିଟେସନ୍ ପ୍ରୋଗ୍ରାମ ଅର୍ଥାତ୍ କେନ୍ଦ୍ରୀୟ ଗ୍ରାମୀଣ ପରିମଳ କାର୍ଯ୍ୟକ୍ରମ(ସିଆରଏସପି) ଏବଂ ୧୯୯୯ ମସିହାରେ ଏହାର ପରବର୍ଦ୍ଧିତ ରୂପ ଟୋଟାଲ ସାନିଟେସନ୍ କ୍ୟାମ୍ପେନ୍ (ଟିଏସସି) କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ଲାଗି କେନ୍ଦ୍ର ସରକାର ରାଜ୍ୟମାନଙ୍କ ଉପରେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଛାଡି ଦେଇଥିଲେ। ଟିଏସସିର ଆଭିମୁଖ୍ୟ ଥିଲା ଯୋଜନାକୁ ଅଧିକ ଗୋଷ୍ଠୀଭିତ୍ତିକ କରିବା, ଅଧିକ ଲୋକଙ୍କୁ ଏଥିରେ ଯୋଡିବା ଏବଂ ଶୌଚାଳୟ ନିର୍ମାଣ ଲାଗି ଆର୍ଥିକ ପ୍ରୋତ୍ସାହନ ଦେବା। ଏହା ଚାଲିଲା; ମାତ୍ର ଯେତେବେଳେ ଏହାର ମୂଲ୍ୟାୟନ କରାଗଲା ଦେଖାଗଲା ଯେ ଏହି ଲକ୍ଷ୍ୟ ଅତ୍ୟନ୍ତ ବୃହତ୍ ଏବଂ ଏଥିପାଇଁ ଆବଣ୍ଟିତ ସୀମିତ ଅର୍ଥ ଲକ୍ଷ୍ୟପୂରଣ ଦିଗରେ ଯଥେଷ୍ଟ ନୁହେଁ। ଏହାବ୍ୟତୀତ ଏଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଦୁର୍ବଳ ରାଜନୈତିକ ଇଚ୍ଛାଶକ୍ତି ମଧ୍ୟ ଲକ୍ଷ୍ୟ ହାସଲର ଶିଥିଳତା ଲାଗି ଦାୟୀ ରହିଥିଲା। ଏପରିକି ସେତେବେଳେ ଚାଲୁଥିବା ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ଅପେକ୍ଷା ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉନଥିଲା। ଏତେବଡ଼ କାର୍ଯ୍ୟକ୍ରମ ଚଳାଇବା ଲାଗି କେନ୍ଦ୍ରଠାରୁ ସେଭଳି ସହାୟତା ମିଳୁନଥିଲା ଏବଂ ଅନୁରୂପ ଭାବେ ଆବଶ୍ୟକ ମାନବ ସମ୍ବଳ ମଧ୍ୟ ଯୋଗାଇ ଦିଆଯାଉନଥିଲା।

ବିଶେଷ ଗୁରୁତ୍ୱ ଦିଆଯିବାକୁ ଯୋଜନା ପ୍ରସ୍ତୁତ ହେଉଛି। ବର୍ଜ୍ୟ ଜଳକୁ ବାଡିବଗିଚା ଓ କୃଷି କ୍ଷେତ୍ରରେ ବିନିଯୋଗ କରିବା ଲାଗି ଧ୍ୟାନକେନ୍ଦ୍ରିତ କରାଯାଉଛି। ଏହାବ୍ୟତୀତ ଗ୍ରାମ ପ୍ରଧାନ ଓ ସରପଞ୍ଚଙ୍କ ଭୂମିକାକୁ ଅଧିକ ସମ୍ମାନସ୍ପଦ ଓ ପ୍ରଭାବୀ କରାଯାଉଛି। ଏକ୍ଷେତ୍ରରେ କାର୍ଯ୍ୟକରୁଥିବା ପଞ୍ଚାୟତ ସ୍ୱଚ୍ଛାଗ୍ରହୀ, ଅନ୍ୟାନ୍ୟ କର୍ମକର୍ତ୍ତା ତଥା ବ୍ୟକ୍ତିବିଶେଷଙ୍କୁ ପ୍ରମୁଖତା ଦିଆଯାଇ ତୃଣମୂଳ ସ୍ତରରୁ ସ୍ୱଚ୍ଛତାର ମହତ୍ୱ ବଢାଯାଉଛି। ପରିମଳ ସେବାକୁ ଅଧିକ ବାସ୍ତବାଭିମୁଖୀ, ସମୟ ଉପଯୋଗୀ ଓ ଦୀର୍ଘସ୍ଥାୟୀ କରାଯାଉଛି। ଗୋଷ୍ଠୀ ନେତୃତ୍ୱକୁ ଏଥିଲାଗି ଅଧିକ ଉତ୍ତରଦାୟୀ କରାଯାଉଛି। ଶେଷରେ ଜଳ ଜୀବନ ମିଶନର ଶୁଭାରମ୍ଭ କରାଯାଇଛି। ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟ ରଖି ଏଥିପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପାନୀୟ ଜଳ ଯୋଗାଣ ନେଟୱାର୍କକୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ସହ ଯୋଡି ଉପଲବ୍ଧ ଜଳଉତ୍ସ ଗୁଡିକୁ ସୁରକ୍ଷିତ ଓ ପ୍ରଦୂଷଣମୁକ୍ତ ରଖିବା ଲାଗି କାର୍ଯ୍ୟ କରାଯାଉଛି। ଉପଲବ୍ଧତା ଅନୁଯାୟୀ ଜଳ କିଭଳି ପ୍ରଦୂଷିତ ନହେବ, ପରିମଳ ସେବା କିଭଳି ଦୃଢ ରହିବ ସେଥିଲାଗି ପ୍ରୟାସ ଅବ୍ୟାହତ ରହିଛି। ଯୋଜନାର ରୂପାୟନ ଲାଗି ଓ ସ୍ୱତନ୍ତ୍ର ପରିସ୍ଥିତିରେ ଆବଶ୍ୟକତା ଅନୁଯାୟୀ, ଏଥିରେ ସ୍ଥଳ ବିଶେଷରେ ସାମାନ୍ୟ ପରିବର୍ତ୍ତନ କରି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାକୁ ଗ୍ରାମ ପଞ୍ଚାୟତର ନେତୃତ୍ୱକୁ ମଧ୍ୟ ଅଧିକ କ୍ଷମତା ପ୍ରଦାନ କରାଯାଉଛି।

**ଆଗାମୀ ପଦକ୍ଷେପ**

ନୂତନ ରଣନୀତିରେ ପ୍ରସ୍ତୁତ ଫ୍ରେମ୍‌ୱାର୍କ ତିଆରି ସରିଛି। ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ବାସ୍ତବବାଦୀ ଆଭିମୁଖ୍ୟ ଓ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଚଳିତ ଏସବିଏମ୍ ରଣନୀତି ଓ ନିକଟରେ ଓଡ଼ିଏଫ ପ୍ଲସ୍ ନୂଆ ନୀତିର ମଧ୍ୟାନ୍ତର ସମୟ ଭାରତ ଲାଗି ପରିବର୍ତ୍ତନର ଏକ ନୂତନ କାୟାକଳ୍ପ କୁହାଯାଇପାରିବ। ଚଳିତବର୍ଷ ସେପ୍ଟେମ୍ବରଠାରୁ ୟୁନିସେଫ୍‌ର ବୈଷୟିକ ସହାୟତା ପାଇ ଜଳ ଯୋଗାଣ ଓ ପରିମଳ ସଂକ୍ରାନ୍ତରେ ଦେଶବ୍ୟାପୀ ଗ୍ରାମାଞ୍ଚଳରେ ତାଲିମ ଦିଆଯାଉଛି। ଭାରତର ପ୍ରତ୍ୟେକ ପଞ୍ଚାୟତରେ ବିଶେଷକରି ପଞ୍ଚାୟତ ପ୍ରତିନିଧି(ଗ୍ରାମ ପ୍ରଧାନ/ସରପଞ୍ଚ)କୁ ଫୋକସ୍ କରିଛି। ପାଖାପାଖି ୨,୫୮,୦୦୦ ଗ୍ରାମ ପଞ୍ଚାୟତର ୭୭୪,୦୦୦ ବ୍ୟକ୍ତିବିଶେଷଙ୍କୁ ଆଗାମୀ ବର୍ଷକ ମଧ୍ୟରେ ତାଲିମ ପ୍ରଦାନର ଲକ୍ଷ୍ୟ ରହିଛି। ତାଲିମଦାତା ଓ ତାଲିମ ଗ୍ରହଣକାରୀଙ୍କ ମଡେଲକୁ ସ୍ୱଚ୍ଛତା ଅଭିଯାନରେ ସାମିଲ କରାଇବା ଯୋଜନା ରହିଛି। ଜଳଶକ୍ତି ମନ୍ତ୍ରଣାଳୟ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ରାଜ୍ୟ, ଜିଲା ଓ ପଞ୍ଚାୟତ ଭଳି ତିନିଟି ପ୍ରମୁଖ ସ୍ତରରେ ମାଷ୍ଟର ଟ୍ରେନର ପ୍ରସ୍ତୁତ କରି ସମସ୍ତ ରାଜ୍ୟର ସବୁ ପଞ୍ଚାୟତ ପ୍ରତିନିଧିଙ୍କ ସହ ମତ ବିନିମୟ କରିବାକୁ ଲକ୍ଷ୍ୟ ରଖାଯାଇଛି।

ରଣନୀତିକୁ ବାସ୍ତବ ରୂପାୟନ ଦେବା ଲାଗି ପ୍ରାକ୍ଟିକାଲକୁ ତାଲିମ ସମୟରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଜିପିଡିପି ଜରିଆରେ ଉପଲବ୍ଧ ଜଳ ସମ୍ପଦର ଅମଳ, ସୁରକ୍ଷା ଓ ସଂରକ୍ଷଣ ସଂକ୍ରାନ୍ତ ପଦକ୍ଷେପ, ଜଳ ବଜେଟ୍‌ର ସୁପରିଚାଳନା ଆଦି ପ୍ରସଙ୍ଗରେ ପ୍ରତିନିଧିମାନଙ୍କୁ ସ୍ୱତନ୍ତ୍ର ଅଧିବେଶନ ଜରିଆରେ ବୁଝାଯିବ। ସଂପ୍ରତି ସ୍ୱଚ୍ଛାଗ୍ରହୀ, ଉଭୟ ପୁରୁଷ ଓ ମହିଳା ରାଜମିସ୍ତ୍ରୀ ଏବଂ ଅନ୍ୟ ସ୍ଥାନୀୟ ଗୋଷ୍ଠୀଙ୍କୁ ସ୍ୱଚ୍ଛତା ଚକ୍ର ସଂପର୍କରେ ଅବଗତ କରାଯିବ। ମଳ ଓ ବର୍ଜ୍ୟ ପରିଚାଳନା, କମ୍ପୋଷ୍ଟ ପିଟ୍ ନିର୍ମାଣ ଓ ଏହା ଭର୍ତ୍ତି ହେବା ପରେ ଖାଲି କରିବା ଉପାୟ, ସଫା ସୁତୁରା ରହିବା ଲାଗି ସାବୁନ୍‌ରେ ହାତ ଧୋଇବା ଏବଂ ହଇଜା ଭଳି ସଂକ୍ରମଣଜନିତ ରୋଗକୁ ବ୍ୟାପକ ହ୍ରାସ କରିବା ଲାଗି କି କି ପରିଚ୍ଛନ୍ନତା ପଦକ୍ଷେପ ନିରନ୍ତର ଗ୍ରହଣ କରାଯିବ ସେସବୁ ବିଷୟରେ ସଚେତନ କରାଯାଉଛି। ଏହାକୁ ନିରବଚ୍ଛିନ୍ନ ଭାବେ ପାଳନ କଲେ ବ୍ୟକ୍ତି ଓ ପରିବାରର ସ୍ୱାସ୍ଥ୍ୟ ସମସ୍ୟା ଅନେକାଂଶରେ ଦୂର ହୋଇପାରିବ।

ଏଭଳି ପଦକ୍ଷେପର କି ସକାରାତ୍ମକ ପ୍ରଭାବ ସମାଜରେ ପଡିବାକୁ ଯାଉଛି ତାହା ଆମେ ଦେଖିପାରିବା। ତେବେ ଏଭଳି ପଦକ୍ଷେପ ଗ୍ରହଣ କରିବା ସହିତ ପରବର୍ତ୍ତୀ ସମୟରେ ଭାରତ ସରକାରଙ୍କ ଆଗାମୀ ପଦକ୍ଷେପ କ'ଣ ରହିବ ତାହାକୁ ଅପେକ୍ଷା କରିବା। ଏବେ ବି ସ୍ୱଚ୍ଛତା ନେଇ ଆମକୁ ଅନେକ କଥା ଶିଖିବାକୁ ରହିଛି। ବିଶେଷକରି ମହିଳାଙ୍କ ବ୍ୟବହୃତ ସାନିଟାରୀ ପ୍ୟାଡ୍ ବର୍ଜ୍ୟର ପରିଚାଳନା, ଶିଶୁମାନଙ୍କର ଝାଡ଼ାର ସୁରକ୍ଷିତ ପରିମଳ ବ୍ୟବସ୍ଥା ଏବଂ ପିଟ୍ ଟଏଲେଟ୍ ମଡେଲର ପୁନଃ କାର୍ଯ୍ୟକ୍ରମ ଓ ସ୍ଥାୟୀତ୍ୱ ନେଇ କ'ଣ କରାଯାଇପାରେ ସେ ଦିଗରେ ଅନେକ ଆହ୍ୱାନ ରହିଛି। ତେବେ ଏସବୁର ସମାଧାନ ସୂତ୍ର ଆମ ନିକଟରେ ରହିଛି। ସବୁଠୁ ବଡ଼ କଥା ହେଉଛି, ଏହାକୁ ଗ୍ରାମୀଣ ଭାରତରେ ପୂର୍ଣ୍ଣ ରୂପାୟନ କରିବାର କ୍ଷମତା ଓ ଦକ୍ଷତା ପଞ୍ଚାୟତ ନେତୃତ୍ୱ ହାତରେ ରହିଛି। ଜୀବନର ମାନ ଓ ବଞ୍ଚିବାର ଶୈଳୀରେ କିଭଳି ପରିବର୍ତ୍ତନ ଅଣାଯାଇପାରେ ତାହା ସେତେବେଳେ ପରିଦୃଶ୍ୟମାନ ହେବ ଯେତେବେଳେ ଗ୍ରାମ ପ୍ରଧାନ, ସରପଞ୍ଚ, ଗୋଷ୍ଠୀ ନେତୃତ୍ୱ ଏହାକୁ ବାସ୍ତବବାଦୀ ଢଙ୍ଗରେ କାର୍ଯ୍ୟକାରୀ କରାଇବାର ଆଗ୍ରହର ସହିତ ସାମର୍ଥ୍ୟ ଦେଖାଇବେ। ପ୍ରକୃତ କ୍ଷମତା ଓ ଯୋଜନାର ପୂର୍ଣ୍ଣାବୟବ କାର୍ଯ୍ୟାନ୍ୱୟନ ଏମାନଙ୍କ ନିକଟରେ ରହିଛି। ଏମାନେ ଚାହିଲେ ଅର୍ଥାତ୍ ପଞ୍ଚାୟତ ମଜବୁତ୍ ହେଲେ ଗ୍ରାମୀଣ ଜନତାର ଜୀବନରେ ବ୍ୟାପକ ପରିବର୍ତ୍ତନ ଆସିପାରିବ।

**ଲେଖକ ଦ୍ୱୟ ଜଳ, ପରିମଳ ଓ ପରିଚ୍ଛନ୍ନତା (ୱାସ୍)ର ବିଶେଷଜ୍ଞ ତଥା ୟୁନିସେଫ୍‌ରେ କାର୍ଯ୍ୟରତ**

**Email ID: smojumdar@unicef.org, smanchikanti@unicef.org**

# ସ୍ୱଚ୍ଛ ଭାରତ : ସଫଳତାର ଏକ ଅଧ୍ୟାୟ

ଅକ୍ଷୟ ରାଉତ

ଗୁଜରାଟର ଅହମଦାବାଦସ୍ଥିତ ସାବରମତୀ ନଦୀକୂଳରେ ୨୦୧୯ ଅକ୍ଟୋବର ୨ ତାରିଖି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ସ୍ୱଚ୍ଛତାର ସର୍ବଶ୍ରେଷ୍ଠ ପୂଜାରୀ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ଗ୍ରାମିଣ ଭାରତକୁ ଖୋଲା ମଳମୁକ୍ତ କରିବାର ସଫଳତାର ଶ୍ରେୟ ତାଙ୍କ ପ୍ରତି ଯେତେବେଳେ ଅର୍ପଣ କଲେ ଠିକ୍ ସେତିକିବେଳେ ଏକ ନୂଆ ଇତିହାସର ଅୟମାରମ୍ଭ ହେଲା । ପାଞ୍ଚବର୍ଷ ତଳେ ଦେଶର ୬୯୯ ଜିଲାର ଗ୍ରାମାଞ୍ଚଳକୁ ଖୋଲା ମଳତ୍ୟାଗ ମୁକ୍ତ (ଓଡ଼ିଏଫ୍) କରିବାର ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାହା ସଫଳତାର ସହ ଶେଷ ହୋଇଛି । ୨୦୧୪ରେ ଭାରତର ପରିଚ୍ଛନ୍ନତା ହାର ଥିଲା ମାତ୍ର ୩୯ ଶତାଂଶ । ସେତେବେଳେ ଓଡିଏଫ ପାଇଁ ଯେଉଁ ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ ହୋଇଥିଲା ତାହାର ଲକ୍ଷ୍ୟ ପୂରଣ କରିବା ଏକପ୍ରକାର ଅସମ୍ଭବ ମନେ ହେଉଥିଲା । ସ୍ୱଚ୍ଛଭାରତ ମିଶନ ଜରିଆରେ ବିଶ୍ୱର ସର୍ବବୃହତ୍ ବ୍ୟବହାର ପରିବର୍ତ୍ତନ ଅଭିଯାନ କେବଳ ସଫଳ ହୋଇନାହିଁ, ଏହା ପ୍ରାୟ ୬୦କୋଟି ଲୋକଙ୍କର ନିରାପଦ ପରିମଳ ଅଭ୍ୟାସ ଉପରେ ଉତ୍ତମ ପ୍ରଭାବ ପକାଇଛି ।

ସ୍ୱଚ୍ଛ ଭାରତ ପାଇଁ ୧୯୧୪ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ଯେଉଁ ଜନ ଆନ୍ଦୋଳନ ସୃଷ୍ଟିର ଆହ୍ୱାନ ଦେଇଥିଲେ ତାହା ସମଗ୍ର ଦେଶକୁ ଅନୁପ୍ରାଣିତ ଓ ଆନ୍ଦୋଳିତ କରିଥିଲା । ସ୍ୱଚ୍ଛ ଭାରତ ଓ ପରିଚ୍ଛନ୍ନ ଭାରତ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆବେଦନରେ ମହିଳାଙ୍କ ଦୁର୍ଦ୍ଦଶାର କାହାଣୀ ରହିଥିଲା ଯାହା ନାଗରିକଙ୍କ ବିବେକକୁ ଉଦ୍ରେକ କରିଥିଲା । ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ସାଧାରଣ ମହିଳାଙ୍କ ମର୍ଯ୍ୟାଦା ଜଡ଼ିତ ଥିବାରୁ ଏହାର ସଫଳତା ପାଇଁ ସ୍ୱତଃସ୍ଫୂର୍ତ୍ତ ସହଯୋଗ ମିଳିଥିଲା । ସେତେବେଳେ ବିଶ୍ୱର ଯେତେ ଲୋକ ବାହାରେ ମଳତ୍ୟାଗ କରୁଥିଲେ ସେମାନଙ୍କ ମଧ୍ୟରୁ ୫୦ ଭାଗ ଥିଲେ ଭାରତୀୟ । ଅତଏବ ଭାରତ ଭଳି ଏକ ବିରାଟ, ଭୌଗୋଳିକ ଦୃଷ୍ଟିରୁ ବିବିଧ ଓ ସମସ୍ୟା ବହୁଳ ଦେଶରେ ଗ୍ରାମାଞ୍ଚଳର ସବୁ ଲୋକଙ୍କୁ ଶୌଚାଳୟ ବ୍ୟବହାର ପାଇଁ ସୁବିଧା ସୁଯୋଗ ଯୋଗାଇବା ସହଜ ଲକ୍ଷ୍ୟ ମନେ ହେଉ ନ ଥିଲା । ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)-୬ରେ ୨୦୩୦ ସୁଦ୍ଧା ସାର୍ବଜନୀନ ପରିଚ୍ଛନ୍ନତା ହାସଲର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତେବେ ଏହି ଲକ୍ଷ୍ୟ ପୂରଣ ପାଇଁ ଭାରତର ସଫଳତା ଥିଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତେବେ ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ଭାରତ ପ୍ରାୟ ୧୦ବର୍ଷ ଆଗରୁ ଏସ୍‌ଡିଜି-୬ ଲକ୍ଷ୍ୟକୁ ପୂରଣ କରି ଆନ୍ତର୍ଜାତିକ ସ୍ତରରେ ନୂଆ ଉଦାହରଣ ସୃଷ୍ଟି କରିପାରିଛି । ସ୍ୱଚ୍ଛଭାରତ ଯୋଜନାରେ ମାତ୍ର ପାଞ୍ଚବର୍ଷ ମଧ୍ୟରେ ୧୦କୋଟି ଭାରତୀୟ ପରିବାର ନିଜସ୍ୱ ଶୌଚାଳୟ ନିର୍ମାଣ କରି ଏହାକୁ ବ୍ୟବହାର କରିପାରିଛନ୍ତି । ଏହା ନିଶ୍ଚିତ ଏକ ଆଶ୍ଚର୍ଯ୍ୟଜନକ ଉପଲବ୍ଧି । ଦେଶର ୩୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ୬୯୯ ଜିଲାର ସମସ୍ତ ୬ ଲକ୍ଷ ଗାଁରେ ଲୋକେ ଶୌଚାଳୟ ବ୍ୟବହାର କରିବା ସହ ଏହି ଜିଲାଗୁଡ଼ିକ ବାହ୍ୟ ମଳତ୍ୟାଗ ମୁକ୍ତ ଘୋଷିତ ହୋଇଛି ।

ଗତ ତିନିବର୍ଷ ମଧ୍ୟରେ ସ୍ୱଚ୍ଛଭାରତ ସଂକ୍ରାନ୍ତ ଅଗଣିତ ସଫଳତାର କାହାଣୀ ଏହି ଆନ୍ଦୋଳନକୁ ସଫଳ କରିବାରେ ସହାୟକ ହୋଇଛି । ଏଥିରେ ବ୍ୟକ୍ତିବିଶେଷ, ଗୋଷ୍ଠୀ, ସଂଗଠନ ଓ ପ୍ରତିଷ୍ଠାନମାନଙ୍କର ଉଲ୍ଲେଖନୀୟ ସଫଳ କାହାଣୀ ଓ ସହଯୋଗ ଯୋଡ଼ି ହୋଇଛି । ସ୍ୱଚ୍ଛଭାରତ ଅଭିଯାନରେ ଏକ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ଓ ଅଭିନବ ପ୍ରୟାସମାନ ଦେଖିବାକୁ ମିଳିଥିଲା । ସେଥିମଧ୍ୟରୁ କେତେକ ଉଲ୍ଲେଖଯୋଗ୍ୟ । ଲାବଣ୍ୟ ନାମ୍ନୀ ଜଣେ ୧୫ବର୍ଷର ସ୍କୁଲ ଛାତ୍ରୀ ନିଜ ଘରେ ଶୌଚାଳୟ ନିର୍ମାଣ ଦାବିରେ ୪୮ଘଣ୍ଟିଆ ଅନଶନ ଧର୍ମଘଟରେ ବସିଥିଲେ । ଏହି ବାଳିକାଙ୍କ ଅଭିନବ ପ୍ରତିବାଦ କର୍ଣ୍ଣାଟକର ତୁମାକୁର ଜିଲାର ଗୋଟିଏ ଗାଁରେ ଏକ ଛୋଟକାଟିଆ ବିପ୍ଳବ ସୃଷ୍ଟି କରିଥିଲା । ପଞ୍ଚାୟତର ସହଯୋଗରେ ଲାବଣ୍ୟଙ୍କ ଘରେ ଶୌଚାଳୟ ତିଆରି ହେବା ସହ ଗାଁ ସାରା ସମସ୍ତଙ୍କ ଘରେ ଶୌଚାଳୟ ତିଆରି କରାଗଲା । ଲାବଣ୍ୟ ତାଙ୍କ ଜିଲାର ସ୍ୱଚ୍ଛଭାରତ ଦୂତ ବନିବା ସହ ଜିଲାକୁ ଓଡିଏଫ୍ ମାନ୍ୟତା ହାସଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ପ୍ରଧାନମନ୍ତ୍ରୀ ତାଙ୍କ 'ମନ୍ କି ବାତ୍' ରେଡିଓ କାର୍ଯ୍ୟକ୍ରମରେ ଏକଦା ଲାବଣ୍ୟଙ୍କ ସଫଳତାର ପ୍ରଶଂସା କରିଛନ୍ତି ।

ଛତିଶଗଡ଼ର ଧମତରି ଜିଲା ଅନ୍ତର୍ଗତ କୋଟାଭାରି ଗାଁର ୧୦୪ ବର୍ଷ ବୟସ୍କା ମହିଳା କୁଅଁର ବାଈ ନିଜର ଛେଳି ବିକି ସେ ଟଙ୍କାରେ ଘରେ ଏକ ଶୌଚାଳୟ ତିଆରି କରିଥିଲେ। ଏଭଳି ପ୍ରେରଣାଦାୟୀ କାର୍ଯ୍ୟକ୍ରମ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଥିଲେ। ଜାମ୍ମୁ-କାଶ୍ମୀରର ଉଦ୍ଧମପୁର ଜିଲା ଅନ୍ତର୍ଗତ ବଡ଼ାଲି ଗାଁର ୮୭ ବର୍ଷିୟା ବୃଦ୍ଧା ରାକ୍ଷୀ ଅର୍ଥାଭାବରୁ ରାଜମିସ୍ତ୍ରି ଯୋଗାଡ଼ କରିପାରି ନ ଥିଲେ। ସେ ନିଜେ ନିଜ ପାଇଁ ଶୌଚାଳୟ ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ସ୍ୱଚ୍ଛଭାରତ ଅଭିଯାନର ଥିଲା ଏକ ବିରଳ ଉଦାହରଣ। ସେଇଭଳି ବିହାରର ଅମିନା ଖାତୁନ୍ ମାଗିଯାଚି ଅର୍ଥ ସଂଗ୍ରହ କରି ନିଜର ଏକ ଶୌଚାଳୟ ତିଆରି କରିବାକୁ ପ୍ରୟାସ କରିଥିଲେ। ଏହି ମହିଳାଙ୍କ ଆଗ୍ରହ ଦେଖି ଜଣେ ରାଜମିସ୍ତ୍ରି ଓ ଜଣେ ଶ୍ରମିକ ବିନା ପାରିଶ୍ରମିକରେ ତାଙ୍କ ଶୌଚାଳୟଟିକୁ ତିଆରି କରିଦେଇଥିଲେ। ବିହାରର ଭୋଜପୁର ଅଞ୍ଚଳର ଏକ ଗାଁର ଜଣେ ରାଜମିସ୍ତ୍ରି ଦିଲୀପ ସିଂହ ମାଲବୀୟ ବିନା ପାରିଶ୍ରମିକରେ ୧୦୦ରୁ ଅଧିକ ଶୌଚାଳୟ ତିଆରି କରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ କାର୍ଯ୍ୟରେ ମୁଗ୍ଧ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଏହି ୬୫ବର୍ଷୀୟ ରାଜମିସ୍ତ୍ରିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଦେଶର 'ସ୍ୱଚ୍ଛ ଚଂପିଅନ୍' ତାଲିକାରେ ସେ ସ୍ଥାନ ପାଇଛନ୍ତି।



ସ୍ୱଚ୍ଛାଭାରତ କାର୍ଯ୍ୟକ୍ରମରେ ମହିଳାଙ୍କ ଅବଦାନ ଉଲ୍ଲେଖନୀୟ ରହିଛି। ସେମାନେ ଏଥିରେ ବିଭିନ୍ନ ଭାବେ ସମ୍ପୃକ୍ତ ହେବା ସହ ନିଜ ମର୍ଯ୍ୟାଦାର ପୁନଃ ସଂସ୍ଥାପନ କରି ନିଜକୁ ସଶକ୍ତ କରିପାରିଛନ୍ତି। ଦୂରଦୂରାନ୍ତ ଗ୍ରାମାଞ୍ଚଳରେ ମହିଳାମାନେ ପରିଚ୍ଛନ୍ନତା ପ୍ରସଙ୍ଗରେ ଆଲୋଚନା କରିବାକୁ ସାହସର ସହିତ ଆଗେଇ ଆସିବା ସହ ଅନ୍ୟ ମହିଳାମାନଙ୍କୁ ଏ ବିଷୟରେ ବୁଝାଇ ସେମାନଙ୍କ ସମର୍ଥନ ହାସଲ କରିଛନ୍ତି। ପୁରୁଷ ପ୍ରଧାନ ରାଜମିସ୍ତ୍ରି ବୃତ୍ତିରେ ମଧ୍ୟ ସେମାନେ ପ୍ରବେଶ କରି ଶୌଚାଳୟ ନିର୍ମାଣ କାର୍ଯ୍ୟକୁ କେତେକ ସ୍ଥାନରେ ତ୍ୱରାନ୍ୱିତ କରିବାର ନଜିର ରହିଛି। ଦେଶର ବିଭିନ୍ନ ସ୍ଥାନରେ ମହିଳାଙ୍କ ଦ୍ୱାରା ନିର୍ମିତ ଶୌଚାଳୟକୁ 'ଇଜ୍ଜତ ଘର'ର ଆଖ୍ୟା ଦିଆଯାଇଛି। ଏହାର ନିର୍ମାଣ ପଛରେ ରହିଛି ଏଭଳି କିଛି ସାହସିକ ମହିଳାଙ୍କ ହାତ ଯେଉଁମାନେ 'ରାଣୀ ମିସ୍ତ୍ରି' ନାମରେ ପରିଚୟ ପାଇଛନ୍ତି। ଶିଶୁ ଓ ତରୁଣମାନେ ସ୍ୱଚ୍ଛଭାରତ ଅଭିଯାନରେ ସାମିଲ ହୋଇ ଶ୍ରମ ଦାନ କରିବା ପୂର୍ବକ ପରିଚ୍ଛନ୍ନତା ରକ୍ଷା ଓ ଅଭ୍ୟାସ ପରିବର୍ତ୍ତନ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛନ୍ତି। ସ୍କୁଲ ପିଲାମାନେ ମଧ୍ୟ ଏହି ଅଭିଯାନରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛନ୍ତି। "ମୁଝେ ଶୌଚାଳୟ ଚାହିୟେ" ଭଳି ସ୍କୁଲପିଲାଙ୍କ ଦାବି ଏ କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ଆଣିବାରେ

ସହାୟକ ହୋଇଛି । ସେମାନଙ୍କ ଦାବି ଆଗରେ ସ୍କୁଲ ପରିଚାଳନା କମିଟି ଏବଂ ସେମାନଙ୍କ ପିତାମାତା ମୁଣ୍ଡ ନୋଇଁବାକୁ ବାଧ୍ୟ ହୋଇଛନ୍ତି । ଶିଶୁମାନଙ୍କର ପ୍ରଭାତୀ 'ନିଗ୍ରାନି' କାମ ଆହୁରି ଚିତ୍ତାକର୍ଷକ । ସେମାନେ ପ୍ରତ୍ୟୁଷରୁ ଉଠି ହାତରେ ଟର୍ଚ୍ଚ ଓ ପାଟିରେ ଶୁଷୁରି ଧରି ଏଣେ ତେଣେ ମଳ ତ୍ୟାଗ କରୁଥିବା ଲୋକଙ୍କୁ ଘଉଡ଼ାଇ ଶୌଚାଳୟ ମୁହାଁ କରିବାରେ ସମର୍ଥ ହୋଇଛନ୍ତି । ଏହି କାମକୁ ସେମାନେ ସ୍ୱାଭିମାନର ଏକ ପ୍ରତୀକ ଭାବେ ଗ୍ରହଣ କରିଛନ୍ତି ।

ସ୍ୱଚ୍ଛଭାରତ ଅଭିଯାନର ସଫଳତା ପଛରେ ସୂଚନା, ଶିକ୍ଷା, ଯୋଗଯୋଗ ଓ ହସ୍ତକ୍ଷେପର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହା ଏହି କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାୟ ୪.୫ ଲକ୍ଷ ସ୍ୱଚ୍ଛାଗ୍ରହୀ ପାରସ୍ପରିକ ଯୋଗାଯୋଗ ବା କଥାବାର୍ତ୍ତାର ନେତୃତ୍ୱ ନେଇ ଗାଁ ଗାଁ ବୁଲି ଲୋକଙ୍କୁ ସ୍ୱଚ୍ଛତାର ଆବଶ୍ୟକତା ଓ ଲାଭ ସମ୍ପର୍କରେ ବୁଝାଇଥିଲେ । ଏଥି ପାଇଁ ସେମାନେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆଲୋଚନା ସଭା ଓ ବୈଠକମାନ ଆୟୋଜନ କରି ଲୋକଙ୍କ ମନୋଭାବ ଓ ଅଭ୍ୟାସ ପରିବର୍ତ୍ତନରେ ସଫଳ ହୋଇଛନ୍ତି । 'ଦରୱାଜା ବନ୍ଦ' ଓ 'ଶୌଚ ସିଂହ' ଭଳି ଗଣମାଧ୍ୟମ ଅଭିଯାନ ସାଧାରଣ ଲୋକଙ୍କ ମନକୁ ଛୁଇଁବାରେ ସଫଳ ହୋଇଥିଲା । 'ସ୍ୱଚ୍ଛତା ହିଁ ସେବା', 'ସତ୍ୟାଗ୍ରହ ସେ ସ୍ୱଚ୍ଛାଗ୍ରହ', 'ଚାଲୋ ଚମ୍ପାରଣ' ଏବଂ 'ସ୍ୱଚ୍ଛଶକ୍ତି' ଭଳି କାର୍ଯ୍ୟକ୍ରମ ପରିଚ୍ଛନ୍ନତା ହାସଲ ଦିଗରେ ସାମାଜିକ ସଚେତନତା ଓ ଜାଗରଣ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ଗୋଟିଏ କାମ ପାଇଁ ଏହା ଲୋକଙ୍କୁ ଏକାଠି କରିବାରେ ସହାୟକ ହୋଇଥିଲା ।

ସ୍ୱଚ୍ଛ ଭାରତକୁ ସମସ୍ତଙ୍କର କାର୍ଯ୍ୟରେ ପରିଣତ କରିବା ଏହି ଅଭିଯାନର ଏକ ପ୍ରମୁଖ ଅଂଶ ଥିଲା । ଏହା ସମସ୍ତଙ୍କର କାମ ଓ ସଭିଙ୍କ ସହଯୋଗ ଏଥିପାଇଁ ଲୋଡ଼ା ବୋଲି ପ୍ରଧାନମନ୍ତ୍ରୀ ବାରମ୍ବାର ଲୋକଙ୍କୁ ମନେ ପକାଇ ଦେଉଥିଲେ । ନମାମି ଗଙ୍ଗେ, ସ୍ୱଚ୍ଛ ଐତିହ୍ୟ ସ୍ଥଳୀ, ସ୍ୱଚ୍ଛତା ପଖୱାଡ଼ା, ସ୍ୱଚ୍ଛତା କାର୍ଯ୍ୟକ୍ରମ ଆଦି ବିଭିନ୍ନ ଯୋଜନା ଇତିମଧ୍ୟରେ ହାତକୁ ନିଆଯାଇଛି । ଏଥିରେ




ଜନସାଧାରଣ, ନାଗରିକ ସମାଜ, ସରକାର, ଉଦ୍ୟୋଗ ଜଗତ-ସମସ୍ତେ ସାମିଲ ହୋଇଛନ୍ତି । ସ୍ୱଚ୍ଛଭାରତ ଅଭିଯାନକୁ ସଫଳ କରିବା ଉଦ୍ଦେଶ୍ୟରେ ଛୁଟି ସମୟରେ ଯୁବ କଲେଜ ଛାତ୍ରଛାତ୍ରୀମାନେ ଗାଁ ଗାଁରେ ଶ୍ରମଦାନ କରିବା ସହ ସଚେତନା ସୃଷ୍ଟିରେ ସାମିଲ ହେବା ନିଶ୍ଚିତ ପ୍ରେରଣାଦାୟୀ ଥିଲା ।

ସ୍ୱଚ୍ଛଭାରତ ଅଭିଯାନର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି କେବଳ ଦୃଶ୍ୟମାନ ପରିମଳ ସୁବିଧା ସୃଷ୍ଟି ଓ ଏହାର ପରିପାଳନରେ ସୀମିତ ରହିନାହିଁ । ବିଭିନ୍ନ ନାମକରା ଓ ପ୍ରତିଷ୍ଠିତ ସଂସ୍ଥା ଦ୍ୱାରା ହୋଇଥିବା ଅନୁଧ୍ୟାନରୁ ଏହାର ସ୍ୱାସ୍ଥ୍ୟଗତ, ଆର୍ଥିକ ଓ ପରିବେଶଗତ ଲାଭକୁ ସ୍ୱୀକାର କରାଯାଇଛି । ୟୁନିସେଫ୍‌ର ପରିବେଶ ଅଧ୍ୟୟନ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସର୍ବଶେଷ ରିପୋର୍ଟ ଅନୁସାରେ ଅଣ ଓଡିଏଫ୍ ଗ୍ରାମଗୁଡ଼ିକରେ ମଇଳାଜନିତ ସଂକ୍ରମଣ ଫଳରେ ଭୂତଳ ଜଳ ଉତ୍ସ ପ୍ରଦୂଷିତ ହେବାର ସମ୍ଭାବନା ଓଡିଏଫ୍ ଗ୍ରାମ

ତୁଳନାରେ ୧୧.୨୫ ଭାଗ ଅଧିକ। ସେଇଭଳି ମୃତ୍ତିକା ଓ ଖାଦ୍ୟ ସଂକ୍ରମଣ ସମ୍ଭାବନା ହାର ଯଥାକ୍ରମେ ୧.୧୩ ଓ ୧.୪୮ ଭାଗ ଅଧିକ। ସେଇଭଳି ଅଣ ଓଡିଏଫ୍ ଗାଁରେ ଲୋକଙ୍କ ପାନୀୟ ଜଳ ଉତ୍ସ ସଂକ୍ରମିତ ହେବାର ସମ୍ଭାବନା ୨.୬୮ ଭାଗ ଅଧିକ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୧୮ର ଏକ ଅନୁଧାନ ଅନୁସାରେ ଓଡିଏଫ୍ ଇଲାକାରେ ପରିଚ୍ଛନ୍ନତା କାରଣରୁ ରୋଗ ବ୍ୟାଧିକୁ ନିୟନ୍ତ୍ରଣ କରାଯାଇ ୨୦୧୯ରେ ୩ ଲକ୍ଷ ଜୀବନ ରକ୍ଷା କରାଯାଇପାରିବ। ୨୦୧୭ରେ ବିଲ ଓ ମିଲିଣ୍ଡା ଗେଟ୍ସ ପ୍ରତିଷ୍ଠାନ ପକ୍ଷରୁ ହୋଇଥିବା ଏକ ସର୍ଭେର ରିପୋର୍ଟ ଅନୁସାରେ ଅଣ ଓଡିଏଫ୍ ଅଞ୍ଚଳରେ ଶିଶୁମାନେ ୪୪ଭାଗ ଅଧିକ ଝାଡ଼ାବାନ୍ତିରେ ସଂକ୍ରମିତ ହେବାର ଆଶଙ୍କା ରହିଛି। ୟୁନିସେଫ୍‌ର ଆଉ ଏକ ସର୍ଭେ ରିପୋର୍ଟ ଅନୁସାରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ଗାଁଗୁଡ଼ିକରେ ସଂକ୍ରମଣ ଓ ବ୍ୟାଧି ହାର ହ୍ରାସ ପାଇବା ଫଳରେ ପ୍ରତ୍ୟେକ ପରିବାର ବାର୍ଷିକ ୫୦ହଜାର ଟଙ୍କାର ଚିକିତ୍ସା ଖର୍ଚ୍ଚରୁ ରକ୍ଷା ପାଇପାରିବେ। ଏଥିରେ ସମ୍ପୃକ୍ତ ପରିବାରଗୁଡ଼ିକର ଆର୍ଥିକ ଲାଭ ସହିତ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିବ ଓ ସମୟ ଅପଚୟରୁ ସେମାନେ ରକ୍ଷା ପାଇବେ। ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ୨୦୧୭-୧୮ ଲିଙ୍ଗଗତ ସମାନତା ଅନୁଧାନ ରିପୋର୍ଟ ଅନୁସାରେ ସ୍ୱଚ୍ଛତା ଅଭିଯାନର ସଫଳତା ଯୋଗୁଁ ମହିଳାମାନେ ଶିଶୁଙ୍କ ଯତ୍ନ ଓ ଘରକାମ ବାବଦରେ ଯେତେ ସମୟ ଦେଉଥିଲେ ସେଥିରେ ୧୦ଭାଗ ସମୟ ବଞ୍ଚାଇ ପାରିବେ। ଏହା ଫଳରେ ୧.୫ ଶତାଂଶ ଅଧିକ ମହିଳା ଶ୍ରମ ଶକ୍ତିରେ ସାମିଲ ହୋଇ ରୋଜଗାର କରିବାକୁ ସମର୍ଥ ହେବେ। ମୋଟମୋଟି ଭାବେ ଏସବୁ ରିପୋର୍ଟ ଉଲ୍ଲେଖ କରୁଛି ଯେ ଜୀବନର ମାନରେ ଉନ୍ନତି ଆଣିବାରେ ସ୍ୱଚ୍ଛଭାରତ ଅଭିଯାନ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି। ମାତ୍ର ୬୦ମାସ ମଧ୍ୟରେ ରେକର୍ଡ ସଂଖ୍ୟକ ୬୦କୋଟି ଲୋକଙ୍କୁ ଶୌଚାଳୟ ସୁବିଧା ଯୋଗାଇଦେବାର ସଫଳତାକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ୨୦୧୯ ଅକ୍ଟୋବର ୨ ତାରିଖର ସ୍ୱଚ୍ଛଭାରତ ଦିବସରେ କହିଛନ୍ତି ଯେ ଏହି ଉଦ୍ୟମ ନିର୍ଦ୍ଦିଷ୍ଟ ଭାବେ ଗରିବ ଓ ବଞ୍ଚିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ସେମାନେ ଏହାର ସୁଫଳ ପାଇଛନ୍ତି। ଏତିକିରେ କାମ ସରିନାହିଁ। ସ୍ୱଚ୍ଛଭାରତ ଅଭିଯାନର ସଫଳତାକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିବାର ସମୟ ଆସିଛି।

ତେଲଙ୍ଗାନାର ପେଡ଼ାପଲ୍ଲୀ ଜିଲା ଶ୍ରେଷ୍ଠତମ ସ୍ୱଚ୍ଛ ଗ୍ରାମ ଭାବେ ଏବେ ପୁରସ୍କୃତ ହୋଇଛି। ଏହି ଗାଁର ସଫଳତା ପଛରେ ରହିଛି ପରିଚ୍ଛନ୍ନତାର ବିବିଧ ଦିଗ ଓ ଉପଲବ୍ଧି। ଏହି ଜିଲାରେ କୌଣସି ଖୋଲା ଡ୍ରେନ ବା ସ୍ୱିଓରେଜ (ନର୍ଦ୍ଦମା) ନାହିଁ। ପ୍ରତି ଗାଁରେ ସବୁ ପରିବାରଙ୍କ ପାଇଁ ନିଜସ୍ୱ ଶୌଚାଳୟ ବ୍ୟବସ୍ଥା କରାଯାଇଥିବାବେଳେ ଗୋଷ୍ଠୀ ଶୌଚାଳୟର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗୋଷ୍ଠୀ ଶୌଚାଳୟଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗ୍ରାମ କମିଟିକୁ ଦାୟିତ୍ୱ ଦିଆଯାଇଛି। ପାଣି ନାଳ (ଡ୍ରେନ୍)ଗୁଡ଼ିକୁ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନାରୁ ମୁକ୍ତ କରିବାର ଦାୟିତ୍ୱ ସେମାନେ ନେଇଛନ୍ତି। ଏହି ଜିଲାରେ 'ସ୍ୱଚ୍ଛ ଶୁକ୍ରବାର' ନାମରେ ଏକ ଦିବସ ପାଳନ କରାଯାଉଛି। ସେ ଦିନ ପଦ ଓ ପାହ୍ୟା ନିର୍ବିଶେଷରେ ସବୁ ସରକାରୀ କର୍ମଚାରୀ ସକାଳୁ ଗ୍ରାମବାସୀଙ୍କ ସହ ମିଶି ସଫେଇ, ପରିଚ୍ଛନ୍ନତା ଓ ବୃକ୍ଷରୋପଣ ଆଦି କାର୍ଯ୍ୟ କରୁଛନ୍ତି। ଦେଶର ଅନ୍ୟାନ୍ୟ ଅଞ୍ଚଳରେ ପେଡ଼ାପଲ୍ଲୀ ମଡେଲ (ଢାଞ୍ଚା)କୁ ଏକ ଉଦାହରଣ ଭାବେ ନେଇ କାର୍ଯ୍ୟକାରୀ କରାଯାଇପାରେ।

ମାନ ଓ ନିରନ୍ତରଣର ଗୁରୁତ୍ୱକୁ ବିଚାରକୁ ନେଇ ଜଳଶକ୍ତି ମନ୍ତ୍ରଣାଳୟର ପାନୀୟ ଜଳ ଓ ପରିମଳ ବିଭାଗ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମର ଲାଭକୁ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ଏକ ୧୦ବର୍ଷିଆ ଗ୍ରାମାଞ୍ଚଳ ପରିଚ୍ଛନ୍ନତା ରଣନୀତି (୨୦୧୯-୨୯) ପ୍ରସ୍ତୁତ କରିଛି। ଏହାର ପ୍ରମୁଖ ଲକ୍ଷ୍ୟ ହେଲା ଗ୍ରାମାଞ୍ଚଳରେ ସ୍ୱଚ୍ଛତା ରକ୍ଷା ନେଇ ଲୋକଙ୍କ ବ୍ୟବହାରରେ ଯେଉଁ ପରିବର୍ତ୍ତନ ଆସିଛି ତାହାକୁ ସ୍ଥାୟୀ ନିରନ୍ତର କରିବା।

ଛତିଶଗଡ଼ର ଧମତରି ଜିଲା ଅନ୍ତର୍ଗତ କୋଟାଭାରି ଗାଁର ୧୦୪ ବର୍ଷ ବୟସ୍କା ମହିଳା କୁଅଁର ବାଈ ନିଜର ଛେଳି ବିକି ସେ ଟଙ୍କାରେ ଘରେ ଏକ ଶୌଚାଳୟ ତିଆରି କରିଥିଲେ। ଏଭଳି ପ୍ରେରଣାଦାୟୀ କାର୍ଯ୍ୟକ୍ରମ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଥିଲେ। ଜାମ୍ମୁ-କାଶ୍ମୀରର ଉଦ୍ଧମପୁର ଜିଲା ଅନ୍ତର୍ଗତ ବଡ଼ାଲି ଗାଁର ୮୭ ବର୍ଷିୟା ବୃଦ୍ଧା ରାକ୍ଷୀ ଅର୍ଥାଭାବରୁ ରାଜମିସ୍ତ୍ରି ଯୋଗାଡ଼ କରିପାରି ନ ଥିଲେ। ସେ ନିଜେ ନିଜ ପାଇଁ ଶୌଚାଳୟ ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ସ୍ୱଚ୍ଛଭାରତ ଅଭିଯାନର ଥିଲା ଏକ ବିରଳ ଉଦାହରଣ। ସେଇଭଳି ବିହାରର ଅମିନା ଖାତୁନ୍ ମାଗିଯାଚି ଅର୍ଥ ସଂଗ୍ରହ କରି ନିଜର ଏକ ଶୌଚାଳୟ ତିଆରି କରିବାକୁ ପ୍ରୟାସ କରିଥିଲେ। ଏହି ମହିଳାଙ୍କ ଆଗ୍ରହ ଦେଖି ଜଣେ ରାଜମିସ୍ତ୍ରି ଓ ଜଣେ ଶ୍ରମିକ ବିନା ପାରିଶ୍ରମିକରେ ତାଙ୍କ ଶୌଚାଳୟଟିକୁ ତିଆରି କରିଦେଇଥିଲେ। ବିହାରର ଭୋଜପୁର ଅଞ୍ଚଳର ଏକ ଗାଁର ଜଣେ ରାଜମିସ୍ତ୍ରି ଦିଲୀପ ସିଂହ ମାଳବୀୟ ବିନା ପାରିଶ୍ରମିକରେ ୧୦୦ରୁ ଅଧିକ ଶୌଚାଳୟ ତିଆରି କରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ କାର୍ଯ୍ୟରେ ମୁଗ୍ଧ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଏହି ୬୫ବର୍ଷୀୟ ରାଜମିସ୍ତ୍ରିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଦେଶର 'ସ୍ୱଚ୍ଛ ଚଂପିଅନ୍' ତାଲିକାରେ ସେ ସ୍ଥାନ ପାଇଛନ୍ତି।

ରାଜ୍ୟ ସରକାର ଓ ଅନ୍ୟାନ୍ୟ ସମ୍ପୃକ୍ତ ପକ୍ଷଙ୍କ ସହ ପରାମର୍ଶ କରାଯାଇ ଏହି ରଣନୀତି ପ୍ରସ୍ତୁତ ହୋଇଛି। ଏଥିରେ ସ୍ଥାନୀୟ ପ୍ରଶାସନ, ସରକାର, ନୀତି ନିର୍ଦ୍ଧାରକ, ରୂପାୟନକାରୀ ଓ ଅନ୍ୟାନ୍ୟ ସଂପୃକ୍ତ ପକ୍ଷଙ୍କ ଦାୟିତ୍ୱ ଓ କାର୍ଯ୍ୟ ମଧ୍ୟ ସ୍ଥିରିକୃତ ହୋଇଛି। ଓଡିଏଫ୍ ପ୍ଲସ୍ ବା ବାହ୍ୟ ମଳତ୍ୟାଗମୁକ୍ତ ପରବର୍ତ୍ତୀ ସ୍ଥିତିରେ କାହାର କିପ୍ରକାର ଭୂମିକା ରହିବ ତାହାର ଢାଞ୍ଚା ଓ ନିର୍ଦ୍ଦେଶାବଳୀ ସ୍ପଷ୍ଟ କରାଯାଇଛି। ଏଥିରେ ସମସ୍ତେ ଶୌଚାଳୟ ବ୍ୟବହାର କରିବା, ସବୁ ଗାଁରେ ତରଳ ଓ କଠିଣ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ନିର୍ମାଣ ଆଦି ଅନ୍ତର୍ଭୁକ୍ତ। ଆହୁରି ମଧ୍ୟ ଦକ୍ଷତା ନିର୍ମାଣ, ସୂଚନା, ଶିକ୍ଷା ଓ ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବାକୁ ହେବ। ଏହାଛଡ଼ା ଶୌଚାଳୟରୁ ବାହାରୁଥିବା ମଇଳା ପାଣି (ବ୍ଲାକ୍‌ୱାଟର) ଏବଂ ରୋଷେଇ ଘର, ଫ୍ରିଜ୍, ୱାଶିଂମେସିନ୍‌ରୁ ବାହାରୁଥିବା ପ୍ରଦୂଷିତ ପାଣି (ଗ୍ରେ ୱାଟର)ର ଉତ୍ତମ ପରିଚାଳନା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏହି ଦୁଇ ପ୍ରକାର ଦୂଷିତ ପାଣି ରୋଗ ସୃଷ୍ଟି କରିଥାଏ। ଗ୍ରାମିଣ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ନିୟମିତ ଶୌଚାଳୟ ବ୍ୟବହାର କରିବାର ମୌଳିକ ଆବଶ୍ୟକତା ପୂରଣ। ଏ କ୍ଷେତ୍ରରେ ପାଣିର ଉପଲବ୍ଧତା ବିଶେଷ ଗୁରୁତ୍ୱ ରଖେ। ଆବଶ୍ୟକ ଜଳ ନ ମିଳିଲେ ଶୌଚାଳୟ ସ୍ଥାୟୀ ଭାବେ ବ୍ୟବହାର କରାଯାଇପାରିବ ନାହିଁ। ସେଥିପାଇଁ ଜଳଯୋଗାଣ ବ୍ୟବସ୍ଥା ଅପରିହାର୍ଯ୍ୟ। ତାହାକୁ ଦୃଷ୍ଟିରେ ରଖି ଜଳଶକ୍ତି ମନ୍ତ୍ରଣାଳୟ ମହତାକାଙ୍କ୍ଷୀ ଜଳଜୀବନ ମିଶନ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ୨୦୨୪ସୁଦ୍ଧା ଗ୍ରାମାଞ୍ଚଳର ସବୁ ଗାଁକୁ ପାଇପ ଜଳ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ଏହା ପୂରଣ ହେଲେ ସ୍ୱଚ୍ଛଭାରତ ମିଶନ (ଗ୍ରାମିଣ) ସ୍ଥାୟୀ ହେବ।

> ସ୍ୱଚ୍ଛଭାରତ ଅଭିଯାନର ସଫଳତା ପଛରେ ସୂଚନା, ଶିକ୍ଷା, ଯୋଗଯୋଗ ଓ ହସ୍ତକ୍ଷେପର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହା ଏହି କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରାୟ ୪.୫ ଲକ୍ଷ ସ୍ୱଚ୍ଛାଗ୍ରହୀ ପାରସ୍ପରିକ ଯୋଗାଯୋଗ ବା କଥାବାର୍ତ୍ତାର ନେତୃତ୍ୱ ନେଇ ଗାଁ ଗାଁ ବୁଲି ଲୋକଙ୍କୁ ସ୍ୱଚ୍ଛତାର ଆବଶ୍ୟକତା ଓ ଲାଭ ସମ୍ପର୍କରେ ବୁଝାଇଥିଲେ। ଏଥି ପାଇଁ ସେମାନେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆଲୋଚନା ସଭା ଓ ବୈଠକମାନ ଆୟୋଜନ କରି ଲୋକଙ୍କ ମନୋଭାବ ଓ ଅଭ୍ୟାସ ପରିବର୍ତ୍ତନରେ ସଫଳ ହୋଇଛନ୍ତି। 'ଦରୱାଜା ବନ୍ଦ' ଓ 'ଶୌଚ ସିଂହ' ଭଳି ଗଣମାଧ୍ୟମ ଅଭିଯାନ ସାଧାରଣ ଲୋକଙ୍କ ମନକୁ ଛୁଇଁବାରେ ସଫଳ ହୋଇଥିଲା। 'ସ୍ୱଚ୍ଛତା ହିଁ ସେବା', 'ସତ୍ୟାଗ୍ରହ ସେ ସ୍ୱଚ୍ଛାଗ୍ରହ', 'ଚାଲୋ ଚମ୍ପାରଣ' ଏବଂ 'ସ୍ୱଚ୍ଛଶକ୍ତି' ଭଳି କାର୍ଯ୍ୟକ୍ରମ ପରିଚ୍ଛନ୍ନତା ହାସଲ ଦିଗରେ ସାମାଜିକ ସଚେତନତା ଓ ଜାଗରଣ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଗୋଟିଏ କାମ ପାଇଁ ଏହା ଲୋକଙ୍କୁ ଏକାଠି କରିବାରେ ସହାୟକ ହୋଇଥିଲା।

ବାପୁଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସାବରମତୀ ଆଶ୍ରମରେ ସରପଞ୍ଚ ଓ ସ୍ୱଚ୍ଛାଗ୍ରହୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ଅସାଧାରଣ କାର୍ଯ୍ୟ କରିଥିବା ସାଧାରଣ ନାରିକମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଭୂମିକାର ଉଚ୍ଚ ପ୍ରଶଂସା କରିଛନ୍ତି। ସେମାନଙ୍କ ସହଯୋଗରେ ବିଶ୍ୱର ସର୍ବବୃହତ୍ ବ୍ୟବହାର ପରିବର୍ତ୍ତନ ଆନ୍ଦୋଳନ ସଫଳ ହୋଇଛି ବୋଲି ସେ ଦର୍ଶାଇଛନ୍ତି। ସ୍ୱଚ୍ଛଭାରତ କାର୍ଯ୍ୟକ୍ରମର ସୁଫଳକୁ ବଜାୟ ରଖିବା ସହ ଏହାକୁ ଆହୁରି ଆଗେଇ ନେବାକୁ ଏଇ ଅବସରରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି। ଥରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକକୁ ବର୍ଜନ କରିବା ସହ ଦେଶକୁ ୨୦୨୨ସୁଦ୍ଧା ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତ କରିବାକୁ ସେ ଦେଶବାସୀଙ୍କୁ ନିବେଦନ କରିଛନ୍ତି। ଏହି ଲକ୍ଷ୍ୟ ପୂରଣ ପାଇଁ ଜନ ଆନ୍ଦୋଳନ ଜାରି ରହିବ ଏବଂ ଏହା ସ୍ୱଚ୍ଛଭାରତ ଭଳି ସଫଳ ହେବ ବୋଲି ଆଶା କରିବା ସ୍ୱାଭାବିକ।

ଅଳ୍ପ ଦିନ ତଳେ ତାମିଲନାଡୁର ମହାବଳୀପୁରମ (ମାମଲ୍ଲାପୁରମ୍)ରେ ଅନୁଷ୍ଠିତ ଏକ ଆନ୍ତର୍ଜାତିକ ଶିଖର ବୈଠକ ଅବସରରେ ପ୍ରତ୍ୟୁଷରୁ ଉଠି ପ୍ରଧାନମନ୍ତ୍ରୀ ସମୁଦ୍ର ବେଳାଭୂମିରେ ପଡ଼ିଥିବା ପ୍ଲାଷ୍ଟିକ ଓ ଆବର୍ଜନା ନିଜେ ସଫା କରିଥିଲେ। ଏହି ଅବସରରେ ଏକ ଟୁଇଟର ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଥିଲେ, "ଆସନ୍ତୁ ଆମେ ଆମର ସାଧାରଣ ସ୍ଥାନଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ ନିଜକୁ ସୁସ୍ଥସବଳ ରଖିବାର ବ୍ୟବସ୍ଥାକୁ ନିଶ୍ଚିତ କରିବା।" ଏହି ମନ୍ତବ୍ୟରୁ ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ଓ ତତ୍ ସଂକ୍ରାନ୍ତ ବିଷୟ ପ୍ରତି ରାଜନୈତିକ ନେତୃତ୍ୱ କେତେ ସଚେତନ ଓ ଆଗ୍ରହୀ ତାହାର ପ୍ରମାଣ ମିଳେ। ଦେଶର ୧୩୦କୋଟି ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତା ପ୍ରତି ରାଜନୈତିକ ନେତୃତ୍ୱରେ ରହିଥିବା ଅଗ୍ରାଧିକାରର ସୂଚନା ଏହା ପ୍ରଦାନ କରେ।

**ଲେଖକ ହେଉଛନ୍ତି ସ୍ୱଚ୍ଛ ଭାରତ ମିଶନ (ସ୍ୱତନ୍ତ୍ର ପ୍ରକଳ୍ପ)ର ପୂର୍ବତନ ମହାନିର୍ଦ୍ଦେଶକ**

**Email ID: akshaykrout@gmail.com**

# ଦିଲ୍ଲୀ ମେଟ୍ରୋ: ସର୍ବସାଧାରଣ ସ୍ଥଳରେ ଆଦର୍ଶ ପରିମଳ ବ୍ୟବସ୍ଥା

ଅନୁଜ ଦୟାଲ

ରାଜଧାନୀ ଦିଲ୍ଲୀର ସର୍ବସାଧାରଣ ପରିବହନ ବ୍ୟବସ୍ଥାକୁ ହାରାହାରି ଦୈନିକ ୩୦ ଲକ୍ଷରୁ ଅଧିକ ଯାତ୍ରୀ ବ୍ୟବହାର କରିଥାନ୍ତି। ଏସବୁ ସ୍ଥଳକୁ ସ୍ୱଚ୍ଛ ଓ ପରିଷ୍କାର ପରିଚ୍ଛନ୍ନ ରଖିବା ଯେକୌଣସି ସଂସ୍ଥା ଲାଗି ଏକ ବୃହତ୍ ଆହ୍ୱାନ। ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ୍(ଡିଏମଆରସି) ତା'ର ସମଗ୍ର ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ଲାଗି ଏକ ଦୀର୍ଘସ୍ଥାୟୀ ବିଶ୍ୱସ୍ତରୀୟ ମଡେଲକୁ ବିକଶିତ କରାଇବା ପାଇଁ ନିରନ୍ତର କାର୍ଯ୍ୟ କରିଚାଲିଛି। ଦିଲ୍ଲୀ ମେଟ୍ରୋର ନେଟୱାର୍କ ଆଜି ଦିନରେ ୩୭୭ କିମି ପରିବ୍ୟାପ୍ତ ଥିବାବେଳେ ଏଥିରେ ରହିଛି ୨୭୪ଟି ମେଟ୍ରୋ ଷ୍ଟେସନ୍। ଏଥିରେ ନୋଏଡା-ଗ୍ରେଟର ନୋଏଡା କରିଡ଼ର ମଧ୍ୟ ଅନ୍ତର୍ଭୁକ୍ତ। ୧୮ ଘଣ୍ଟା କାର୍ଯ୍ୟକ୍ଷମ ଥିବା ଦିଲ୍ଲୀ ମେଟ୍ରୋକୁ ଦୈନିକ ୩୦ ଲକ୍ଷରୁ ଅଧିକ ଲୋକ ସେମାନଙ୍କ ଯାତାୟାତ ଲାଗି ବ୍ୟବହାର କରିଥାନ୍ତି। ୩୨୦ଟି ଟ୍ରେନ୍ ଏହି ରୁଟ୍‌ରେ ଚଳାଚଳ କରି ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇଥାଏ।

ଏଭଳି ବ୍ୟାପକ ପରିବହନ ବ୍ୟବସ୍ଥାକୁ ଲକ୍ଷ ଲକ୍ଷ ଲୋକ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବାରୁ ଏସବୁସ୍ଥଳ, ବିଶେଷକରି ମେଟ୍ରୋ ଷ୍ଟେସନ୍ ଓ ଟ୍ରେନ୍ ଗୁଡିକର ସଫେଇ ଓ ସ୍ୱଚ୍ଛତା କାର୍ଯ୍ୟାନ୍ୱୟନ ନିଶ୍ଚିତ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଦିଲ୍ଲୀ ମେଟ୍ରୋ କାର୍ଯ୍ୟପ୍ରଣାଳୀକୁ ପ୍ରାଥମିକ ଭାବେ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରୋଜେକ୍ଟ ଉଇଙ୍ଗ୍ (ପ୍ରକଳ୍ପ ଶାଖା), ଅପରେସନ୍ ଆଣ୍ଡ ମେଣ୍ଟେନାନ୍ସ ଉଇଙ୍ଗ୍(ସଂଚାଳନ ଓ ରକ୍ଷଣାବେକ୍ଷଣ ଶାଖା)। ପ୍ରକଳ୍ପ



ଶାଖାଟି ଦିଲ୍ଲୀ ମେଟ୍ରୋର ନିର୍ମାଣ କାର୍ଯ୍ୟ ବୁଝୁଥିବାବେଳେ ସଂଚାଳନ(କାର୍ଯ୍ୟାନ୍ୱୟନ) ଓ ରକ୍ଷଣାବେକ୍ଷଣ ଶାଖାଟି ଟ୍ରେନ୍ ଚଳାଚଳ ଓ ଦୈନନ୍ଦିନ ସେବାପ୍ରଦାନ କଥା ଦେଖିଥାଏ।

ଦିଲ୍ଲୀ ମେଟ୍ରୋ ନେଟଓ୍ୱାର୍କରେ ଥିବା ସମସ୍ତ ମେଟ୍ରୋ ଷ୍ଟେସନ୍ ଗୁଡିକରେ ଯାତ୍ରୀମାନଙ୍କ ବ୍ୟବହାର ଲାଗି ରହିଛି ଉତ୍ତମ ଶୌଚାଳୟ ସୁବିଧା। ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପ ପରଠାରୁ ଷ୍ଟେସନ୍ ପ୍ଲାନ୍‌ରେ ଶୌଚାଳୟକୁ ସାମିଲ କରାଯାଇଛି। ତୃତୀୟ ପର୍ଯ୍ୟାୟରେ ସମସ୍ତ ଷ୍ଟେସନ୍ ଭିତରେ ଶୌଚାଳୟ ଉପଲବ୍ଧ କରାଯାଇଛି। ହାଉସ୍ କିପିଂ(ସଫେଇ)କୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ବ୍ୟବସ୍ଥିତ ଓ ଯାନ୍ତ୍ରିକ ଉପାୟରେ ଉଭୟ ଟ୍ରେନ୍ ଭିତର ଓ ଷ୍ଟେସନ୍ ଗୁଡିକର ସଫେଇ କରାଯାଉଛି। ସମସ୍ତ ନିର୍ମାଣସ୍ଥଳରେ ଶ୍ରମିକମାନଙ୍କ ବ୍ୟବହାର ଲାଗି ମଧ୍ୟ ଶୌଚାଳୟ ତିଆରି କରାଯାଇଛି। କାର୍ଯ୍ୟସ୍ଥଳର ପରିବେଶକୁ ଅଧିକ ସ୍ୱଚ୍ଛ ଓ ପରିଚ୍ଛନ୍ନ ରଖିବା ଲାଗି ସଂଗଠିତ ଢଙ୍ଗରେ ନିୟମିତ ସଫେଇ କରାଯାଉଛି।

**ପ୍ରକଳ୍ପ ଶାଖା**

ଡିଏମଆରସି ନିର୍ମାଣ କାର୍ଯ୍ୟଗୁଡିକ ମେଟ୍ରୋ ଟ୍ରେନ୍ ଚଳାଚଳ ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ। ୧୯୯୮ ମସିହାରୁ ନିରବଚ୍ଛିନ୍ନ ଭାବେ ଡିଏମଆରସି ମେଟ୍ରୋ ନିର୍ମାଣ କାର୍ଯ୍ୟରେ ଲାଗିଛି। ୨୦୦୫ରେ ୬୫ କିମି ଦୂରତା ବିଶିଷ୍ଟ ମେଟ୍ରୋ ସେବା ଲାଗି ଡିଏମଆରସି ତା'ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ କରିଥିଲା। ୨୦୧୧ରେ ଦ୍ୱିତୀୟ ପର୍ଯ୍ୟାୟର ମେଟ୍ରୋ ନିର୍ମାଣ କାର୍ଯ୍ୟରେ ୧୨୫ କିମି ରେଳ ସଂଯୋଗ ଶେଷ କରାଯାଇ ଲୋକାର୍ପିତ ହୋଇଥିଲା। ୨୦୧୮ରେ ତୃତୀୟ ପର୍ଯ୍ୟାୟରେ ୧୬୦ କିମି ନୂଆ ମେଟ୍ରୋ ଲାଇନ୍ କାର୍ଯ୍ୟ ଶେଷ ହୋଇଥିଲା।

ଜାତୀୟ ରାଜଧାନୀ ଅଞ୍ଚଳ(ଏନସିଆର) ବ୍ୟାପୀ ନିର୍ମାଣକାର୍ଯ୍ୟ ଚାଲିଥିବା ସ୍ଥାନ ଗୁଡିକରେ ହଜାର ହଜାର ଶ୍ରମିକ ଗତ ଦୁଇ ଦଶନ୍ଧି ଧରି କାର୍ଯ୍ୟରତ ରହିଛନ୍ତି। ଶ୍ରମ ଆଇନକୁ ଗମ୍ଭୀରତାର ସହ ଗ୍ରହଣକରି ଶ୍ରମିକଙ୍କୁ ଆବଶ୍ୟକ ମୌଳିକ ସୁବିଧା ଯୋଗାଇବା



ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି ଡିଏମଆରସି। ନିୟମିତ ଭାବେ ସେମାନଙ୍କୁ ଯୋଗାଇ ଦିଆଯାଇଥିବା ଆନୁସଙ୍ଗିକ ସୁବିଧାର ତଦାରଖ ମଧ୍ୟ କରାଯାଉଛି। କଣ୍ଟ୍ରାକ୍ଟର(ଠିକାଦାର)ମାନଙ୍କ ଲାଗି ଡିଏମଆରସି କର୍ମଶାଳା ଆୟୋଜନ କରୁଛି। ସେମାନେ ଯେଭଳି ଶ୍ରମିକମାନଙ୍କୁ ସାଧାରଣ ସୁବିଧା ପ୍ରଦାନ ସୁନିଶ୍ଚିତ କରିବେ ସେଥିଲାଗି ସରକାର ଗୁରୁତ୍ୱ ଦେଉଛନ୍ତି।

ନିର୍ମାଣ କାର୍ଯ୍ୟରେ ବହୁ ଶ୍ରମିକ ଓ ଅଧିକାରୀ ନିଯୁକ୍ତ ଥିବାରୁ ସେସବୁ ସ୍ଥଳରେ ପରିମଳ ବ୍ୟବସ୍ଥା ଏକ ପ୍ରମୁଖ ଆବଶ୍ୟକତା। ଭାରତରେ ସାଧାରଣତଃ ନିର୍ମାଣସ୍ଥଳରେ କୌଣସି ଶୌଚାଳୟ ରଖିବା ନେଇ ସେଭଳି ବ୍ୟବସ୍ଥା କରାଯାଇନଥାଏ। ଏଠାରେ କାର୍ଯ୍ୟରତ ଶ୍ରମିକମାନେ ଏହି ନିର୍ମାଣସ୍ଥଳ ସନ୍ନିକଟ ଖାଲି ସ୍ଥାନରେ ମଳତ୍ୟାଗ କରିଥାନ୍ତି ଏବଂ ଏହା ସଂପୃକ୍ତ ପରିବେଶକୁ ଅସ୍ୱାସ୍ଥ୍ୟକର ଓ ଦୁର୍ଗନ୍ଧଯୁକ୍ତ କରିଦେଇଥାଏ। ଡିଏମଆରସି ଏହି ସମସ୍ୟାର ସମାଧାନ ଲାଗି କାର୍ଯ୍ୟ କରୁଛି। ନିର୍ମାଣସ୍ଥଳରେ ନିୟୋଜିତ ଶ୍ରମିକ, କର୍ମଚାରୀ ଓ ଅଧିକାରୀମାନଙ୍କ ଲାଗି ଶୌଚାଳୟ ବ୍ୟବସ୍ଥା କରାଯାଉଛି। ଠିକାଦାର ଏହି ମୌଳିକ ସୁବିଧା ଶ୍ରମିକମାନଙ୍କ ଲାଗି କାର୍ଯ୍ୟସ୍ଥଳରେ ଯୋଗାଇ ଦେବା ବାଧ୍ୟତାମୂଳକ କରାଯାଇଛି। ଶୌଚାଳୟର ଉତ୍ତମ ଉପଯୋଗ ଓ ରକ୍ଷଣାବେକ୍ଷଣ ଲାଗି ଏଠାରେ ନିରନ୍ତର ପାଣି ଉପଲବ୍ଧ କରାଇବା ମଧ୍ୟ ସଂପୃକ୍ତ ଠିକାଦାରର ଦାୟିତ୍ୱ। ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟକର ପରିବେଶକୁ ସୁନିଶ୍ଚିତ କରିବା ଲାଗି ନିୟମିତ ବ୍ୟବଧାନରେ ଅନୁଧ୍ୟାନ ମଧ୍ୟ କରାଯାଉଛି।

ଏହାବ୍ୟତୀତ ଶ୍ରମିକମାନଙ୍କୁ ମଧ୍ୟ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ କରାଯାଉଛି। ନିର୍ମାଣ ଶ୍ରମିକମାନେ କିଭଳି ସ୍ୱଚ୍ଛତା ଓ ସୁସ୍ଥତା ବଜାୟ ରଖିବେ ତାହାକୁ ନେଇ ବିଶେଷ ଗୁରୁତ୍ୱ ଦେଉଛନ୍ତି ସରକାର। ଶୁଦ୍ଧତା ଓ ପରିଚ୍ଛନ୍ନତା ରକ୍ଷା ଲାଗି କର୍ମଶାଳା, ପଥପ୍ରାନ୍ତ ନାଟକ, ପ୍ରଚାରପତ୍ର ବଣ୍ଟନ ଆଦି ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଓ ପଦକ୍ଷେପ ନିଆଯାଉଛି। ଉଦାହରଣ ସ୍ୱରୂପ ପ୍ରତିବର୍ଷ ଜୁନ-ଜୁଲାଇରେ ମଶାମାନେ ଅଣ୍ଡା ଦେଇଥାନ୍ତି। ସେତେବେଳେ ବାହାରେ ଖାଲିସ୍ଥାନରେ ଦୀର୍ଘଦିନ ଧରି ପାଣି ରଖିବାକୁ ନଦେବା, ଅନ୍ୟାନ୍ୟ ଅଳିଆ ଆବର୍ଜନା ଏଣେ ତେଣେ ନ ଫିଙ୍ଗିବା ଭଳି ସ୍ୱାସ୍ଥ୍ୟ ସୂଚନା ଲୋକମାନଙ୍କୁ ଦିଆଯାଇଥାଏ। ଏପରିକି ନିର୍ମାଣସ୍ଥଳରେ ସୁରକ୍ଷା ଲାଗି ଲଗାଯାଇଥିବା ବ୍ୟାରିକେଡ୍‌ରେ ଆକର୍ଷଣୀୟ ଚିତ୍ରକଳା,

ସଚେତନତଧର୍ମୀ ଚିତ୍ର ଆଦି ଅଙ୍କା ଯାଇଥାଏ। ଏଥିରେ ସ୍ୱାସ୍ଥ୍ୟ, ପରିମଳ ଓ ସୁରକ୍ଷା ସଂକ୍ରାନ୍ତ ପ୍ରସଙ୍ଗ ରହିଥାଏ। ଫଳରେ ଏପରି ପଦକ୍ଷେପ ଓ ନିରନ୍ତର ନଜର ରଖାଯିବା ଯୋଗୁଁ ନିର୍ମାଣସ୍ଥଳରେ ସାଧାରଣ ପରିମଳ ବ୍ୟବସ୍ଥା ନେଇ କୌଣସି ପ୍ରକାର ଅଭିଯୋଗ ଏହି ପ୍ରକଳ୍ପ ୧୯୯୮ରୁ ଆରମ୍ଭ ହେବାଠାରୁ ଆସିନାହିଁ।

**ସଂଚାଳନ ଓ ରକ୍ଷଣାବେକ୍ଷଣ ଶାଖା**

ଦିଲ୍ଲୀ ମେଟ୍ରୋ ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ଏକ ପ୍ରମୁଖ ଭୂମିକା ତୁଲାଉଛି। ଏହାକୁ ଦିଲ୍ଲୀ ଓ ଏନସିଆରର ଜୀବନରେଖା ମଧ୍ୟ କୁହାଯାଉଛି। ଯାତ୍ରୀମାନଙ୍କ ସୁରକ୍ଷା, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଉପରେ ଦିଲ୍ଲୀ ମେଟ୍ରୋ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଡିଏମଆରସି ନେଟଓ୍ୱାର୍କ ପରିସର ଭିତରକୁ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତି ତଥା ଯାତ୍ରୀଙ୍କୁ ଉପରୋକ୍ତ ସୁବିଧା ପ୍ରଦାନ କରାଯାଉଛି। ଦିଲ୍ଲୀ-ଏମସିଆର ଭିତରେ ଡିଏମଆରସି ତା'ର ସମସ୍ତ ୨୭୪ଟି ମେଟ୍ରୋ ଷ୍ଟେସନ୍‌ରେ ଶୌଚାଳୟ ସୁବିଧା କରାଇଛି। ବିଶ୍ୱର ଅନ୍ୟ ସମସ୍ତ ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ଏତେ ସଂଖ୍ୟକ ଶୌଚାଳୟ ବୋଧହୁଏ କେଉଁଠି ନାହିଁ। ତୃତୀୟ ପର୍ଯ୍ୟାୟ ପ୍ରକଳ୍ପରେ ଯାତ୍ରୀମାନଙ୍କ ସୁବିଧା ଲାଗି ଷ୍ଟେସନ୍ ବାହାରେ ସ୍ଥାନ ଉପଲବ୍ଧତା ଆଧାରରେ ଶୌଚାଳୟ ନିର୍ମାଣ କରାଯାଇଛି।

ଷ୍ଟେସନ୍ କୋଠା ଭିତରେ ମଧ୍ୟ ଯାତ୍ରୀଙ୍କ ସହଜ ଓ ସୁବିଧା ଲାଗି ଶୌଚାଳୟ ନିର୍ମାଣ କରାଯାଇଛି। ଏହି ସବୁ ଶୌଚାଳୟ କିଭଳି ବୟସ୍କ, ଶିଶୁ, ଦିବ୍ୟାଙ୍ଗଙ୍କ ଲାଗି ସହଜରେ ଉପଲବ୍ଧ ହୋଇପାରିବ ସେଦିଗରେ ଦିଲ୍ଲୀ ମେଟ୍ରୋ ବିଶେଷ ଯତ୍ନବାନ ରହି ଏସବୁର ନିର୍ମାଣ ସମୟରେ ବିଶେଷ ଧ୍ୟାନ ଦେଇଛି। ଡିଏମ୍‌ଆରସି ମାର୍ଗଦର୍ଶିକା ଓ ମାନକ ଆଧାରରେ ଏମାନଙ୍କ ଲାଗି ପ୍ରତିବନ୍ଧକହୀନ ପରିବେଶ ସୃଷ୍ଟି କରିଛି। ସମସ୍ତଙ୍କୁ ସୁହାଇବା ଭଳି ସୁଲଭ ଦରରେ ଶୌଚାଳୟ ସୁବିଧା ଯୋଗାଇ ଦିଆଯାଉଛି।

ଶୌଚାଳୟ ନିର୍ମାଣ କରିବା ଗୋଟିଏ ପର୍ଯ୍ୟାୟର କାମ। ଏହାର ସଠିକ୍ ରକ୍ଷଣାବେକ୍ଷଣ ଲାଗି ଯଦି ଯୋଜନା କରା ନ ଯାଏ, ତେବେ ସଂପୂର୍ଣ୍ଣ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଫଳ ହୋଇଯିବ। ତେଣୁ ଡିଏମଆରସି ସୁଲଭ ଇଣ୍ଟରନେସନାଲ ଏବଂ ସିଭିକ୍ ଇଣ୍ଟରନେସନାଲ ଭଳି ସ୍ୱେଚ୍ଛାସେବୀ ସଂସ୍ଥା ଗୁଡିକ ଜରିଆରେ ଏହି ସୁବିଧା ପ୍ରଦାନ ଲାଗି ବ୍ୟବସ୍ଥା କରିଛି। ଶୌଚାଳୟର ରକ୍ଷଣାବେକ୍ଷଣ ଓ ଏଠାରେ ସର୍ବଦା ଆବଶ୍ୟକ ଜଳ ଯୋଗାଣକୁ ସୁନିଶ୍ଚିତ କରାଇବା ପାଇଁ ଏହି ସଂସ୍ଥା ଗୁଡିକୁ ଦାୟିତ୍ୱ ଦିଆଯାଇଛି। ଏହାବ୍ୟତୀତ ଦିଲ୍ଲୀ ମେଟ୍ରୋ ତା'ର ଷ୍ଟେସନ୍ ପରିସର ଭିତରେ ଏକାଧିକ ଅତିରିକ୍ତ ସର୍ବସାଧାରଣ ଶୌଚାଳୟ ନିର୍ମାଣ କରିଛି। କର୍ମଚାରୀଙ୍କ ଲାଗି ଷ୍ଟେସନ୍ କୋଠା ଭିତରେ ଏବଂ ଯାତ୍ରୀମାନଙ୍କ ଲାଗି ବାହାରେ ଡିଏମଆରସି ଜରୁରୀ ଭିତ୍ତିରେ ଶୌଚାଳୟ ନିର୍ମାଣ କରିଛି।



ସର୍ବସାଧାରଣ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ମେଟ୍ରୋ ପରିସରକୁ ସଫାସୁତୁରା ଏବଂ ଆବର୍ଜନାମୁକ୍ତ ରଖିବା ଏକ ପ୍ରମୁଖ ଆଭିମୁଖ୍ୟ। ନିଜ ପରିସରକୁ ସର୍ବାଧିକ ସ୍ୱଚ୍ଛ ଓ ପରିଚ୍ଛନ୍ନ ରଖିବା ଉପରେ ଦିଲ୍ଲୀ ମେଟ୍ରୋ ସର୍ବାଧିକ ପ୍ରାଥମିକତା ଦେଉଛି। ବିଶ୍ୱର ଏହା ସବୁଠୁ ସ୍ୱଚ୍ଛ ପରିବହନ ବ୍ୟବସ୍ଥା। ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାରେ ବିଶ୍ୱସ୍ତରୀୟ ପରିଚ୍ଛନ୍ନତା ଆପଣେଇବା ଲାଗି ଦିଲ୍ଲୀ ମେଟ୍ରୋ ଦୀର୍ଘଦିନ ଧରି ବିଭିନ୍ନ ଆଧୁନିକ ବ୍ୟବସ୍ଥାକୁ ଗ୍ରହଣ କରିଆସୁଛି। ଏଥିପାଇଁ ଡିଏମ୍ଆରସି ତା'ର ସମସ୍ତ ଷ୍ଟେସନ୍ ମ୍ୟାନେଜରଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ ବ୍ୟବସ୍ଥା କରୁଛି।

ଏକ ବ୍ୟବସ୍ଥିତ ପରିଚ୍ଛନ୍ନତା ଓ ହାଉସ୍ କିପିଂ କାର୍ଯ୍ୟ ଲାଗି ଡିଏମଆରସି କେତେକ ନୂଆ ନୂଆ ଯନ୍ତ୍ରପାତି, ମେସିନ୍‌ର ଉପଯୋଗ କରୁଛି। ଏହାଦ୍ୱାରା ୨୪ ଘଣ୍ଟା(ଦିନରାତି) ଷ୍ଟେସନ୍ ପରିସରକୁ ପରିଷ୍କାର ଓ ସ୍ୱାସ୍ଥ୍ୟକର ରଖିପାରିଛି। ସବୁ ଟିମ୍‌ର ଅଧିକାରୀ, ସୁପରଭାଇଜରଙ୍କୁ ଏହିକାମ ଲାଗି ବିଭିନ୍ନ ଷ୍ଟେସନ୍ ଓ ରକ୍ଷଣାବେକ୍ଷଣ ଡିପୋ ଗୁଡ଼ିକରେ ମୁତୟନ କରାଯାଇଛି। ସେମାନଙ୍କୁ ସ୍ୱତନ୍ତ୍ର ସଂସ୍ଥା ଗୁଡ଼ିକ ଦ୍ୱାରା ଆବଶ୍ୟକ ତାଲିମ ପ୍ରଦାନ ସହ ପ୍ରମାଣପତ୍ର ମଧ୍ୟ ଦିଆଯାଉଛି।

ଏହାବ୍ୟତୀତ ଡିଏମଆରସି ସମସ୍ତ ଷ୍ଟେସନ୍ ମ୍ୟାନେଜର, ଟ୍ରେନ୍ ମେଣ୍ଟେନାନ୍ସ ଡିପୋ ଇନ୍‌ଚାର୍ଜ ଓ ଅପରେସନ୍ ବିଭାଗର ଅନ୍ୟାନ୍ୟ ଅଧିକାରୀମାନଙ୍କ ଲାଗି ଏସଂକ୍ରାନ୍ତରେ କେତେକ କାର୍ଯ୍ୟକ୍ରମ ଓ କର୍ମଶାଳାର ମଧ୍ୟ ଆୟୋଜନ କରୁଛି। କିଭଳି ବିଭାଗ ଗୁଡ଼ିକ ପରିମଳର ନୂଆ ନୂଆ କୌଶଳକୁ ଆପଣାଇବେ ସେଥିପାଇଁ ଧ୍ୟାନ ଦିଆଯାଉଛି।

ମେଟ୍ରୋ ପକ୍ଷରୁ ଆବଶ୍ୟକ ଯନ୍ତ୍ରାଂଶ, ସ୍ୱତନ୍ତ୍ର ବ୍ୟବହୃତ ସାମଗ୍ରୀ, ସଫେଇରେ ବ୍ୟବହୃତ ରାସାୟନିକ ପଦାର୍ଥ ଯୋଗାଣ ସହିତ ହାଉସ୍ କିପିଂ କର୍ମଚାରୀଙ୍କୁ ଏଥିଲାଗି ନିୟୋଜିତ କରାଯାଉଛି। ଏଥିରେ ନିୟୋଜିତ କର୍ମଚାରୀଙ୍କୁ ନିୟମିତ ଦରମା, ଇପିଏଫ ଏବଂ ଇଏସଆଇ ସୁବିଧା ସିଧାସଳଖ ବ୍ୟାଙ୍କ୍ ଖାତା ଜରିଆରେ କରାଯାଉଛି।

**ଡିଏମଆରସି ନେଟୱାର୍କରେ ହାଉସ୍‌କିପିଂ ସଂକ୍ରାନ୍ତରେ କେତେକ ଗୁରୁତ୍ୱପୂର୍ଣ୍ଣ କଥା-**

୧: ଯନ୍ତ୍ରପାତି ଓ ମେସିନ୍ ସହାୟତାରେ ପରିଚ୍ଛନ୍ନତା କାର୍ଯ୍ୟକୁ ସଠିକ୍ ସଂଚାଳନ କରିବା। ଏଥିସହ ପୁରୁଣା ମେସିନ୍ ଗୁଡ଼ିକର ଆଧୁନିକୀକରଣ କରିବା, ବିଜୁଳିଚାଳିତ ନୂଆ ନୂଆ ମେସିନ୍ ଗୁଡ଼ିକର ଉପଯୋଗ କରିବା, ସ୍କ୍ରବର ଡ୍ରାୟର (ପୋଛାଶୁଖା ଯନ୍ତ୍ର), ବ୍ୟାକ୍ ପ୍ୟାକ୍ ଭ୍ୟାକୁମ୍ କ୍ଲିନର ଆଦି ଯନ୍ତ୍ର ଯୋଗାଇ ଦିଆଯାଉଛି।

୨: ଧୂଳିବିହୀନ ଝାଡୁ ଓ ସଫେଇ।

୩: ବର୍ଜ୍ୟ ଓ ମଇଳା ଆଦିକୁ ପରିବେଶ ଅନୁକୂଳ ବ୍ୟାଗ୍‌ରେ ପୂରାଇ ସେସବୁର ଉତ୍ତମ ପରିଚାଳନା କରିବା ଏବଂ

୪: ସ୍ୱଚ୍ଛତା ଲାଗି ପରିବେଶ ଅନୁକୂଳ ରସାୟନିକ ପଦାର୍ଥ, ଡିଟରଜେଣ୍ଟ ଆଦି ବ୍ୟବହାର କରିବାକୁ ଡିଏମଆରସି ଗୁରୁତ୍ୱ ଦେଉଛି।

ଉପରୋକ୍ତ ପଦକ୍ଷେପ ବ୍ୟତୀତ ଡିଏମଆରସି ଆଉ ମଧ୍ୟ ସମସ୍ତ ଷ୍ଟେସନ୍‌ରେ ସୁଲଭ ମୂଲ୍ୟରେ ପାନୀୟ ଜଳ ଯୋଗାଇ ଦେଉଛି। ଯଦି କୌଣସି ଯାତ୍ରୀ ନିଜସ୍ୱ ବୋତଲ କିମ୍ବା ପାଣି ରଖିବାକୁ ଅନ୍ୟ ଉପକରଣ ଆଣି ନଥାନ୍ତି, ତେବେ ସେମାନେ ପୁନଃପ୍ରକ୍ରିୟାକରଣ ଯୋଗ୍ୟ ପେପର କପ୍‌କୁ ବ୍ୟବହାର କରିପାରିବେ। ତେବେ ଏହି ପେପର କପ୍‌କୁ ପଇସା ଦେଇ ଯାତ୍ରୀମାନଙ୍କୁ କିଣିବାକୁ ପଡିବ। ଉପଲବ୍ଧ ପାନୀୟ ଜଳକୁ ଅଧିକ ବିଶୁଦ୍ଧ ଓ ପ୍ରକ୍ରିୟାକରଣ କରିବା ଲାଗି ଡିଏମଆରସି କେତେକ ଷ୍ଟେସନ୍‌ରେ ଆରଓ (ଜଳ ବିଶୋଧନ ଲାଗି ବ୍ୟବହୃତ ରିଭର୍ସ ଅସ୍‌ମୋସିସ୍ ପ୍ରକ୍ରିୟା) ପ୍ଲାଣ୍ଟ ପ୍ରତିଷ୍ଠା ମଧ୍ୟ କରିଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ସ୍ମାର୍ଟ ୱାଟର ଏଟିଏମ୍ ମଧ୍ୟ ବସାଯାଇଛି। ଏସବୁର ରକ୍ଷଣାବେକ୍ଷଣ ଲାଗି ଡିଏମଆରସି ଘରୋଇ ସଂସ୍ଥା ସହ ଚୁକ୍ତିବଦ୍ଧ ହୋଇ ମିଳିତ କାର୍ଯ୍ୟ କରୁଛି।

ଦିଲ୍ଲୀ ମେଟ୍ରୋ ତା'ର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଓ ସଂଚାଳନ ଲାଗି ପରିବେଶ ଉପଯୋଗୀ ବ୍ୟବସ୍ଥାକୁ ଗ୍ରହଣ କରୁଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ସଂକ୍ରାନ୍ତ ନୂତନ ପଦକ୍ଷେପ ଆଧାରରେ ଡିଏମଆରସି ଏବେ ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ୍ (ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍) ଉପରେ କଟକଣା ମଧ୍ୟ ଲାଗୁ କରିଛି। ଡିଏମଆରସି ତା'ର ସମସ୍ତ ଷ୍ଟେସନ୍ ଓ ଟ୍ରେନ୍ ଭିତରେ ଏହାର ବ୍ୟବହାରକୁ ସଂପୂର୍ଣ୍ଣ ନିଷିଦ୍ଧ କରିଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା ଲାଗି ସବୁଜ ଜ୍ଞାନକୌଶଳକୁ ଆପଣାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ଡିଏମଆରସି ଏନେଇ ଅଙ୍ଗାରକାମ୍ଳ ନିର୍ଗମନ(କାର୍ବନ ଡାଇଅକ୍ସାଇଡ୍ ଏମିସନ୍)କୁ ରୋକିବା ଲାଗି କେତେକ ଉତ୍ତମ ପଦକ୍ଷେପ ଗ୍ରହଣ କରିଛି। ତୃତୀୟ ପର୍ଯ୍ୟାୟର ପ୍ରକଳ୍ପ କାର୍ଯ୍ୟରେ ଡିଏମଆରସି କେତେକ ସବୁଜ ଗୃହ (ଗ୍ରୀନ୍ ବିଲଡିଂ) ନିର୍ମାଣ କରୁଛି। ଏହିସବୁ କୋଠାରେ ଶକ୍ତି ସଂରକ୍ଷଣ ସହ କାର୍ବନ୍ ନିର୍ଗମନ ହ୍ରାସ, ଜଳ ଅମଳ, ସଂରକ୍ଷଣ, ପରିଚାଳନା ଏବଂ ଅନ୍ୟ କାର୍ଯ୍ୟରେ ଏହାର ପୁନଃବ୍ୟବହାର କରାଯିବା ଭଳି ବ୍ୟବସ୍ଥା ରହିଛି। ତେବେ ନୂତନ ତଥା ପରିବର୍ଦ୍ଧିତ ମେଟ୍ରୋ ଷ୍ଟେସନ୍ ଗୁଡ଼ିକରେ ଏଭଳି କୋଠା ନିର୍ମାଣ କରାଯାଉଛି। କେବଳ ଦିଲ୍ଲୀ ମହାନଗରବାସୀ ନୁହେଁ; ଦିଲ୍ଲୀ ଆସି ମେଟ୍ରୋରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କୁ ଉତ୍ତମ ପରିବହନ ସୁବିଧା ସହ ଏକ ସ୍ୱଚ୍ଛ, ସୁସ୍ଥ ତଥା ପରିବେଶ ଅନୁକୂଳ ସେବା ଯୋଗାଇବାରେ ଡିଏମଆରସି ଏକ ଆଦର୍ଶ ବ୍ୟବସ୍ଥା ସୃଷ୍ଟି କରିଛି।

**ଲେଖକ ହେଉଛନ୍ତି ଦିଲ୍ଲୀ ମେଟ୍ରୋ ରେଳ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ**

**Email ID: anujedcc@dmrc.org**

ଫୋକସ୍

# ପରିଚ୍ଛନ୍ନ ଅର୍ଥନୀତି ଓ ସଫାଇ କର୍ମଚାରୀଙ୍କ ମର୍ଯ୍ୟାଦା

ସନ୍ତୋଷ କୁମାର ଗଙ୍ଗୱାର

**ପରିଚ୍ଛନ୍ନ ଅର୍ଥନୀତିର ପୃଷ୍ଠଭୂମି:** ସଫାଇ କ୍ଷେତ୍ର ସଂପ୍ରତି ଭାରତରେ ଏକ ବଡ଼ ଅର୍ଥନୀତି ଭାବେ ଉଦ୍‌ଭବ ହୋଇଛି। ଏହାର ଭବିଷ୍ୟତ ମଧ୍ୟ ବେଶ୍ ଉଜ୍ଜ୍ୱଳ। ଏହି ଅର୍ଥନୀତି କେବଳ ଶୌଚାଳୟ ମଧ୍ୟରେ ସୀମିତ ନୁହେଁ। ଏହା ସହିତ ସ୍ୱଚ୍ଛ ପାନୀୟଜଳ, ଆବର୍ଜନା ଦୂରୀକରଣ, ବର୍ଜ୍ୟ ବସ୍ତୁକୁ ଉପଯୋଗୀ ସମ୍ପଦରେ ପରିଣତ କରିବା ଆଦି ବିଭିନ୍ନ ପ୍ରସଙ୍ଗ ଜଡ଼ିତ। ଡିଜିଟାଇଜଡ୍ ସାନିଟେସନ ବ୍ୟବସ୍ଥାରେ ଡେଟାର ଉପଯୋଗ କରି ଏ କ୍ଷେତ୍ରରେ ଦକ୍ଷତା ବୃଦ୍ଧି, ରକ୍ଷଣାବେକ୍ଷଣ, ଖାଉଟିଙ୍କ ବ୍ୟବହାର ଓ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଉନ୍ନତି ଅଣାଯାଇ ପାରିବ। ପରିଚ୍ଛନ୍ନତା ବା ସଫେଇ ସ୍ୱୟଂ ଏକ ଅର୍ଥନୀତି। ଏହା ସହିତ ପାରମ୍ପରିକ ଭାବେ ସ୍ୱତନ୍ତ୍ର ଓ ସ୍ୱାଧୀନ ପକ୍ଷ ଏବଂ ସ୍ୱାର୍ଥ ଜଡ଼ିତ। ଅତଏବ ଏହି କ୍ଷେତ୍ରର ବିକାଶ ଘଟିଲେ ଏହା ପ୍ରଚୁର କର୍ମ ନିଯୁକ୍ତି ଓ ରୋଜଗାର ସୃଷ୍ଟି କରିପାରିବ। ଏହି କ୍ଷେତ୍ରଗୁଡ଼ିକ ହେଲା ସ୍ୱାସ୍ଥ୍ୟ, ଖାଉଟି ସାମଗ୍ରୀ, କୃଷି ଏବଂ ନୂଆ ଓ ନବୀକରଣୀୟ ଉର୍ଜା ଉଦ୍ୟୋଗ।

ସ୍ୱଚ୍ଛଭାରତ ଅଭିଯାନ-୨୦୧୪, ଜଳଶକ୍ତି ଅଭିଯାନ-୨୦୧୯ ଓ ପ୍ଲାଷ୍ଟିକ ନିଷେଧ ଭଳି ଯେଉଁସବୁ କାର୍ଯ୍ୟକ୍ରମ ଆମ ସରକାର ଆରମ୍ଭ କରିଛନ୍ତି ତାହା ସ୍ୱଚ୍ଛ ଅର୍ଥନୀତିକୁ ଅନୁପ୍ରେରିତ କରୁଛି। ଏସବୁ କାର୍ଯ୍ୟକ୍ରମ ସବୁ ଭାରତୀୟଙ୍କ ମୌଳିକ ସୁବିଧାସୁଯୋଗ ଯୋଗାଇଦେବାକୁ ଅଭିପ୍ରେତ। ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ

*"ପ୍ରତ୍ୟେକ ବ୍ୟକ୍ତି ନିଜର ମାର୍ଜକ (ସଫାଇବାଲା) ହେବା ଉଚିତ। ଖାଦ୍ୟ ଖାଇବା ଭଳି ମଳ ନିଷ୍କାସନର ଆବଶ୍ୟକତା ମଧ୍ୟ ରହିଛି। ତେବେ ନିଜେ ନିଜର ମଇଳା ସଫା କରିବା ପ୍ରତ୍ୟେକଙ୍କ ପାଇଁ ସର୍ବୋତ୍ତମ କାର୍ଯ୍ୟ ହେବ। ଏହା ଯଦି ସମ୍ଭବ ନୁହେଁ ତେବେ ପ୍ରତ୍ୟେକ ପରିବାର ନିଜର ମଇଳା ସଫାଇ ବ୍ୟବସ୍ଥା କରିବା ଆବଶ୍ୟକ। ବର୍ଷ ବର୍ଷ ଧରି ମୁଁ ଅନୁଭବ କରିଛି ଯେ ଯେତେବେଳେ ସମାଜର ଗୋଟିଏ ସ୍ୱତନ୍ତ୍ର ବର୍ଗର ଲୋକଙ୍କୁ ଏଇ ମଇଳା ସଫା କାମରେ ନିଯୋଜିତ କରାଯାଉଛି ସେତେବେଳେ ଏ କ୍ଷେତ୍ରରେ ଏକ ବଡ଼ ତ୍ରୁଟି ରହୁଛି। ସଫେଇ ଭଳି ଏକ ଅତ୍ୟାବଶ୍ୟକ କାମ କରୁଥିବା ଲୋକ ବା ବର୍ଗଙ୍କୁ ପ୍ରଥମେ ସମାଜରେ ସର୍ବନିମ୍ନ ଶ୍ରେଣୀର ମର୍ଯ୍ୟାଦା କିଏ ଦେଲା ତାହାର କୌଣସି ଐତିହାସିକ ରେକର୍ଡ ନାହିଁ। ତଥାପି ଯେଉଁ ଲୋକଟି ଏ ବ୍ୟବସ୍ଥା କରିଛି ସେ ସମାଜ ପାଇଁ ଓ ଆମ ପାଇଁ କୌଣସି ଭଲ କାମ କରିନାହିଁ। ପିଲାଦିନରୁ ଆମେ ଆମ ମନରେ ଏହି ଧାରଣା ରଖିବା ଉଚିତ ଯେ ଆମେ ସମସ୍ତେ ଜଣେ ଜଣେ ସଫାଇବାଲା। ଆମେ ନିଜର ମଇଳା ସଫା କରିବାବେଳେ ଏହାକୁ ଜଣେ ସଫାଇବାଲାର ଶାରୀରିକ ଶ୍ରମ ଭାବେ ବିବେଚନା କଲେ ଏହି କାମଟିକୁ ସହଜରେ କରିପାରିବା। ମଇଳା ସଫାଇ କାମକୁ ଏଭଳି ଚତୁରତାର ସହ ଗ୍ରହଣ କରିନେଲେ ମଣିଷ ମଣିଷ ଭିତରେ ସମାନତା ଭାବ ପ୍ରତି ପ୍ରକୃତ ସମ୍ମାନ ପ୍ରଦର୍ଶନ କରିହେବ।"*

***- ମହାତ୍ମା ଗାନ୍ଧୀ***

ଯୋଗାଣ ସହ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଓ ମଇଳା ପ୍ରଦୂଷଣକୁ ରୋକିବାକୁ ଉଦ୍ୟମ ଚାଲିଛି। ନିକଟରେ ପ୍ରକାଶିତ ଶୌଚାଳୟ ବୋର୍ଡ ଆକଳନ ରିପୋର୍ଟ ଅନୁସାରେ ପରିଚ୍ଛନ୍ନତା ଓ ସ୍ୱଚ୍ଛତା ସଂକ୍ରାନ୍ତ ଭାରତୀୟ ବଜାରର ଆକାର ୨୦୧୭ରେ ୩୩ ବିଲିୟନ ଡଲାର ଥିଲା। ଏହା ୨୦୨୧ରେ ୬୨ ବିଲିୟନ ଡଲାରରେ ପହଞ୍ଚିବ ବୋଲି ହିସାବ କରାଯାଇଛି। ଲୋକଙ୍କୁ ମୌଳିକ ସୁବିଧା ଯୋଗାଣ ଓ ପ୍ରଦୂଷଣ ଦୂରୀକରଣ କାର୍ଯ୍ୟକ୍ରମ ସହିତ ଅର୍ଥନୀତିର ଯେଉଁ ସମ୍ପର୍କ ରହିଛି ତାହା ଏହି ହିସାବରୁ ସ୍ପଷ୍ଟ ଜାଣି ହେଉଛି। ଏଣୁ ସ୍ୱଚ୍ଛ ଭାରତ ମିଶନ ଓ ତତ୍ ସଂକ୍ରାନ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦ୍ୱାରା ଭାରତୀୟ ଅର୍ଥନୀତି ବିଶେଷ ଉପକୃତ ହେବା ନିଶ୍ଚିତ ଓ ଏହା ସ୍ୱଚ୍ଛ ଅର୍ଥନୀତିର ପରିଚାୟକ।

ଆମ ସରକାରଙ୍କ ପରିଚ୍ଛନ୍ନତା ଅଭିଯାନ ଦ୍ୱାରା କେବଳ ଘରୋଇ ବ୍ୟବସାୟିକ ଉଦ୍ୟୋଗ ଲାଭବାନ ହେବନାହିଁ। ଏହା ପ୍ରଚୁର ନିଯୁକ୍ତି ସୃଷ୍ଟି କରିବା ସହ ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ। ଏହା ଯେ ଦେଶର ଅର୍ଥନୀତିକୁ ସମୃଦ୍ଧ ଓ ଗତିଶୀଳ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ।

ସ୍ୱଚ୍ଛତା କ୍ଷେତ୍ରରେ ଭାରତର ଅଗ୍ରଗାମୀ ପଦକ୍ଷେପ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ପ୍ରଶଂସିତ ହୋଇଛି। ମିଳିତ ଜାତିସଂଘର ୭୪ତମ ଅଧିବେଶନରେ ଏହା ଉଚ୍ଚ

ପ୍ରଶଂସା ଲାଭ କରିଛି । ଏହା ବ୍ୟତୀତ ବିଭିନ୍ନ ଆନ୍ତର୍ଜାତିକ ପ୍ରତିଷ୍ଠାନ ଓ ସଂସ୍ଥା ମଧ୍ୟ ଭାରତର ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହାକୁ ଏକ ଆଦର୍ଶ ଭାବେ ଗ୍ରହଣ କରିଛନ୍ତି । ମିଳିତ ଜାତିସଂଘ ୨୦୩୦ ଯାଏ ଯେଉଁ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି-୬) ଧାର୍ଯ୍ୟ କରିଛି ସେଥିରେ ପରିଚ୍ଛନ୍ନତା, ପ୍ରଦୂଷଣ ନିରାକରଣ ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଅଗ୍ରାଧିକାର ପାଇଛି । ଏ କ୍ଷେତ୍ରରେ ଭାରତର ସଫଳତା ଏହି ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି ମିଳିତ ଜାତିସଂଘ ପକ୍ଷରୁ ଦୃଢ଼ ଆଶା ପୋଷଣ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛତା ସଂକ୍ରାନ୍ତ ଦୁଇଟି ପ୍ରମୁଖ ଦିଗ ଉପରେ ଏହି ଲେଖାରେ ଆଲୋକପାତ କରୁଛି । ସ୍ୱଚ୍ଛ ଭାରତ ଗଠନ ଓ ନୂଆ ଭାରତ ନିର୍ମାଣ ସରକାରଙ୍କର ଦୁଇଟି ପ୍ରମୁଖ ସଂକଳ୍ପ । ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । 'ସଂକଳ୍ପରୁ ସିଦ୍ଧି' ମନୋଭାବ ରଖି ଏସବୁ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ସ୍ୱଚ୍ଛ ଭାରତ ଅଭିଯାନର ସଫଳତା ସେଇ ସଂକଳ୍ପର ସିଦ୍ଧି । ୨୦୨୨ ସୁଦ୍ଧା ନୂଆ ଭାରତ ନିର୍ମାଣର ସଂକଳ୍ପକୁ ସାକାର କରିବା ପାଇଁ ମଧ୍ୟ କାର୍ଯ୍ୟ ଚାଲିଛି ।

**ସ୍ୱଚ୍ଛତା ଦିଗରେ ସରକାରୀ ପ୍ରୟାସ:**

୨୦୨୨ ସୁଦ୍ଧା ନୂଆ ଭାରତ ନିର୍ମାଣର ଯେଉଁ ସଂକଳ୍ପ ପ୍ରଧାନମନ୍ତ୍ରୀ ନେଇଛନ୍ତି ତାହାର ପ୍ରଥମ ସୋପାନ ହେଲା ସ୍ୱଚ୍ଛ ଭାରତ । ଏ କ୍ଷେତ୍ରରେ ଆମ ସରକାର ତିନିଟି ବଡ଼ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସେଥିରୁ ପ୍ରଥମଟି ହେଲା ସ୍ୱଚ୍ଛ ଭାରତ ଅଭିଯାନ । ଏଥିରେ ୨୦୧୯ ଅକ୍ଟୋବର ୨ ତାରିଖ (ଗାନ୍ଧୀ ଜୟନ୍ତୀ) ସୁଦ୍ଧା ସମଗ୍ର ଦେଶକୁ ବାହ୍ୟ ମଳତ୍ୟାଗରୁ ମୁକ୍ତ କରିବାର ଲକ୍ଷ୍ୟ ରଖାଯାଇଥିଲା । ସେଇ ଲକ୍ଷ୍ୟଟି ସଫଳତାର ସହ ସମ୍ପନ୍ନ ହୋଇଛି । ପାଞ୍ଚ ବର୍ଷ ତଳେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏଇ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଆହ୍ୱାନମୂଳକ ଥିଲା । ସେତେବେଳେ ଦେଶର ଗ୍ରାମାଞ୍ଚଳର ମାତ୍ର ୩୮.୭ ଶତାଂଶ ପରିବାରଙ୍କ ପାଖରେ ଶୌଚାଳୟ ସୁବିଧା ଥିଲା । ତେଣୁ ଅଧିକାଂଶ ଲୋକ ବାହାରେ ମଳତ୍ୟାଗ



କରୁଥିଲେ । ବାପୁଙ୍କ ଜୟନ୍ତୀ ୨୦୧୯ ଅକ୍ଟୋବର ୨ସୁଦ୍ଧା ବାହ୍ୟ ମଳତ୍ୟାଗମୁକ୍ତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଜନସହଯୋଗ ଏବଂ ସରକାରୀ / ବେସରକାରୀ ପ୍ରୟାସରେ ସଫଳ ହୋଇଛି । ଏହା ବାପୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ମୁଁ ଏହା ଆନନ୍ଦର ସହ ଉଲ୍ଲେଖ କରୁଛି ଯେ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହେବାଠାରୁ କାର୍ଯ୍ୟକ୍ରମ ଶେଷ ଯାଏ ସରକାର ଦେଶର ଗ୍ରାମାଞ୍ଚଳରେ ୧୦୦୭.୯୮ ଲକ୍ଷ ଶୌଚାଳୟ ନିର୍ମାଣ କରିଛନ୍ତି । ଏହା ଫଳରେ ପ୍ରତ୍ୟେକ ପରିବାର ନିଜସ୍ୱ ଶୌଚାଳୟ ସୁବିଧା ପାଇଛନ୍ତି । ୨୦୧୪ରୁ ୨୦୧୯ ମଧ୍ୟରେ ଏ କ୍ଷେତ୍ରରେ ଶୌଚାଳୟ ହାର ୬୧.୩ ଶତାଂଶ ବୃଦ୍ଧି ପାଇଛି ଏବଂ ଏହି କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ମିଳିଛି । ଏହି ସମୟ ମଧ୍ୟରେ ଦେଶର ୬୯୯ ଜିଲା, ୨,୫୮,୬୫୭ ଗ୍ରାମ ପଞ୍ଚାୟତ ଓ ୫,୯୯,୯୬୩ ଗାଁ ନିଜକୁ ବାହ୍ୟ ମଳତ୍ୟାଗ ମୁକ୍ତ ବା ଓଡିଏଫ୍ ଘୋଷଣା କରିଛନ୍ତି । ସହରାଞ୍ଚଳରେ ୨୦୧୪ରୁ୧୯ ମଧ୍ୟରେ ୬୦ଲକ୍ଷ ପାରିବାରିକ, ୫.୫ଲକ୍ଷ ସର୍ବସାଧାରଣ ଏବଂ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି । ସେଇଭଳି ସହରାଞ୍ଚଳର ୭୯ ହଜାର ୱାର୍ଡ (୮୬%)ରେ ପୌରସଂସ୍ଥା ପକ୍ଷରୁ ଘର ଦ୍ୱାର ମୁହଁରୁ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଛି, ଯାହାର ହାର ଶତପ୍ରତିଶତ । ସଂଗୃହୀତ ଏହି ଆବର୍ଜନା ମଧ୍ୟରୁ ସଂଗ୍ରହ ସ୍ଥଳରେ ୬୦ ଶତାଂଶକୁ ପୃଥକ୍ ଅର୍ଥାତ୍ ତରଳ ଓ ଶୁଷ୍କ ଅଲଗା କରାଯାଉଛି । ୨୦୧୪ରେ ସଂଗ୍ରହ ସ୍ଥଳରେ ଆବର୍ଜନା ଅଲଗା କରିବାର ହାର ଥିଲା ୪୧ ଶତାଂଶ । ମାତ୍ର ଚାରି ବର୍ଷ ମଧ୍ୟରେ ଏହି ସଫଳତା ନିଶ୍ଚିତ ଉଲ୍ଲେଖଯୋଗ୍ୟ ।

ଉପରୋକ୍ତ ତଥ୍ୟାବଳୀ ସୂଚିତ କରୁଛି ଯେ ଖୁବ୍ କମ୍ ସମୟରେ ଏ କ୍ଷେତ୍ରରେ ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସରକାର କେବଳ ଯୋଜନା କରି ଲକ୍ଷ୍ୟ ନିର୍ଦ୍ଧାରଣ କରୁନାହାନ୍ତି; ଏହାର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରି ଧାର୍ଯ୍ୟ ସମୟରେ ଲକ୍ଷ୍ୟ ହାସଲ କରୁଛନ୍ତି । ୨୦୧୯ ଅକ୍ଟୋବର ୨ ତାରିଖରେ ଅହମଦାବାଦଠାରେ ଆୟୋଜିତ ସ୍ୱଚ୍ଛ ଭାରତ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏ କ୍ଷେତ୍ରରେ ସଫଳତା ପାଇଁ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଗ୍ରାମାଞ୍ଚଳର ଜନସାଧାରଣ, ବିଶେଷ କରି ସରପଞ୍ଚ ଓ ଅନ୍ୟ ଯେଉଁମାନେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି ପ୍ରଧାନମନ୍ତ୍ରୀ ସେମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇବାକୁ

ଭୁଲି ନ ଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବୟସ, ଲିଙ୍ଗ, ସାମାଜିକ ଓ ଆର୍ଥିକ ସ୍ଥିତି ନିର୍ବିଶେଷରେ ପ୍ରତ୍ୟେକ ଲୋକ ସ୍ୱଚ୍ଛତା, ମର୍ଯ୍ୟାଦା ଓ ସମ୍ମାନର ଶପଥ ନେଇ ଏହି ମହାନ ଲକ୍ଷ୍ୟକୁ ପୂରଣ କରିବାରେ ଅବଦାନ ଦେଇଛନ୍ତି। ମାତ୍ର ୬୦ ମାସ ମଧ୍ୟରେ ୬୦କୋଟିରୁ ଅଧିକ ଲୋକଙ୍କୁ ଭାରତ ଜନସହଯୋଗ ଓ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଶୌଚାଳୟ ସୁବିଧା ଯୋଗାଇ ଦେବାରେ ସକ୍ଷମ ହୋଇଥିବାରୁ ସମଗ୍ର ବିଶ୍ୱ ଚକିତ ହୋଇଯାଇଛି। ଏକ ପରିଚ୍ଛନ୍ନ, ସୁସ୍ଥ, ସମୃଦ୍ଧ ଓ ଶକ୍ତିଶାଳୀ ନୂଆଭାରତ ନିର୍ମାଣ ପାଇଁ ଗାନ୍ଧିଜୀଙ୍କର ଯେଉଁ ସ୍ୱପ୍ନ ଥିଲା ତାହାକୁ ପୂରଣ କରିବାକୁ ସରକାର ସଂକଳ୍ପବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଥିଲେ।

ଏନ୍‌ଡିଏ-୨ ସରକାରର ପ୍ରଥମ ପାଳି (୨୦୧୪-୧୯)ରେ ଆମେ ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲୁ। ଦ୍ୱିତୀୟ ପାଳିରେ ଆମେ ପ୍ରତ୍ୟେକ ପରିବାରକୁ ପାଇପ୍ ଜଳ ଯୋଗାଣ, ଥରେ ବ୍ୟବହାର ଉପଯୋଗୀ ପ୍ଲାଷ୍ଟିକ ନିଷିଦ୍ଧ ଏବଂ ଆବର୍ଜନାର ଉପଯୁକ୍ତ ପରିଚାଳନା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛୁ। ଏହା ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନର ସଫଳତା ସ୍ଥାୟୀ ନିରନ୍ତର ହୋଇପାରିବ। ସ୍ୱଚ୍ଛ ଭାରତ ଅଭିଯାନ ପରେ ସରକାର ଏବେ ଯେଉଁ ସବୁ ନୂଆ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତା'ଦ୍ୱାରା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅନେକ ନୂଆ ନିଯୁକ୍ତି ଓ ରୋଜଗାର ସୁଯୋଗ ସୃଷ୍ଟି ହେବ। ଏହା ଫଳରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଆମର ଯୁବ ସମାଜ, ବିଶେଷ କରି ନିଯୁକ୍ତି ଆଶାୟୀ ଉପକୃତ ହେବେ।

୨୦୧୯ ମେ ମାସରେ ଜଳଶକ୍ତି ନାମରେ ଏକ ନୂଆ ମନ୍ତ୍ରଣାଳୟ ଗଠିତ ହୋଇଛି। ଏହାର ଗଠନର ଏକ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଦିବସ ଅବସରରେ "ହର୍ ଘର୍ ଜଲ୍" ବା ଜଳଜୀବନ ମିଶନ ବିଷୟରେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୨୪ସୁଦ୍ଧା ଦେଶର ସବୁ ଘରକୁ ପାଇପ୍ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା ଜଳ ସଂରକ୍ଷଣ ପାଇଁ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିବାକୁ ସେ ଦେଶବାସୀଙ୍କ ସହଯୋଗ କାମନା କରିଛନ୍ତି। ସ୍ୱଚ୍ଛଭାରତ ପରି ଜଳଜୀବନ ଅଭିଯାନ ଏକ ମହତାକାଙ୍କ୍ଷୀ ଓ ଆହ୍ୱାନମୂଳକ କାର୍ଯ୍ୟକ୍ରମ। ଦେଶର ୧୮କୋଟି ଗ୍ରାମୀଣ ପରିବାର ମଧ୍ୟରୁ ଏବେ ମାତ୍ର ତିନିକୋଟି ପାଇପ୍ ପାଣିର ସୁବିଧା ପାଉଛନ୍ତି। ପାଞ୍ଚ ବର୍ଷ ମଧ୍ୟରେ ୧୫କୋଟି ପରିବାରଙ୍କୁ ପାଇପଜଳ ଯୋଗାଣ ଲକ୍ଷ୍ୟ ନିଶ୍ଚୟ ଏକ ବିରାଟ ଆହ୍ୱାନ। ପାନୀୟ ଜଳ ସଂଗ୍ରହ ପାଇଁ ଗ୍ରାମାଞ୍ଚଳରେ ଲୋକେ, ବିଶେଷ କରି ମହିଳାମାନେ ନାହିଁ ନ ଥିବା ଅସୁବିଧା ଭୋଗିଥାନ୍ତି। ଜଳଉତ୍ସ ନିକଟରେ ସେମାନଙ୍କର ଲମ୍ବା ଧାଡ଼ି ଲାଗିଥାଏ। ଅନେକ ସ୍ଥାନରେ ବହୁ ଦୂରକୁ ଯାଇ ମହିଳାମାନଙ୍କୁ ପିଇବା ପାଣି ସଂଗ୍ରହ କରିବାକୁ ପଡ଼ିଥାଏ। ଏହି ଅସୁବିଧା ଦୂର ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ନିଶ୍ଚିତ ପ୍ରଶଂସାଯୋଗ୍ୟ। ସରକାର ସ୍ୱଚ୍ଛଭାରତ ଭଳି ଏହି କାର୍ଯ୍ୟକ୍ରମରେ



ବେସରକାରୀ ସଂଗଠନ, ସଂସ୍ଥା, ନାଗରିକ ସମାଜ ଓ ବିଭିନ୍ନ ସଂପୃକ୍ତ ପକ୍ଷଙ୍କ ସହଯୋଗରେ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ହାସଲ କରିବାରେ କିଛି ଅସୁବିଧା ନ ଥିବା ମନେ ହୁଏ। ଏହି ଜଳଜୀବନ କାର୍ଯ୍ୟକ୍ରମ ସ୍ୱଚ୍ଛ ଅର୍ଥନୀତିକୁ ଆହୁରି ତ୍ୱରାନ୍ୱିତ କରିବ। ଆସନ୍ତା ବର୍ଷଗୁଡ଼ିକରେ ସରକାର ଏହି କାର୍ଯ୍ୟକ୍ରମରେ ୩.୩୫ଲକ୍ଷ କୋଟି ଟଙ୍କା ବ୍ୟୟ କରିବେ। ଏହା ନୂଆ ନିଯୁକ୍ତି ଓ ରୋଜଗାର ସୃଷ୍ଟିରେ ସହାୟକ ହେବା ସହ ଏଥି ସହିତ ସଂପୃକ୍ତ ଉଦ୍ୟୋଗ ମଧ୍ୟ ଉପକୃତ ହେବ।

ଶେଷରେ, ସରକାର ୨୦୧୯ ଅକ୍ଟୋବର ୨ ତାରିଖଠାରୁ ଥରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକର ପ୍ରଚଳନ ବନ୍ଦ କରିବାକୁ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଆବର୍ଜନା ସୃଷ୍ଟି ରୋକିବାରେ ସହାୟକ ହେବ। ଭାରତରେ ବାର୍ଷିକ ୧୪ ନିୟୁତ ଟନ୍ ପ୍ଲାଷ୍ଟିକ୍ ବ୍ୟବହୃତ ହୁଏ। ଥରେ ବ୍ୟବହାର ପରେ ସେସବୁକୁ ଲୋକେ ଏଣେତେଣେ ଫିଙ୍ଗି ଦିଅନ୍ତି। ଫଳରେ ଗୁରୁତର ପରିବେଶ ପ୍ରଦୂଷଣ ଘଟୁଛି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଜଳ ଓ ଭୂମି ପ୍ରଦୂଷଣ କମିବା ସହ ଲୋକଙ୍କ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଘଟିବ।

**ସଫେଇ କର୍ମଚାରୀଙ୍କୁ ମର୍ଯ୍ୟାଦା:**

ପରିଚ୍ଛନ୍ନତା ରକ୍ଷା କାମରେ ସଫେଇ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅନସ୍ୱୀକାର୍ଯ୍ୟ। ଏହା ସତ୍ତ୍ୱେ ଏହି କ୍ଷେତ୍ରରେ କାମ କରୁଥିବା ଲୋକେ ଘୃଣ୍ୟ ସାମାଜିକ ବିଚାରର ସମ୍ମୁଖୀନ ହୁଅନ୍ତି। ଏକଦା ସମାଜ ଏହାକୁ ଏକ କଳଙ୍କିତ କାର୍ଯ୍ୟ ବୋଲି ଦେଖୁଥିଲା ଏବଂ କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକେ ଏ କାମ କରିବାକୁ ଜନ୍ମ ବୋଲି ଗୋଟେ ଅଦ୍ଭୁତ ଯୁକ୍ତିହୀନ ବିଚାର ଥିଲା। ଯେଉଁମାନେ ହାତରେ ମଇଳା ସଫା କରୁଥିଲେ ସେମାନଙ୍କୁ ସମାଜ ଅତ୍ୟନ୍ତ ଘୃଣା ଚକ୍ଷୁରେ ଦେଖୁଥିଲା। ସଫାଇ କର୍ମଚାରୀଙ୍କ ପ୍ରତି ସାମାଜିକ ଦୃଷ୍ଟିକୋଣ ବଦଳାଇବା ପାଇଁ ଆମ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଏକ ଉଦ୍ୟମ ଆରମ୍ଭ କରି ସଫାଇ କ୍ଷେତ୍ରରେ କାମ କରୁଥିବା ଲୋକମାନଙ୍କୁ କୁଡ଼ାୱାଲା / କଚରାୱାଲା ଓ ଆବର୍ଜନା ସଫାଇ ବାଲା ଭାବେ ସମ୍ବୋଧନ ନ'କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ। ଆହୁରି ମଧ୍ୟ ନିକଟରେ ଶେଷ ହୋଇଥିବା କୁମ୍ଭମେଳା ଅବସରରେ ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ସଫାଇ କର୍ମଚାରୀଙ୍କ ପାଦ ଧୋଇଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୁମ୍ଭମେଳାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସ୍ୱଚ୍ଛତା ରକ୍ଷା କ୍ଷେତ୍ରରେ ଏମାନଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହା କରିଥିଲେ। ଅଳ୍ପଦିନ ତଳେ ପ୍ରଧାନମନ୍ତ୍ରୀ ମଥୁରାରେ ଆବର୍ଜନା ଗୋଟାଳିଙ୍କ ସହ ମିଶି ଏକ ଅଳିଆଗଦାରୁ ପରିତ୍ୟକ୍ତ ପ୍ଲାଷ୍ଟିକକୁ ଅଲଗା କରିଥିଲେ। ଶେଷ ଘଟଣା ହେଲା, ପ୍ରଧାନମନ୍ତ୍ରୀ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ଓ ବରିଷ୍ଠ ଅଧିକାରୀ ହାତରେ ଝାଡୁ ଧରି ବିଭିନ୍ନ ସର୍ବସାଧାରଣ ସ୍ଥାନକୁ ପରିଷ୍କାର କରିଥିଲେ। ଅନେକ ଏହାକୁ ପ୍ରତୀକାତ୍ମକ କହିଥିଲେ; ମାତ୍ର ମୋ ପାଇଁ ଏହା ସଫାଇ କର୍ମଚାରୀଙ୍କ ଉନ୍ନତି ନିମନ୍ତେ ସମାଜକୁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାର ଏକ ବାର୍ତ୍ତା।

ସଫାଇ କର୍ମଚାରୀଙ୍କ ପ୍ରତି ସମାଜର ଯେଉଁ ଧାରଣା ରହିଛି ତାହାକୁ ବଦଳାଇବାକୁ ଆମ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଛଡ଼ା ଏହି ବର୍ଗର ଲୋକଙ୍କ ସ୍ଥିତିରେ ଉନ୍ନତି ଆଣି ସେମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବା ସହ ଶ୍ରମର ମର୍ଯ୍ୟାଦାକୁ ମଧ୍ୟ ପ୍ରତିଷ୍ଠା କରିବାକୁ ଉଦ୍ୟମ କରାଯାଉଛି। ଆବଶ୍ୟକ ସ୍ଥଳେ ସେମାନଙ୍କୁ ଆଇନଗତ ସହାୟତା ମଧ୍ୟ ଦିଆଯାଇଛି। ସେମାନଙ୍କ ଆୟ ବୃଦ୍ଧି ପାଇଁ ଆର୍ଥିକ ସହାୟତା ପ୍ରଦାନ, ପେନ୍‌ସନ୍ ଯୋଗାଣ ବ୍ୟବସ୍ଥା, ଉପଯୁକ୍ତ ପ୍ରାପ୍ୟ ଓ ବେତନ, ସ୍ୱାସ୍ଥ୍ୟ ତଥା ଆବାସିକ ସୁବିଧା ଯୋଗାଣର ବ୍ୟବସ୍ଥା କରାଯାଇଛି।

**ଆଇନଗତ ସୁରକ୍ଷା:**

ହାତରେ ମଇଳା ସଫା କରିବା ବ୍ୟବସ୍ଥାକୁ ସରକାର ଉଚ୍ଛେଦ କରିଛନ୍ତି ଓ ଏହା ବେଆଇନ୍ ହୋଇଛି। ସଫାଇ କର୍ମଚାରୀ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ। ଗୋଟିଏ ବର୍ଗ ହାତରେ ମଇଳା ସଫା କରିବା ସହ ଠିକା ଶ୍ରମିକ ଭାବେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଓ ବିପଜ୍ଜନକ ପରିବେଶରେ କାମ କରନ୍ତି। ଅନ୍ୟ ବର୍ଗଟି ସାଧାରଣ ପରିଷ୍କାର ପରିଚ୍ଛନ୍ନତା କାମ ଦେଖନ୍ତି। ପ୍ରଥମ ବର୍ଗର ସଫେଇ କର୍ମଚାରୀମାନେ ହାତରେ ଶୌଚାଳୟ, ନର୍ଦ୍ଦମା, ମଳ ଟାଙ୍କି, ମଳ ପାଇପ୍ ଓ ରେଳପଥଗୁଡ଼ିକୁ ସଫା କରିଥାନ୍ତି। ୨୦୧୩ରେ ସରକାର ଏକ ଆଇନ କରି ହାତରେ କରାଯାଉଥିବା ଏଭଳି ସଫେଇକୁ ବେଆଇନ୍ କରିଛନ୍ତି। ଏହି କାମରେ କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇପାରିବ ନାହିଁ। ସେପ୍ଟିକ୍ ଟ୍ୟାଙ୍କ, ସିୱେର ଓ ଅନ୍ୟାନ୍ୟ ବିପଜ୍ଜନକ କାମରେ ହାତ ସଫେଇ ନିଷିଦ୍ଧ ହୋଇଛି। ଅସ୍ୱାସ୍ଥ୍ୟକର ଶୌଚାଳୟ (ଖୋଲା ପାଇଖାନା)ଗୁଡ଼ିକ ନିଷିଦ୍ଧ ହୋଇଥିବାବେଳେ ଏଥିରେ ନିଯୁକ୍ତ ଥିବା କର୍ମଚାରୀଙ୍କ ଥଇଥାନ ଓ ପୁନର୍ବାସର ବ୍ୟବସ୍ଥା କରାଯାଇଛି। ଆଇନ ଉଲ୍ଲଙ୍ଘନକାରୀଙ୍କ ନିମନ୍ତେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଏବଂ ୨ବର୍ଷ କାରାଦଣ୍ଡର ନିୟମ ହୋଇଛି।

୨୦୧୪ ଠାରୁ ୨୦୧୩ ବର୍ଷର ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଏଥିପାଇଁ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରାଯାଇ ସଫେଇ କର୍ମଚାରୀଙ୍କ ଉଦ୍ଧାର ତଥା ଥଇଥାନ ଦିଗରେ କାର୍ଯ୍ୟ ଚାଲିଛି। ଗ୍ରାମିଣ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମରେ ଅସ୍ୱାସ୍ଥ୍ୟକର ଶୌଚାଳୟଗୁଡ଼ିକୁ ଚିହ୍ନଟ କରି ତାହାକୁ ସ୍ୱାସ୍ଥ୍ୟଗତ ଶୌଚାଳୟରେ ପରିଣତ କରିବା ପାଇଁ ୧୨ହଜାର ଟଙ୍କାର ସରକାରୀ ସହାୟତା ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ସହରାଞ୍ଚଳରେ ଏଥିପାଇଁ ୪୦୦୦ଟଙ୍କାର ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ଯେଉଁମାନେ ପୂର୍ବରୁ ହାତରେ ଶୌଚାଳୟ ସଫା କରୁଥିଲେ ସେମାନଙ୍କୁ ଚିହ୍ନଟ କରି ସେମାନଙ୍କ ଥଇଥାନ କରିବାକୁ ନିୟମିତ ବ୍ୟବଧାନରେ ସର୍ଭେ କରାଯାଉଛି।

**ସର୍ବନିମ୍ନ ମଜୁରି ଓ ଅନ୍ୟାନ୍ୟ ସୁବିଧା:**

କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ରେ ଏକ




ଆଇନ ପ୍ରଣୟନ କରାଯାଇଛି । ଏଥିରେ ସଫେଇ କର୍ମଚାରୀଙ୍କ ସମେତ ପରିଚ୍ଛନ୍ନତା କ୍ଷେତ୍ରରେ କାମ କରୁଥିବା ଅନ୍ୟ ସମସ୍ତ କର୍ମଚାରୀଙ୍କ ନିର୍ଦ୍ଧାରିତ ସମୟରେ ସର୍ବନିମ୍ନ ମଜୁରି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନର ବ୍ୟବସ୍ଥା ରହିଛି । ଯେଉଁମାନେ ବିପଜ୍ଜନକ ପରିବେଶରେ କାମ କରୁଛନ୍ତି ସେମାନଙ୍କ ପାଇଁ ଏଥିରେ ଅଧିକ ମଜୁରିର ବ୍ୟବସ୍ଥା ଅଛି । ଏହି ଆଇନ୍ ଫଳରେ ସଫେଇ କର୍ମଚାରୀଙ୍କ ବେତନ ଓ କାର୍ଯ୍ୟରେ ଉନ୍ନତି ଆସିଛି ଏବଂ ସେମାନଙ୍କ ଶ୍ରମକୁ ଯଥାର୍ଥ ମର୍ଯ୍ୟାଦା ପ୍ରଦାନ କରାଯାଇଛି । ଏହି ଆଇନରେ ମଧ୍ୟ ଲିଙ୍ଗଗତ ଅସମତା, ମଜୁରି ପ୍ରଦାନରେ ଭେଦଭାବ, କର୍ମଚାରୀ ନିଯୁକ୍ତିରେ ସ୍ତ୍ରୀ-ପୁରୁଷ ବିଚାର ଓ ଅନ୍ୟାନ୍ୟ ପାତରଅନ୍ତର ଭାବର ଅବସାନ ଘଟାଯାଇଛି । ଏହା ଫଳରେ ଏ କ୍ଷେତ୍ରରେ ସବୁ କର୍ମଚାରୀ ସମାନ ସୁବିଧା ସୁଯୋଗ ପାଉଛନ୍ତି । ମହିଳା ସଫେଇ କର୍ମଚାରୀମାନେ ଏହାଦ୍ୱାରା ବିଶେଷ ଲାଭବାନ୍ ହୋଇଛନ୍ତି ।

ସଫେଇ କର୍ମଚାରୀଙ୍କ ପାଇଁ ନିରାପତ୍ତା, ସ୍ୱାସ୍ଥ୍ୟସେବା, କାମ କରିବାର ପରିବେଶରେ ଉନ୍ନତି ଓ ସେମାନଙ୍କ କଲ୍ୟାଣ ବିଶେଷ ଗୁରୁତ୍ୱ ରଖେ । ସରକାର ଆଇନଗତ ପଦକ୍ଷେପ ଗ୍ରହଣ କରି ଏସବୁକୁ ନିଶ୍ଚିତ କରିଛନ୍ତି । ସେଥିପାଇଁ ଲୋକସଭାରେ ଏକ ଅତିରିକ୍ତ ପେସାଗତ ନିରାପତ୍ତା କୋଡ୍ ବିଲ୍ ୨୦୧୯ ଜୁଲାଇ ୨୩ରେ ଉପସ୍ଥାପିତ ହୋଇଛି । ଏଥିରେ ଏ ସଂକ୍ରାନ୍ତ ୧୩ଟି କେନ୍ଦ୍ରୀୟ ଶ୍ରମ ଆଇନର ମିଶ୍ରଣ ଓ ଯଥାଯଥ କରଣ କରାଯାଇଛି । ଏହା ଆଇନରେ ପରିଣତ ହେଲେ ସଫାଇ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା ଓ କଲ୍ୟାଣ ସୁନିଶ୍ଚିତ ହୋଇପାରିବ ।

ସବୁ ଶ୍ରମିକଙ୍କ ପରି ସଫେଇ କର୍ମଚାରୀଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଆମ ମନ୍ତ୍ରଣାଳୟ ଏଥି ପ୍ରତି ସଚେତନ ଓ ଏ ଦିଗରେ କାର୍ଯ୍ୟ କରୁଛି । ଏଥିପାଇଁ ଏକ 'ସାମାଜିକ କୋଡ୍' ପ୍ରସ୍ତୁତ କରାଯାଉଛି ଯ'ଦ୍ୱାରା ବିପୁଳ ଅସଂଗଠିତ ଶ୍ରମିକ ଓ କର୍ମଚାରୀ ଉପକୃତ ହେବେ । ସୂଚନାଯୋଗ୍ୟ ଯେ ସଫେଇ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ଅସଂଗଠିତ କ୍ଷେତ୍ରରେ କାମ କରନ୍ତି । ଏହି ପ୍ରସ୍ତାବିତ ଆଇନ କାର୍ଯ୍ୟକାରୀ ହେଲେ ସଫେଇ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ ।

ଏହା ସହିତ ଅସଂଗଠିତ ଶ୍ରମିକଙ୍କ ପେନ୍‌ସନ୍ ପାଇଁ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ-ଧନ ଯୋଜନା ୨୦୧୯ ମାର୍ଚ୍ଚ ପାଞ୍ଚରେ ଆରମ୍ଭ ହୋଇଛି । ଏହାର ଉଦ୍ଦେଶ୍ୟ ହେଲା ଅସଂଗଠିତ କ୍ଷେତ୍ରର ଶ୍ରମଜୀବୀମାନଙ୍କୁ ବୁଢ଼ା ବୟସରେ ପେନ୍‌ସନ୍ ଯୋଗାଇଦେବା । ଏଥିରେ ସଫେଇ କର୍ମଚାରୀ ଅନ୍ତର୍ଭୁକ୍ତ । ଏହା ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଛି । ଏଥିରେ ଏଯାଏଁ ୩୩,୬୬,୯୯୫ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି । ଏହା ଏକ ସ୍ୱେଚ୍ଛାକୃତ ଓ ଅଂଶ ପ୍ରଦାନକାରୀ ଯୋଜନା । କାର୍ଯ୍ୟକ୍ଷମ ଅବସ୍ଥାରେ ଅସଂଗଠିତ ଶ୍ରମିକ ଏହି ଯୋଜନାରେ ସାମିଲ ହୋଇ ନିଜର ଅଂଶ ଦେଲେ ୬୦ବର୍ଷ ବୟସ ପରେ ମାସିକ ୩୦୦୦ ଟଙ୍କା ଲେଖାଏଁ ପେନ୍‌ସନ୍ ପାଇପାରିବେ । କର୍ମଚାରୀଙ୍କ ପାଇଁ ଅଂଶ ପ୍ରଦାନ ପରିମାଣ ସ୍ୱଳ୍ପ ରଖାଯାଇଛି ଏବଂ ସରକାର ମଧ୍ୟ ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ଅର୍ଥରାଶୀ ପ୍ରଦାନ କରୁଛନ୍ତି । ଏହା ଏକ ଉତ୍ତମ ଯୋଜନା ଏବଂ ଅସଂଗଠିତ କର୍ମଚାରୀ ଏହାର ସୁଯୋଗ ନେବାକୁ ମୁଁ ଅନୁରୋଧ କରୁଛି । ଏଥିପାଇଁ ଶ୍ରମିକ ସଂଗଠନମାନେ କର୍ମଚାରୀଙ୍କୁ ସଚେତନ କରାଇବା ଉଚିତ ।

## ଟେବୁଲ -୧ (କ)

## ଏନ୍‌ଏସ୍‌କେଏଫ୍‌ଡିସି କାର୍ଯ୍ୟକ୍ରମ

| କ୍ରମିକ ସଂଖ୍ୟା | ଯୋଜନାର ନାମ | ସର୍ବାଧିକ ସୀମା | ସୁଧହାର | | ପରିଶୋଧ ସମୟ |
|---|---|---|---|---|---|
| | | | ଏସ୍‌ସିଏ | ହିତାଧିକାରୀ | |
| ୧ | ମହିଳା ସମୃଦ୍ଧି ଯୋଜନା | ୫୦ହଜାର ଟଙ୍କା ପର୍ଯ୍ୟନ୍ତ | ବାର୍ଷିକ ୧% | ବାର୍ଷିକ ୪% | ୩ବର୍ଷ** |
| ୨ | ମହିଳା ଅଧିକାରୀତା ଯୋଜନା | ୭୫ହଜାର ଟଙ୍କା ପର୍ଯ୍ୟନ୍ତ | ବାର୍ଷିକ ୨% | ବାର୍ଷିକ ୫% | ୫ବର୍ଷ** |
| ୩ | ମାଇକ୍ରୋ କ୍ରେଡିଟ୍ ଫାଇନାନ୍ସ | ୫୦ହଜାର ଟଙ୍କା ପର୍ଯ୍ୟନ୍ତ | ବାର୍ଷିକ ୨% | ବାର୍ଷିକ ୫% | ୩ବର୍ଷ** |
| ୪ | ସାଧରଣ ଟର୍ମ ଋଣ | ୧୫ ଲକ୍ଷ ଟଙ୍କା ଯାଏଁ | ବାର୍ଷିକ ୩% | ବାର୍ଷିକ ୬% | ୧୦ବର୍ଷ** |
| ୫ | **ସ୍ୱଚ୍ଛ ଉଦ୍ୟମିତା ଯୋଜନା - "ସ୍ୱଚ୍ଛ ସେ ସମ୍ପନ୍ନତା କି ଔର"** | | | | |
| କ) | ଅର୍ଥ ଦେଇ ଶୌଚାଳୟ ବ୍ୟବହାର କରିବା ଯୋଜନା | ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ୪% ସୁଧ* | | ୧୦ବର୍ଷ*** |
| ଖ) | ପରିଚ୍ଛନ୍ନତାରେ ବ୍ୟବହୃତ ଯାନ କିଣିବା ଯୋଜନା | ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ୪% ସୁଧ* | | ୧୦ବର୍ଷ*** |
| ୬ | ସାନିଟାରୀ ମାର୍ଟସ୍ ସ୍କିମ୍ | ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ୪% ସୁଧ* | | ୧୦ବର୍ଷ*** |
| ୭ | ଶିକ୍ଷା ଋଣ (ସର୍ବାଧିକ ପାଠ୍ୟକ୍ରମ ଖର୍ଚ୍ଚ)<br>ଭାରତରେ ପଢ଼ିବାକୁ ଓ ବିଦେଶରେ ପଢ଼ିବାକୁ<br>ଭାରତରେ ପଢ଼ିବାକୁ ଯେଉଁ ଋଣ ବ୍ୟବସ୍ଥା ଅଛି ତାହାର ସୁଧ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ବହନ କରୁଛି। ବାର୍ଷିକ ୪.୫୦ ଲକ୍ଷ ଟଙ୍କା ଆୟ କରୁଥିବା ବର୍ଗର ପିଲା ଏହି ଋଣ ପାଇବାକୁ ଯୋଗ୍ୟ | ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ<br>୨୦ ଲକ୍ଷ ଟଙ୍କା ଯାଏଁ | ବାର୍ଷିକ ୧% | | ପାଞ୍ଚବର୍ଷର ଶିକ୍ଷାଦାନ ସମୟ ସହ ଏକ ବର୍ଷ ଅତିରିକ୍ତ |
| ୮ | ନୂଆ କରି ବ୍ୟବସାୟ ଆରମ୍ଭ କରିବା ଯୋଜନା | ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ୨% | | ୬ବର୍ଷ**** |

**ବ୍ୟାଖ୍ୟା :** *(ଉତ୍ସ - ଏନ୍‌ଏସ୍‌କେଏଫ୍‌ଡିସି)*

* - ଠିକ ସମୟରେ ସୁଧ ପ୍ରଦାନ କରୁଥିବା ମହିଳାଙ୍କ ପାଇଁ ଏକ ଶତାଂଶ ରିଆତି

** - କାର୍ଯ୍ୟକାରିତାର ତିନିମାସ ଓ ଛ' ମାସର ସ୍ଥଗନ (ମୋରାଟିୟମ) କାଳ

*** - କାର୍ଯ୍ୟକାରିତାର ୬ ମାସ ଓ ଛ' ମାସର ସ୍ଥଗନ (ମୋରାଟିୟମ) କାଳ

**** - ଛ' ମାସର ମୋରାଟରିୟମ ପିରିୟଡ୍ ସହିତ ହାତରେ ମଇଳା ସଫା କରୁଥିବା କର୍ମଚାରୀଙ୍କ ପାଇଁ ଶୌଚାଳୟ ନିର୍ମାଣ ଓ ବ୍ୟବହାର ଯୋଜନାରେ ସର୍ବାଧିକ ୩.୨୫ ଲକ୍ଷ ଟଙ୍କାର ସବ୍‌ସିଡି ଯୋଗାଣ ବ୍ୟବସ୍ଥା ରହିଛି। ପରିଚ୍ଛନ୍ନତା କାର୍ଯ୍ୟରେ ବ୍ୟବହୃତ ଯାନ କ୍ରୟ ପାଇଁ ସମାନ ମାନଦଣ୍ଡର ବ୍ୟବସ୍ଥା ମଧ୍ୟ କରାଯାଇଛି।

### ଟେବୁଲ -୧ (ଖ)

### ଅଣ ରଣ ଭିତ୍ତିକ ଯୋଜନା

| | | |
|---|---|---|
| ୧ | ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ | ପନ୍ଦର ଶହ ଟଙ୍କାର ଷ୍ଟାଇପେଣ୍ଡ ସହ ଶତ ପ୍ରତିଶତ ଅନୁଦାନ ତଥା ସଫାଇ କର୍ମଚାରୀ (ମାନୁଆଲ) ଓ ସେମାନଙ୍କ ପରିବାର ପାଇଁ ମାସିକ ୩୦୦୦ ଟଙ୍କାର ଭତ୍ତା |
| ୨ | ନିଯୁକ୍ତି ମେଳା | ପ୍ରତ୍ୟେକ ନିଯୁକ୍ତି ମେଳା ଆୟୋଜନ ପାଇଁ ୫୦ ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା |
| ୩ | ସଚେତନତା କାର୍ଯ୍ୟକ୍ରମ | ସଚେତନତା କାର୍ଯ୍ୟକ୍ରମ ପାଇଁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ଭରଣା |
| ୪ | କର୍ମଶାଳା | କର୍ମଶାଳା ପିଛା ହେଉଥିବା ଖର୍ଚ୍ଚ ପାଇଁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଭରଣା |

### ଟେବୁଲ -୨

### ଏସ୍‌ଆର୍‌ଏମ୍‌ଏସ୍‌ରେ ଲାଭ ଯୋଗାଣ ବ୍ୟବସ୍ଥା

| କ୍ରମିକ ସଂଖ୍ୟା | ଲାଭ ଯୋଗାଣ ବ୍ୟବସ୍ଥା | ରୂପାୟନ ସ୍ଥିତି |
|---|---|---|
| ୧ | ଏକକାଳୀନ ଅର୍ଥ ସହାୟତା- ଚିହ୍ନଟ ହୋଇଥିବା ପ୍ରତ୍ୟେକ ହାତରେ ମଇଳା ସଫା କରୁଥିବା କର୍ମଚାରୀଙ୍କ ପରିବାର ପାଇଁ ୪୦ ହଜାର ଟଙ୍କା | ଏ ପର୍ଯ୍ୟନ୍ତ ୧୧,୫୬୩ ସଫେଇ କର୍ମଚାରୀଙ୍କୁ ପ୍ରଦାନ କରାଯାଇଛି |
| ୨ | ଦକ୍ଷତା ବିକାଶ ତାଲିମ ପାଇଁ ଦୁଇ ବର୍ଷ ଲାଗି ମାସିକ ୩୦୦୦ଟଙ୍କା ଷ୍ଟାଇପେଣ୍ଡ | ୧୩,୩୯୦ ଜଣ ବର୍ତ୍ତମାନ ସୁଦ୍ଧା ଏହା ପାଇଛନ୍ତି |

**ଆବାସ, ଆର୍ଥିକ ସହାୟତା, ଦକ୍ଷତା ବିକାଶ ଓ ଶିକ୍ଷା:**

ଇନ୍ଦିରା ଆବାସ ଯୋଜନାରେ ଗରିବ ଓ ଆର୍ଥିକ ଅନଗ୍ରସର ଲୋକଙ୍କ କଚ୍ଚା ଘରକୁ ପକ୍କା କରିବା ତଥା ନୂଆ ଘର ତିଆରି କରିବାର ବ୍ୟବସ୍ଥା ରହିଛି। ଏଥିପାଇଁ ହିତାଧିକାରୀଙ୍କ ପିଛା ୭୫ହଜାର ଟଙ୍କାର ସହାୟତା ସରକାର ଯୋଗାଇଦେଉଛନ୍ତି। ଏଥିରେ ହାତରେ ମଇଳା ସଫା କରୁଥିବା ଧନ୍ଦାରୁ ମୁକ୍ତ ହୋଇଥିବା ସଫେଇ କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଗ୍ରାମାଞ୍ଚଳରେ ସେମାନେ ବିପିଏଲ୍ କାର୍ଡଧାରୀ ହୁଅନ୍ତୁ ବା ନ'ହୁଅନ୍ତୁ ସେମାନଙ୍କୁ ଏହି ଯୋଜନାରେ ଘର ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହାବାଦ୍ 'ସମସ୍ତଙ୍କ ପାଇଁ ଘର' ଯୋଜନାରେ ସହରାଞ୍ଚଳର ଏହି କର୍ମଚାରୀଙ୍କ ପାଇଁ ଆବାସ ନିର୍ମାଣ ବ୍ୟବସ୍ଥା ମଧ୍ୟ ରହିଛି।

ଏହି ବର୍ଗର ଲୋକଙ୍କ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ପ୍ରାକ୍-ମାଟ୍ରିକ ବୃତ୍ତି ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଯୋଗାଇ ଦିଆଯାଉଛି। ସଫେଇ କର୍ମଚାରୀମାନଙ୍କ ସାମାଜିକ-ଆର୍ଥିକ ବିକାଶ ପାଇଁ ବିଭିନ୍ନ ଆଜୀବିକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାର ଲକ୍ଷ୍ୟ ହେଲା ସେମାନଙ୍କୁ ସମାଜରେ ମର୍ଯ୍ୟାଦାର ସହ ବଞ୍ଚିବାର ସୁବିଧାସୁଯୋଗ ଯୋଗାଇଦେବା। ସେମାନେ ନିଜର ବ୍ୟବସାୟ ଓ କର୍ମସଂସ୍ଥାନ ନିମନ୍ତେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଉଦ୍ଦିଷ୍ଟ ନିଗମରୁ ଋଣ କୋହଳ ସୁଧ ହାରରେ ନେଇପାରିବେ। ସେମାନଙ୍କ ପିଲାଙ୍କ ପାଠପଢ଼ା ପାଇଁ ସ୍ୱତନ୍ତ୍ର ଆବାସିକ ବ୍ୟବସ୍ଥା, ବୃତ୍ତି ଓ ପୋଷାକପତ୍ର ଯୋଗାଣ ସୁବିଧା ସରକାର କରିଛନ୍ତି। ଏହି ବର୍ଗର ଦକ୍ଷତା ବିକାଶ ପାଇଁ ବିଭିନ୍ନ ନିଃଶୁଳ୍କ କାର୍ଯ୍ୟକ୍ରମ ଓ ତାଲିମ ପ୍ରଦାନ ବ୍ୟବସ୍ଥା କରାଯାଇଛି। ପ୍ରଦତ୍ତ ଟେବୁଲରେ ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି।

**ଆୟୁଷ୍ମାନ ଭାରତ ଯୋଜନାରେ ସଫେଇ କର୍ମଚାରୀଙ୍କ ସ୍ୱାର୍ଥ ସୁରକ୍ଷା:**

ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ) ଭାରତ ସରକାରଙ୍କର ଆଉ ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ଏହା ୨୦୧୮ ସେପ୍ଟେମ୍ବରରେ ଆରମ୍ଭ ହୋଇଥିଲା ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ। ଏଥିରେ ସଫେଇ କର୍ମଚାରୀଙ୍କ କଲ୍ୟାଣ ଓ ସେମାନଙ୍କ ମର୍ଯ୍ୟାଦା ରକ୍ଷା ପାଇଁ ଅନେକ ସମ୍ଭାବନା ରହିଛି। ଏହି ବର୍ଗର ଲୋକମାନେ ମୁଖ୍ୟତଃ ଦରିଦ୍ର ଓ ବଞ୍ଚିତ ବର୍ଗର। ଆୟୁଷ୍ମାନ ଭାରତ ଯୋଜନାରେ ୧୦.୭୪ କୋଟି ଦରିଦ୍ର ଲୋକଙ୍କୁ ଉପକୃତ କରିବାର ବ୍ୟବସ୍ଥା ରହିଛି। ଏସବୁ ପରିବାରଙ୍କୁ ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଣର ବ୍ୟବସ୍ଥା ଅଛି। ପରିବାରର ସଦସ୍ୟ ସଂଖ୍ୟା ନିର୍ବିଶେଷରେ ପ୍ରତ୍ୟେକ ଗରିବ ପରିବାର ଏହି ଯୋଜନାରେ ବିନା ଖର୍ଚ୍ଚରେ ଉତ୍ତମ ହସ୍‌ପିଟାଲରେ ସ୍ୱାସ୍ଥ୍ୟସେବା ପାଇପାରିବେ। ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ମଧ୍ୟ ଏହି ସବୁ ଦରିଦ୍ର ସଫେଇ କର୍ମଚାରୀ ପରିବାର ଅନ୍ତର୍ଭୁକ୍ତ। ଏହା ଫଳରେ ସ୍ୱାସ୍ଥ୍ୟ ସେବା ବାବଦରେ ସେମାନଙ୍କ


କଷ୍ଟାର୍ଜିତ ଅର୍ଥ ବଞ୍ଚି ପାରିବ ଓ ସେମାନଙ୍କ ପରିବାର ସୁସ୍ଥ ସବଳ ରହିବେ। ପିଏମ୍‌ଜେଏଓ୍ୱାଇରେ ଏପର୍ଯ୍ୟନ୍ତ ୧୦,୭୭,୫୯,୫୪୮ ଇ-କାର୍ଡ ପ୍ରଦାନ କରାଗଲାଣି। ଦେଶର ୧୮,୨୮୪ ହସ୍‌ପିଟାଲରେ ଏଯାଏ ୪୮,୩୮,୪୨୨ ବ୍ୟକ୍ତି ଚିକିତ୍ସା ସେବା ପାଇଛନ୍ତି।

**ଶେଷ କଥା:**

ଦେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସଫେଇ କର୍ମଚାରୀଙ୍କ ଅବସ୍ଥାରେ ଉନ୍ନତି ଆଣିବାକୁ ଅନେକ କିଛି କାମ ହୋଇଛି ଓ ସେଥିରେ ସଫଳତା ମିଳିଛି। ଏହା ସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି କାମ କରିବାକୁ ବାକି ଅଛି। ସେଥିପାଇଁ ନିମ୍ନଲିଖିତ ପାଞ୍ଚଟି ବିଷୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

- ସ୍ୱଚ୍ଛ ଭାରତର ଲକ୍ଷ୍ୟ ହାସଲ ଭଳି ଭାରତକୁ ଆଗାମୀ ଦିନରେ ପରିଷ୍କାର ପରିଚ୍ଛନ୍ନ ରଖିବା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଲକ୍ଷ୍ୟରେ ପହଞ୍ଚି ଗଲେ ହାସଲ ହୋଇଥିବା ସଫଳତା ଦୀର୍ଘସ୍ଥାୟୀ ହୁଏନାହିଁ। ଏହାକୁ ଦୀର୍ଘସ୍ଥାୟୀ କରିବାକୁ ଏବେ ପଦକ୍ଷେପ ନେବାକୁ ପଡ଼ିବ। ଯେଉଁ ଗାଁ ସବୁ ଏବେ ଓଡିଏଫ୍ ଘୋଷିତ ହୋଇଛି ସେସବୁର ଲୋକେ ପୁନର୍ବାର ଶୌଚାଳୟ ଛାଡ଼ି ପଡ଼ିଆ ମୁହାଁ ଯେପରି ନହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ସେଥିପାଇଁ ଗ୍ରାମପଞ୍ଚାୟତ ଓ ଜିଲା ସ୍ତରରେ ଆବଶ୍ୟକ ତଦାରଖ ବ୍ୟବସ୍ଥା କରିବାକୁ ହେବ।

- ଭାରତ ଏବେ ଓଡିଏଫ୍ ହୋଇଥିଲେ ହେଁ ଦେଶ ଏ ଯାଏଁ ଆବର୍ଜନା ଓ ମଳମୁକ୍ତ ହୋଇନାହିଁ। ତେଣୁ ଆମକୁ ଆବର୍ଜନା ମୁକ୍ତ ଅର୍ଥନୀତି (ସରକୁଲାର ଇକନମି)ର ପ୍ରୟୋଗ କରିବାକୁ ହେବ। ଏଥିରେ ଆବର୍ଜନାର ଉପଯୁକ୍ତ ବିନିଯୋଗ, ପୁନଃ ପ୍ରକ୍ରିୟାକରଣ ଓ ବ୍ୟବହାର ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହାଦ୍ୱାରା ଆବର୍ଜନା ସମ୍ପତ୍ତିରେ ପରିଣତ ହୋଇପାରିବ। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଓ ଜ୍ଞାନକୌଶଳ ଉପଯୋଗ କରିବାକୁ ହେବ; ତେବେ ଯାଇ ଭାରତ ସମ୍ପୂର୍ଣ୍ଣ ଭାବେ ଆବର୍ଜନାମୁକ୍ତ ହୋଇପାରିବ।



*Source : http://sbm.gov.in/sbmreport/home.aspx*

> ସଫାଇ କର୍ମଚାରୀଙ୍କ ପ୍ରତି ସମାଜର ଯେଉଁ ଧାରଣା ରହିଛି ତାହାକୁ ବଦଳାଇବାକୁ ଆମ ସରକାର ଅନେକ ପଦେକ୍ଷପ ଗ୍ରହଣ କରିଛନ୍ତି। ଏହାଛଡ଼ା ଏହି ବର୍ଗର ଲୋକଙ୍କ ସ୍ଥିତିରେ ଉନ୍ନତି ଆଣି ସେମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବା ସହ ଶ୍ରମର ମର୍ଯ୍ୟାଦାକୁ ମଧ୍ୟ ପ୍ରତିଷ୍ଠା କରିବାକୁ ଉଦ୍ୟମ କରାଯାଉଛି। ଆବଶ୍ୟକ ସ୍ଥଳେ ସେମାନଙ୍କୁ ଆଇନଗତ ସହାୟତା ମଧ୍ୟ ଦିଆଯାଇଛି। ସେମାନଙ୍କ ଆୟ ବୃଦ୍ଧି ପାଇଁ ଆର୍ଥିକ ସହାୟତା ପ୍ରଦାନ, ପେନ୍‌ସନ୍ ଯୋଗାଣ ବ୍ୟବସ୍ଥା, ଉପଯୁକ୍ତ ପ୍ରାପ୍ୟ ଓ ବେତନ, ସ୍ୱାସ୍ଥ୍ୟ ତଥା ଆବାସିକ ସୁବିଧା ଯୋଗାଣର ବ୍ୟବସ୍ଥା କରାଯାଇଛି।

- ହାତରେ ମଇଳା ସଫେଇ ନିଷିଦ୍ଧ ହୋଇଥିଲେ ମଧ୍ୟ ଆଇନକୁ ଉଲ୍ଲଙ୍ଘନ କରି ଦେଶର କେତେକ ସ୍ଥାନରେ ଏ କାମ ହେଉଥିବାର ରିପୋର୍ଟ ମିଳୁଛି। ତେଣୁ ଏହାର ସ୍ଥାୟୀ ନିରାକରଣ ପାଇଁ ନୂଆ ଟେକ୍‌ନୋଲୋଜିର ସହାୟତା ନେବାକୁ ହେବ। ଏଥିପାଇଁ ସବୁ ସଂପୃକ୍ତ ପକ୍ଷଙ୍କ ସାହାଯ୍ୟ ସହଯୋଗର ଆବଶ୍ୟକତା ରହିଛି।

- ପୁରୁଣାକାଳିଆ ଓ ଅସ୍ୱାସ୍ଥ୍ୟକର ଶୌଚାଳୟଗୁଡ଼ିକୁ ଚିହ୍ନଟ କରିବା ସହ ହାତରେ ମଇଳା ସଫେଇ ବ୍ୟବସ୍ଥାକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ହେବ। ନୂଆ ଆଧୁନିକ ଶୌଚାଳୟ ବ୍ୟବସ୍ଥା ଦ୍ୱାରା ଏହା ସମ୍ଭବ ଏବଂ ସେଥିପ୍ରତି ଅଗ୍ରାଧିକାର ଦେବାକୁ ପଡ଼ିବ।

- ଶେଷରେ ସବୁ ଶ୍ରମିକ ସଂଗଠନ, ନିଯୁକ୍ତିପ୍ରଦାନକାରୀ ସଂସ୍ଥା, ଅନ୍ୟାନ୍ୟ ସମଧର୍ମୀ ସଂଗଠନ ଓ ସଂସ୍ଥା ସଫେଇ କର୍ମଚାରୀଙ୍କ ସମସ୍ୟା ଓ ଏହାର ସମାଧାନ ପାଇଁ ସାହାଯ୍ୟ ସହଯୋଗ କରିବାକୁ ମୁଁ ଅନୁରୋଧ କରୁଛି। ସେମାନେ ସରକାରଙ୍କ ସହିତ ହାତ ମିଶାଇ ଏ କ୍ଷେତ୍ରରେ କାମ କଲେ ସଫେଇ କର୍ମଚାରୀଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରିବା ପ୍ରୟାସ ସଫଳ ହେବ ଏବଂ ସେମାନେ ସେମାନଙ୍କର ହୃତ ମର୍ଯ୍ୟାଦା ଫେରିପାଇବେ।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ**
**Email ID: santoshg@sansad.nic.in**

## ବିଶେଷ ପ୍ରସଙ୍ଗ

# ଜନସାଧାରଣଙ୍କ ନୀତି

ପରମେଶ୍ୱରନ ଆୟାର

ରାଜନୈତିକ ନେତୃତ୍ୱ, ସରକାରୀ ଖର୍ଚ୍ଚ, ସହଭାଗିତା ଓ ଜନସହଯୋଗ- ଏହି ଚାରୋଟି ବିଷୟ ହେଉଛି ସ୍ୱଚ୍ଛ ଭାରତ ଅଭିଯାନ (ଗ୍ରାମୀଣ) ପଛରେ ଥିବା ରଣନୈତିକ କେନ୍ଦ୍ରବିନ୍ଦୁ। ଏଥିରେ ଆବଶ୍ୟକ ପ୍ରଶାସନିକ ହସ୍ତକ୍ଷେପ ଯୋଗୁଁ ଏହାର ପ୍ରକୃତ କାର୍ଯ୍ୟାନ୍ୱୟନ ହୋଇପାରିଛି। ସ୍ୱଚ୍ଛତା କାର୍ଯ୍ୟକ୍ରମ ଯଦି ସଫଳ ହୋଇଛି ତେବେ ତାହା ଯୁବ ବୃତ୍ତିଧାରୀ, ଦକ୍ଷ ତଥା ଉତ୍ସର୍ଗୀକୃତ ପ୍ରଶାସନିକ ଅଧିକାରୀଙ୍କ ଯୋଗୁଁ ଓ ଏପରି ପ୍ରତ୍ୟେକ ବ୍ୟକ୍ତିଙ୍କ ଯୋଗୁଁ ଯେଉଁମାନେ ଏଥିରେ ସକ୍ରିୟ ଯୋଗଦାନ ଦେଇଛନ୍ତି।

୧୯୧୯ ମସିହା ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ତାଙ୍କ ଉଦ୍ଦେଶ୍ୟରେ ବାହାରେ ମଳତ୍ୟାଗ କରିବା ଅଭ୍ୟାସମୁକ୍ତ ଏକ ଦେଶକୁ ଯେତେବେଳେ ଏକ କୃତଜ୍ଞ ରାଷ୍ଟ୍ର ସମର୍ପିଦିଏ ସେତେବେଳେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ ସହଯୋଗ ଓ ପରିବର୍ତ୍ତନଭିତ୍ତିକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଏକ ବୈଶ୍ୱିକ ମାନଦଣ୍ଡ ହୋଇପାରିଲା କିପରି ?

ଖୋଲାରେ ମଳତ୍ୟାଗମୁକ୍ତ ଏକ ଦେଶର ସ୍ୱପ୍ନ ଦେଖିଥିଲେ ମହାତ୍ମା ଗାନ୍ଧୀ। ଗତ ୫ ବର୍ଷ ଭିତରେ ଭାରତ ଏହି ଲକ୍ଷ୍ୟ ହାସଲ କରି ତାଙ୍କ ପ୍ରତି ପ୍ରକୃଷ୍ଟ ଶ୍ରଦ୍ଧାଞ୍ଜଳି ଦେଇପାରିଛି। ତୃଣମୂଳସ୍ତରର ଜନସାଧାରଣଙ୍କ ଆବଶ୍ୟକତାକୁ ଭଲ ଭାବେ ବୁଝି ଓ ନିଜର ଉତ୍ସାହପ୍ରଦକ ନେତୃତ୍ୱ ଦ୍ୱାରା ପ୍ରଧାନମନ୍ତ୍ରୀ



ଏକ ସ୍ୱଚ୍ଛତା ଆନ୍ଦୋଳନର ସୂତ୍ରପାତ କରାଇପାରିଛନ୍ତି। ସମଗ୍ର ବିଶ୍ୱ ଏହାକୁ ସ୍ୱୀକାର କରିଛି। ନିକଟ ଅତୀତରେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଯାତ୍ରା ବେଳେ ତାଙ୍କୁ ଗ୍ଲୋବାଲ୍ ଗୋଲ୍‌କିପର ପୁରସ୍କାରରେ ସମ୍ମାନିତ କରାଯିବା ଘଟଣାରୁ ସ୍ପଷ୍ଟ ଯେ ସ୍ୱଚ୍ଛତାକୁ ଭାରତର ବିକାଶ ଏଜେଣ୍ଡାରେ ପ୍ରମୁଖତା ଦେଇଥିବା ତାଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଉଚିତ୍ ଥିଲା।

କୌଣସି ବଡ଼ଧରଣର ପରିବର୍ତ୍ତନ ପାଇଁ ଆବଶ୍ୟକ ଉପରବର୍ଣ୍ଣିତ ଚାରୋଟି ବିଷୟକୁ ନେଇ ସ୍ୱଚ୍ଛ ଭାରତ ଅଭିଯାନ (ଗ୍ରାମୀଣ) କାର୍ଯ୍ୟକ୍ରମ ନିଜର କାର୍ଯ୍ୟପନ୍ଥା ସ୍ଥିର କରିଛି। ଆଉ ମଧ୍ୟ ଏହି ଚାରୋଟି ବିଷୟ ଉପରେ ପର୍ଯ୍ୟବସିତ ହୋଇଛି ଜଳଶକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ପାନୀୟ ଜଳ ଓ ପରିମଳ ବିଭାଗ ଦ୍ୱାରା ଆନିତ ରଚନା ସଂକଳନ 'ସ୍ୱଚ୍ଛ ଭାରତ ଆନ୍ଦୋଳନ'।

ପ୍ରଥମଟି ହେଉଛି ରାଜନୈତିକ ନେତୃତ୍ୱ। ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ରାଜନୈତିକ ପୁଞ୍ଜି ଏହି ଅଭିଯାନକୁ ଅଧିକ ସଶକ୍ତ କରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ପ୍ରତିବଦ୍ଧତା ପରବର୍ତ୍ତୀ ଅବସ୍ଥାରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ ଓ ଶେଷରେ ସରପଞ୍ଚମାନଙ୍କ ଠାରେ ମଧ୍ୟ ପ୍ରତିଫଳିତ ହୋଇଛି। ଏହି ବିରାଟ ପରିବର୍ତ୍ତନରେ ପ୍ରତ୍ୟେକ ସ୍ତରର ନେତୃତ୍ୱର ଯୋଗଦାନ ରହିଛି।

ଦ୍ୱିତୀୟରେ ହେଉଛି ସରକାରୀ ବ୍ୟୟ। ରାଜନୈତିକ ଇଚ୍ଛାଶକ୍ତିକୁ ବଳ ଦେବା ପାଇଁ ସାର୍ବଜନୀନ ପରିମଳ ବ୍ୟବସ୍ଥା ସକାଶେ ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆବଣ୍ଟିତ ହୋଇଛି। ଶୌଚାଳୟ ନିର୍ମାଣ ସୁବିଧା ପାଇଥିବା ୧୦ କୋଟି ପରିବାର ଭିତରୁ ୯୦ ପ୍ରତିଶତ ହେଉଛନ୍ତି ସାମାଜିକ ଓ ଆର୍ଥିକ ଭାବେ ପଛୁଆବର୍ଗର ପରିବାର। ଏମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ତୃତୀୟରେ ରହିଛି ସହଭାଗିତା। ସ୍ୱଚ୍ଛତା ଅଭିଯାନରେ ଜାତୀୟ ଓ ଅନ୍ତର୍ଜାତୀୟ ବିକାଶ ସଂସ୍ଥା, ଗଣମାଧ୍ୟମ, ନାଗରିକ ସମାଜ, ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଭାରତ ସରକାରଙ୍କ ବିଭିନ୍ନ ବିଭାଗ ଆଦି ସହଭାଗୀ ହୋଇ ଏହି କାର୍ଯ୍ୟକ୍ରମ ପାଇଁ ଅତିରିକ୍ତ ୬ ବିଲିଅନ ଡଲାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ପ୍ରତ୍ୟେକଙ୍କ ସକ୍ରିୟ ଯୋଗଦାନ ପାଇଁ ସ୍ୱଚ୍ଛତା ଆଜି ଜାତୀୟ ସଚେତନତାର ଏକ ଅଂଶ ପାଲଟିପାରିଛି।

ଚତୁର୍ଥଟି ହେଉଛି ଜନସହଭାଗିତା। ଏହି କାର୍ଯ୍ୟକ୍ରମ ଅଧିନରେ ପ୍ରାୟ ୫୦ ଲକ୍ଷ ସ୍ୱଚ୍ଛାଗ୍ରହୀ ଓ ତୃଣମୂଳସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଯେଉଁମାନେ ଗାଁଗଣ୍ଡାରେ ବୁଲି ସଚେତନତା ଓ ବ୍ୟବହାରିକ ପରିବର୍ତ୍ତନ ପାଇଁ ଜନମାନସରେ ପ୍ରଭାବ ପକାଇ ପାରିଛନ୍ତି। ସାଧାରଣ ଲୋକେ ଅସାଧାରଣ ଭାବରେ ନିଜେ ଶୌଚାଳୟ ନିର୍ମାଣ କରିଛନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ପ୍ରୋତ୍ସାହିତ କରିଛନ୍ତି। ଦେଶର କୋଣ ଅନୁକୋଣରେ ସ୍ୱଚ୍ଛତା ଚାମ୍ପିଅନ୍ ସୃଷ୍ଟି ହୋଇଛନ୍ତି। ବ୍ୟାପକ ପରିବର୍ତ୍ତନ ପାଇଁ ଜନସାଧାରଣଙ୍କ ସହଯୋଗରେ ଏକ ଜନଆନ୍ଦୋଳନ ଆବଶ୍ୟକ ହୋଇଥାଏ।

ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) କାର୍ଯ୍ୟକ୍ରମର ଏହି ଚାରୋଟି ସ୍ତମ୍ଭ ସମେତ ପ୍ରଶାସନିକ ଅଂଶଗ୍ରହଣ ଯୋଗୁଁ ଏହି କାର୍ଯ୍ୟକ୍ରମଟି ସଫଳ ହୋଇପାରିଛି। ଭାରତରେ ଯେକୌଣସି ବ୍ୟାପକ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନର ଏକ ବଡ଼ ଅସୁବିଧା ହେଉଛି ପ୍ରଶାସନିକ କଳର ନିଷ୍କ୍ରିୟତା। ତେବେ ଏହି



କାର୍ଯ୍ୟକ୍ରମର ସମୟସୀମା ୨ ଅକ୍ଟୋବର ୨୦୧୯ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବାରୁ ଏହି କାର୍ଯ୍ୟକ୍ରମଟି ତ୍ୱରାନ୍ୱିତ ହେବା ସହିତ ଉତ୍ତରଦାୟିତ୍ୱ ମଧ୍ୟ ବୃଦ୍ଧି ପାଇଥିଲା। ପୁନଶ୍ଚ ଏହାଦ୍ୱାରା ରାଜ୍ୟ ସରକାରମାନେ ମଧ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ତତ୍ପରତା ଦେଖାଇଥିଲେ।

ପରବର୍ତ୍ତୀ ପଦକ୍ଷେପ ହେଲା ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଦୃଢ଼ ଧାରଣା ଥିବା ଏକ ଦଳ ତିଆରି କରିବା। ଯୁବପିଢ଼ି ପାଖରେ ଏଭଳି ବିଶ୍ୱାସ ରହିଥାଏ ଓ ସେମାନେ ସୃଜନାତ୍ମକ ସମାଧାନ ପନ୍ଥା ମଧ୍ୟ ଚିନ୍ତା କରିପାରନ୍ତି। ତେଣୁ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଯୁବପିଢ଼ିର ବୃତ୍ତିଧାରୀ ଓ ସମର୍ପିତ ପ୍ରଶାସନିକ ଅଧିକାରୀଙ୍କୁ ସଂଶ୍ଲିଷ୍ଟ କରାଗଲା।

ସ୍ୱଚ୍ଛ ଭାରତ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ନମନୀୟତା ଉପରେ ମଧ୍ୟ ଧ୍ୟାନ ଦିଆଗଲା। ଉଦାହରଣସ୍ୱରୂପ, ୨-ପିଟ୍ ଶୌଚାଳୟ ନିର୍ମାଣକୁ ଅଗ୍ରାଧିକାର ଦିଆଗଲା। କାରଣ ଗ୍ରାମାଞ୍ଚଳରେ ପରିମଳ ନେଟ୍ୱର୍କ ବ୍ୟବସ୍ଥା ବ୍ୟୟବହୁଳ ସାବ୍ୟସ୍ତ ହୋଇଥାନ୍ତା। ସେହିପରି ସ୍ଥାନୀୟ ଆବଶ୍ୟକତା ଓ ପରିସ୍ଥିତିକୁ ଦେଖି ନିଜ ନିଜର ପରିମଳ ଓ ସ୍ୱଚ୍ଛତା ବ୍ୟବସ୍ଥା ସୃଷ୍ଟିକରିବା ପାଇଁ ରାଜ୍ୟଗୁଡ଼ିକୁ ସ୍ୱାଧୀନତା ଦିଆଗଲା।

କୌଣସି ବ୍ୟାପକ କାର୍ଯ୍ୟକ୍ରମର ସଫଳତା ନିର୍ଭର କରେ ଛୋଟ ଛୋଟ ଆଖିଦୃଶିଆ ସଫଳତା ଉପରେ। ସେଥିପାଇଁ ଅଧିକ ପରିମଳ ବ୍ୟବସ୍ଥା ଥିବା ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ଦିଆଯାଇ ସେଗୁଡ଼ିକୁ ବାହାରେ ମଳମୁକ୍ତ ଜିଲ୍ଲା ଘୋଷିତ କରାଗଲା। ଏହାଦ୍ୱାରା ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକ ମଧ୍ୟ ଉତ୍ସାହିତ ହେଲେ।

ଏତଦ୍‌ବ୍ୟତୀତ ସ୍ୱଚ୍ଛ ଭାରତ ଅଭିଯାନ ଦଳ ବିଭିନ୍ନ ରାଜ୍ୟ ବୁଲି କାର୍ଯ୍ୟ ତଦାରଖ କଲେ। କର୍ମଶାଳା, ଦଳଗତ ଆଲୋଚନା, ହ୍ୱାଟ୍ସଆପ୍ ଗ୍ରୁପ୍ ଆଦି ମାଧ୍ୟମରେ ବିଚାର ଆଲୋଚନା ଦ୍ୱାରା ସ୍ଥାନୀୟ ଅଞ୍ଚଳଗୁଡ଼ିକରେ ସଚେତନତା ଓ ଉତ୍ସାହ ବୃଦ୍ଧି ପାଇଲା।




ହିନ୍ଦୀ ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, କ୍ରୀଡ଼ା ତାରକା ଓ ସର୍ବୋପରି ଗଣମାଧ୍ୟମର ସଂଶ୍ଲିଷ୍ଟତା ଫଳରେ ଏହି ଅଭିଯାନକୁ ଅଧିକ ଆକର୍ଷଣୀୟ କରାଯାଇପାରିଲା। ସବୁଠାରୁ ବଡ଼କଥା ହେଲା, ସ୍ୱଚ୍ଛତାକୁ ଜନମାନସରେ ଭଲ ଭାବେ ସ୍ଥାପିତ କରିବା ପାଇଁ ସ୍ୱଂୟ ପ୍ରଧାନମନ୍ତ୍ରୀ ମଝିରେ ମଝିରେ ସ୍ୱଚ୍ଛତା ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ / ଉପଲକ୍ଷିରେ ଭାଗନେଇ ଜନସାଧାରଣଙ୍କ ଉତ୍ସାହବର୍ଦ୍ଧନ କରୁଥିଲେ।

ତଥାପି କାର୍ଯ୍ୟ ଶେଷ ହୋଇନାହିଁ। ପାନୀୟଜଳ ଓ ପରିମଳ ବିଭାଗ ତରଫରୁ ଆଗାମୀ ୧୦ ବର୍ଷ ପାଇଁ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଓଡିଏଫ୍‌ରୁ ଏଡିଏଫ୍+ ଆଡକୁ ଅଗ୍ରସର ହେବା, ଯଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନରୁ ଜଣେ ମଧ୍ୟ ଛାଡ଼ି ହୋଇଯିବେ ନାହିଁ ଏବଂ ପ୍ରତ୍ୟେକ ଗ୍ରାମକୁ ତରଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସୁବିଧା ଉପଲବ୍ଧ ହେବ। ଅଗଷ୍ଟ ୧୫ ତାରିଖ ଦିନ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ପରବର୍ତ୍ତୀ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହେଉଛି, ୨୦୨୪ ସୁଦ୍ଧା ପ୍ରତ୍ୟେକ ପରିବାରକୁ ପାଇପ୍ ମାଧ୍ୟମରେ ପାନୀୟଜଳ ଯୋଗାଣ। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ପାଇଁ ଏହା ଏକ ପ୍ରୋତ୍ସାହନକାରୀ ପଦକ୍ଷେପ। ବାସ୍ତବରେ କିଛିବର୍ଷ ପୂର୍ବରୁ ଯାହା କଳ୍ପନା ବି କରାଯାଇ ପାରୁନଥିଲା ତାହା ବର୍ତ୍ତମାନ ଭାରତ ହାସଲ କରିପାରିଛି। ତେବେ କାର୍ଯ୍ୟ ଜାରି ରହିବା ଉଚିତ୍।

**ଲେଖକ ହେଉଛନ୍ତି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟର ପାନୀୟ ଜଳ ଓ ପରିମଳ ବିଭାଗର ସଚିବ**

**Email ID: param.iyer@gov.in**

# ଗ୍ରାମୀଣ ଭାରତରେ ଶୌଚାଳୟ ବ୍ୟବହାର: ଏକ ବ୍ୟାବହାରିକ ଅନୁଶୀଳନ

ଇନ୍ଦ୍ରନୀଲ ଦେ, ଶାଶ୍ୱତ ନାରାୟଣ ବିଶ୍ୱାସ, ଜ୍ଞାନମୁଦ୍ରା ତିୱାରୀ

ଗୋଷ୍ଠୀ ଭିତରେ ଏକ ସାମଗ୍ରିକ ବ୍ୟାବହାରିକ ପରିବର୍ତ୍ତନ ଉପରେ ସ୍ୱଚ୍ଛ ଭାରତ ମିଶନ ଗୁରୁତ୍ୱ ଦେଉଛି। ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ଶୌଚାଳୟ ନିର୍ମାଣ କରାଯାଉଛି ଅର୍ଥ ନୁହେଁ କି ସେଠାରେ ଲୋକମାନେ ନିୟମିତ ଭାବେ ଏହି ଶୌଚାଳୟ ବ୍ୟବହାର କରୁଛନ୍ତି। କାରଣ ଗ୍ରାମୀଣ ଭାରତରେ ଶୌଚାଳୟ ବ୍ୟବହାରକୁ ନେଇ କେତେକ ବଦ୍ଧମୂଳ ସାଂସ୍କୃତିକ ଓ ବ୍ୟାବହାରିକ କାରଣ ଏଦିଗରେ ପ୍ରତିବନ୍ଧକ ସୃଷ୍ଟି କରିଆସିଛି। ଏହି ପୁରୁଣା ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ପାଇଁ ସରକାର ବ୍ୟାବହାରିକ ପରିବର୍ତ୍ତନ କାର୍ଯ୍ୟକ୍ରମ ଅବ୍ୟାହତ ରଖିଛନ୍ତି। ଅଧିକାଂଶ ବ୍ୟାବହାରିକ ପରିବର୍ତ୍ତନ ସଂକ୍ରାନ୍ତ କାର୍ଯ୍ୟକ୍ରମ ପରେ ଏହା ଜଣାପଡିଛି ଯେ, ଅନେକ ଏହାକୁ ନିୟମିତ ଆଧାରରେ ଲାଗୁ କରିଥିବାବେଳେ ଅନେକ ଶୌଚାଳୟକୁ କିଛିଦିନ ବ୍ୟବହାର କରିବା ପରେ ପୁଣି ପୁରୁଣା ବ୍ୟବସ୍ଥାକୁ ଫେରିଆସୁଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବ୍ୟାବହାରିକ ପରିବର୍ତ୍ତନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପୂର୍ଣ୍ଣମାତ୍ରାରେ ସଫଳ ହୋଇପାରୁନି।

ସ୍ୱଚ୍ଛଭାରତ ମିଶନ(ଏସବିଏମ) ଦ୍ୱାରା ଦେଶରେ ସ୍ୱଚ୍ଛତା ସଚେତନତାକୁ ନେଇ ଏକ ନୀରବ ବିପ୍ଳବ ଅନୁଭବ କରିହେଉଛି। ଶୌଚାଳୟ ନିର୍ମାଣ ଦ୍ରୁତଗତିରେ ଚାଲିଥିବାବେଳେ ଦେଶକୁ ବାହ୍ୟ ମଳମୁକ୍ତ କରିବା ସ୍ୱପ୍ନ ମଧ୍ୟ ସାକାର ହେବାରେ ଲାଗିଛି। ୨ ଅକ୍ଟୋବର ୨୦୧୪ରୁ ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜରିଆରେ ୨ ଅକ୍ଟୋବର ୨୦୧୯ ସୁଦ୍ଧା ଦେଶରେ ୧୦ କୋଟିରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ କରାଯାଇସାରିଛି। ସ୍ୱଚ୍ଛ ଭାରତ ମିଶନ ଏବେ ଏଭଳି ପ୍ରଭାବୀ ଢଙ୍ଗରେ ଚାଲିଛି ଯେ, ଇତିମଧ୍ୟରେ ୭୦୦ ଜିଲାର ୬ ଲକ୍ଷ ଗ୍ରାମକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ଏସବିଏମରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଟି ହେଉଛି ଲୋକଙ୍କୁ ଶୌଚାଳୟ ବ୍ୟବହାର କରିବା ଲାଗି ପ୍ରୋତ୍ସାହିତ ତଥା ସଚେତନ କରାଇବା। ଏଥିପାଇଁ ଲୋକମାନଙ୍କ ମଧ୍ୟରେ ଏକ ବ୍ୟାବହାରିକ ପରିବର୍ତ୍ତନ ଆଣିବାର ସଫଳ ପ୍ରୟାସ କରାଯାଉଛି। ସ୍ୱଚ୍ଛତା ଆମର ଆବଶ୍ୟକତା ଓ ଶୌଚାଳୟକୁ ବ୍ୟବହାର କରିବା ଦ୍ୱାରା ବ୍ୟକ୍ତି ନିଜେ ଓ ତା'ର ପରିବାର ସୁସ୍ଥ ଓ ସୁରକ୍ଷିତ ରହିପାରିବ ଏଭଳି ଚିନ୍ତନ ଜନତାଙ୍କ ପାଇଁ ବେଶ୍ ଗ୍ରହଣୀୟ ହୋଇଛି। ଫଳରେ ଶୌଚାଳୟକୁ ଏକ ଆବଶ୍ୟକତା ରୂପେ ବିଚାରକରି ଗ୍ରାମାଞ୍ଚଳର ଲୋକେ ଏହାକୁ ନିର୍ମାଣ କରିବା ଲାଗି ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ଫଳରେ ଭାରତର ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ଶୌଚାଳୟ ଏବେ କେବଳ ନିର୍ମାଣ କରାଯାଉନି; ବରଂ ଅଧିକରୁ



ଅଧିକ ଲୋକ ଓ ପରିବାର ଏହାକୁ ନିୟମିତ ବ୍ୟବହାର କରୁଥିବା ଜଣାପଡିଛି। ପୂର୍ବାପେକ୍ଷା ଖୋଲାରେ ଶୌଚ ହେବା ଅପେକ୍ଷା ଶୌଚାଳୟରେ ଏହି ନିୟମିତ କାମ ସାରିବାକୁ ବେଶ୍ ପସନ୍ଦ କରୁଛନ୍ତି। ସଚେତନତା ଯୋଗୁଁ ଲୋକଙ୍କ ଭିତରେ ଏହି ବ୍ୟାବହାରିକ ପରିବର୍ତ୍ତନ ଆସିପାରିଛି।

ଅଧିକାଂଶ ବ୍ୟାବହାରିକ ପରିବର୍ତ୍ତନ କାର୍ଯ୍ୟକ୍ରମରେ ଏହା ମଧ୍ୟ ଦେଖାଯାଉଛି ଯେ, କିଛିଦିନ ପାଇଁ ଉପଯୋଗକାରୀ ସେମାନଙ୍କ ଶୌଚାଳୟକୁ ବ୍ୟବହାର କରିବା ପରେ ପୁଣିଥରେ ଖୋଲାରେ ଶୌଚ ହେବାର ପୁରୁଣା ଅଭ୍ୟାସ ଚାଲୁ ରଖିଛନ୍ତି। ଏହାଦ୍ୱାରା କାର୍ଯ୍ୟକ୍ରମର ପ୍ରକୃତ ଉଦ୍ଦେଶ୍ୟ କେତେକାଂଶରେ ବାଧାପ୍ରାପ୍ତ ହେଉଛି। ସଂପୃକ୍ତ ନିବନ୍ଧରେ ଗ୍ରାମୀଣ ଭାରତରେ ଶୌଚାଳୟ ବ୍ୟବହାରକୁ ନେଇ ରହିଥିବା ପୁରୁଣା ଚିନ୍ତାଧାରା ଓ ବ୍ୟାବହାରିକ ପରିବର୍ତ୍ତନ କାର୍ଯ୍ୟକ୍ରମ ଫଳରେ ଏଥିରେ ଆସିଥିବା ପରିବର୍ତ୍ତନ ସଂପର୍କରେ ଆଲୋଚନା କରାଯାଇଛି। ଗ୍ରାମାଞ୍ଚଳର ହିତାଧିକାରୀଟି ସରକାରୀ ଯୋଜନା ଅନ୍ତର୍ଗତ ଶୌଚାଳୟ ପାଇବାକୁ ଯୋଗ୍ୟ ବିବେଚିତ ହେବା ଏବଂ ଶୌଚାଳୟ ନିର୍ମାଣ କରାଯିବା ପରେ ସଂପୃକ୍ତ ପରିବାର ଏହାକୁ କିଭଳି ବ୍ୟବହାର କରୁଛନ୍ତି ଏବଂ ଶୌଚାଳୟ ଥାଇ ବି ଏହାକୁ ନିରନ୍ତର ଭାବେ ଉପଯୋଗ କରୁଛନ୍ତି ନା ପୁରୁଣା ଅଭ୍ୟାସକୁ ଦୋହରାଉଛନ୍ତି ଏସବୁ ବିଷୟରେ କେତେକ ଅନୁଧ୍ୟାନ କରାଯାଇଛି। ପ୍ରତିଟି ନିର୍ମାଣାଧୀନ ଶୌଚାଳୟକୁ ଯେ ପରିବାର ଲୋକେ ନିୟମିତ ବ୍ୟବହାର କରୁଛନ୍ତି ତାହା ନିଶ୍ଚିତ କରି କୁହାଯାଇ ନ ପାରେ। ଗ୍ରାମୀଣ ଭାରତରେ କେତେକ ସାଂସ୍କୃତିକ ଓ ବ୍ୟାବହାରିକ କାରଣ ଶୌଚାଳୟ ବ୍ୟବହାର ଉପରେ ପ୍ରତିବନ୍ଧକ ସାଜିଥିବା ଦେଖାଯାଇଥାଏ। ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ସକାଳ ହେଲେ ଚାଲି ଚାଲି ଯାଇ ପଦା, ବିଲ ହିଡ଼ କିମ୍ବା ଅନ୍ୟତ୍ର ମଳତ୍ୟାଗ କରିଥାନ୍ତି। ଶୌଚ ପରେ ସେମାନେ ନିଜ କ୍ଷେତ ବୁଲାବୁଲି କରି ଘରକୁ ଫେରିଥାନ୍ତି। ସେମାନଙ୍କ ଲାଗି ଏହା ଏକ ନିୟମିତ ଅଭ୍ୟାସ ଓ ସେମାନଙ୍କ ଦୈନନ୍ଦିନ ବ୍ୟାବହାରିକ ଜୀବନର ଏକ ଅଂଶ ପାଲଟିଯାଇଥିଲା। ମହିଳାମାନଙ୍କ କ୍ଷେତ୍ରରେ ଗୋଧୂଳି ତଥା ସନ୍ଧ୍ୟା ହେଲେ ସେମାନେ ଗ୍ରାମଠାରୁ ଅଳ୍ପ ଦୂର ପଡିଆକୁ ଯାଇ ଏକାଠି ଖୋଲାରେ ଶୌଚ ହୋଇଥାନ୍ତି। ଅନ୍ୟ ସମୟରେ ଯଦି ଶୌଚ ଲାଗେ, ତେବେ ମହିଳାମାନଙ୍କ ସାଥୀରେ ପରିବାରର କୌଣସି ବୟସ୍କା କିମ୍ବା ସେମାନଙ୍କ ସ୍ୱାମୀ ବାହାରକୁ ଯାଇଥାନ୍ତି।

ଏଭଳି ବ୍ୟାବହାରିକ କାରଣ ବ୍ୟତୀତ ଶୌଚାଳୟ ବ୍ୟବହାର ନକରିବା କ୍ଷେତ୍ରରେ ଆଉ କେତେକ ମୌଳିକ ସମସ୍ୟାଜନିତ କାରଣ ମଧ୍ୟ ଗ୍ରାମୀଣ ଭାରତରେ ରହିଛି।

ଅନ୍ୟପକ୍ଷରେ ଶୌଚାଳୟ ଉପଯୋଗ ନେଇ ବ୍ୟାବହାରିକ କାରଣ ବ୍ୟତୀତ ଆଉ କେତେକ କଥା ମଧ୍ୟ ରହିଛି। ସେଗୁଡିକ ମଧ୍ୟରେ ଶୌଚାଳୟର ନିର୍ମାଣଶୈଳୀ, ଉପଲବ୍ଧ ପରିମଳ ସାମଗ୍ରୀ, ଜଳଯୋଗାଣ ବ୍ୟବସ୍ଥା ଏବଂ ଅଧିକରୁ ଅଧିକ ସଂଖ୍ୟାରେ ଶୌଚାଳୟ ନିର୍ମାଣ ସହ ଏହାକୁ ବ୍ୟବହାର କରିବା ପାଇଁ ରାଜନୈତିକ ଅଥବା ସାମାଜିକ ନେତୃତ୍ୱସ୍ତରରୁ ବଢୁଥିବା ଚାପ ଆଦି ଅନ୍ୟତମ। ଗୋଷ୍ଠୀଗତ ସମ୍ମିଳିତ ବ୍ୟାବହାରିକ ପରିବର୍ତ୍ତନ ଉପରେ ଏସବିଏମ ଗୁରୁତ୍ୱ ଦେଉଛି। ତେବେ ସବୁ ଗାଁ ସମଜାତୀୟ ନୁହଁନ୍ତି। ସେମାନେ ଧାର୍ମିକ ଓ ଜାତିଗତ ଆଧାରରେ ଭାଗ ଭାଗ ହେଉଛନ୍ତି। ଯଦି ଗୋଟିଏ ଗାଁ ସ୍ୱଜାତୀୟ ଧାରାର ହୋଇଥାନ୍ତା, ତେବେ ସେଠାରେ ବ୍ୟାବହାରିକ ପରିବର୍ତ୍ତନ ଲାଗି ଗ୍ରହଣ କରାଯାଉଥିବା ସାମଗ୍ରିକ ପଦ୍ଧତି ବେଶ୍ ସକ୍ଷମ ରହିଥାନ୍ତା; ମାତ୍ର ସେଠାରେ ଭିନ୍ନତା, ବିଭେଦ, ପାର୍ଥକ୍ୟ, ଜାତିଭେଦ ଆଦି ରହିଥିବାରୁ ଶୌଚାଳୟ ବ୍ୟବହାର ଲାଗି ସେମାନଙ୍କ ପୁରୁଣା ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା କଷ୍ଟକର ହୋଇପଡୁଛି। ଏହାବାଦ୍ ଶୁଦ୍ଧତା ଓ ପ୍ରଦୂଷଣ ନେଇ ଜାତିଗତ ଅବଧାରଣା ମଧ୍ୟ ପିଟ୍ ଶୌଚାଳୟ ନିର୍ମାଣ କରାଇବାରେ ସମସ୍ୟା ଉପୁଜାଉଛି। ଏସବୁ ଗାଁ ଗୁଡିକରେ ପିଟ୍ ଲ୍ୟାଟ୍ରିନ୍ ନିର୍ମାଣ କରି ଦରକାରବେଳେ ଏହାକୁ ସଫା କରାଯିବା ମଧ୍ୟ ଏସବୁ ଗ୍ରାମ ଗୁଡିକରେ ସମ୍ଭବପର ହୋଇପାରିନି। ଅତଏବ ଶୌଚାଳୟ ବ୍ୟବହାର ଲାଗି ସେଠାରେ ଜଳର ଉପଲବ୍ଧତା ଓ ଅଣଉପଲବ୍ଧତା ଯେ ସବୁବେଳେ ଏକ କାରଣ ତାହା କୁହାଯାଇପାରିବନି। ସାମାଜିକ ଭିନ୍ନତା ଓ ସାମାଜିକ ଅବଧାରଣା ସହିତ ପାରମ୍ପରିକ ବିଶ୍ୱାସ ମଧ୍ୟ ଅନେକାଂଶରେ ପ୍ରଭାବିତ କରିଥାଏ।

ବ୍ୟାବହାରିକ ପରିବର୍ତ୍ତନର ଆହ୍ୱାନ ସହ ଭାରତୀୟ ସମାଜ ବ୍ୟବସ୍ଥାକୁ ପ୍ରଥମେ ଭଲ ଭାବେ ବୁଝିବାକୁ ପଡିବ। ଏକ୍ଷେତ୍ରରେ ସ୍ଥାନୀୟ ଅଭିଜ୍ଞତା ଓ ଅନୁଭୂତି ନଥିଲେ ପରିମଳ ଅଭିଯାନ ଚଳାଇବା ଏକ ବିଫଳ କାର୍ଯ୍ୟରେ ପରିଣତ ହୋଇଯିବ। ଏଭଳି ସମସ୍ୟା ଗୁଡିକୁ ପ୍ରଥମେ ଚିହ୍ନଟ କରିବା ସହ ତାହାକୁ ସମୀକ୍ଷାକରି ଏସବୁର ସାମାଜିକ, ଶାରୀରିକ ଓ ବ୍ୟାବହାରିକ ମୂଳସୂତ୍ରକୁ ଧରିବାକୁ ପଡିବ। ତଦନୁଯାୟୀ କାର୍ଯ୍ୟକ୍ରମ ପ୍ରସ୍ତୁତକରି ଜନତାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିପାରିଲେ ପଦାରେ ଶୌଚ ହେବା ଅଭ୍ୟାସ ଲୋକମାନଙ୍କଠାରୁ ଦୂର କରାଯାଇପାରିବ। ପ୍ରଭାବୀ ସୂଚନା-ଶିକ୍ଷା-ଯୋଗାଯୋଗ(ଆଇଇସି) ବ୍ୟବସ୍ଥାର ଉପଯୋଗ କରି ଶୌଚାଳୟ ନିର୍ମାଣ ଓ ବ୍ୟାବହାରିକ ପରିବର୍ତ୍ତନ ଅଣାଯିବା ଦରକାର। ସାମାଜିକ-ରାଜନୈତିକ ବିଭାଜନ ଓ ରାଜନୈତିକ ମଧ୍ୟସ୍ଥତାର ପ୍ରଭାବ ମଧ୍ୟ ଶୌଚାଳୟ ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସାଜିଛି। ଅଧିକନ୍ତୁ ଆମେ ଏନେଇ ରହିଥିବା ବିଭିନ୍ନ ପ୍ରତିବନ୍ଧକକୁ ଦୂର କରିବା ସହ ଜଳ, ଶୌଚାଳୟ ନିର୍ମାଣ ଲାଗି ରହିଥିବା ଜମି ଚୟନ ଜନିତ ପୁରୁଣା ମାନସିକତା ଭିତରୁ ଲୋକଙ୍କୁ ବାହାର କରିବାକୁ ପଡିବ।

**ପ୍ରଚ୍ଛଦ କାହାଣୀ**

ଉକ୍ତ ନିବନ୍ଧରେ ଦେଶବ୍ୟାପୀ ସାମାଜିକ-ସାଂସ୍କୃତିକ ବିବିଧତାର ନମୁନାକୁ ସଂଗ୍ରହ କରାଯାଇ ସେ ସଂପର୍କରେ ତଥ୍ୟ ରଖିବାର ପ୍ରୟାସ କରାଯାଇଛି। ସଂଗୃହୀତ ନମୁନା ବିହାର, ତେଲେଙ୍ଗାନା ଓ ଗୁଜରାଟ ଭଳି ତିନିଟି ରାଜ୍ୟରୁ ନିଆଯାଇଛି। ଏହି ତିନିଟି ରାଜ୍ୟକୁ ନମୁନା ଭାବେ ଗ୍ରହଣ କରାଯିବାର କାରଣଟି ହେଉଛି ଏମାନେ ସାମାଜିକ-ସାଂସ୍କୃତିକ, ଭାଷାଗତ

ଏବଂ ଅର୍ଥନୈତିକ ଦୃଷ୍ଟିକୋଣରୁ ଭିନ୍ନଭିନ୍ନ, ଯାହାକି ବିବିଧତାପୂର୍ଣ୍ଣ ରାଜ୍ୟ ବୋଲି କୁହାଯାଇପାରେ। ଗୁଜରାଟରେ ଶୌଚାଳୟ ସର୍ବାଧିକ(୮୫ ପ୍ରତିଶତ)। ଏହା ତଳକୁ ରହିଛି ତେଲେଙ୍ଗାନା (୬୧%) ଓ ବିହାର (୩୦%)। ପ୍ରତି ରାଜ୍ୟରୁ ଦୁଇ ଦୁଇଟି ଜିଲାର ତଥ୍ୟକୁ ନମୁନା ଭାବେ ନିଆଯାଇଛି। ଦୁଇ ଜିଲା ମଧ୍ୟରୁ ଗୋଟିଏ ସର୍ବାଧିକ ପ୍ରଦର୍ଶନକାରୀ ଓ ଅନ୍ୟଟି ସର୍ବନିମ୍ନ ପ୍ରଦର୍ଶନକାରୀ ଜିଲା ରହିଛି। ପୁଣି ପ୍ରତି ଜିଲାରୁ ଦୁଇଟି ବ୍ଲକ୍ ଓ ପ୍ରତି ବ୍ଲକ୍‌ରୁ ଦୁଇଟି ଗ୍ରାମ ପଞ୍ଚାୟତକୁ ପରିମଳ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଓ ଦୁର୍ବଳ ପ୍ରଦର୍ଶନକାରୀ ନମୁନା ଭାବେ ନିଆଯାଇଛି। ତେବେ ଦୁଇଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ଗୋଟିଏ ଗୋଟିଏ ଗ୍ରାମକୁ ଉକ୍ତ ଆଧାରରେ ନମୁନା ଭାବେ ଗ୍ରହଣ କରାଯାଇଛି। ମୋଟ ନମୁନା ସଂଖ୍ୟା ୧୨୫୨ (ବିହାର, ଏନ-୪୪୧, ଗୁଜରାଟ, ଏନ-୪୦୯ ଏବଂ ତେଲେଙ୍ଗାନା, ଏନ-୪୦୨) ରହିଛି।

**ବ୍ୟାବହାରିକ ବ୍ୟବସ୍ଥା**

ପରିବାରରେ ଏକ ସ୍ୱତନ୍ତ୍ର ରୋଷେଇ ଘର ଓ ଅଲଗା ଶୌଚାଳୟ ମଧ୍ୟରେ ରହିଛି ନିବିଡ଼ ସଂପର୍କ। ରୋଷେଇ ଗୃହ(କିଚେନ୍)ଟି ଘରଭିତରେ ଅତି ସଫାସୁତୁରା ସ୍ଥାନରେ ରହିଥାଏ। ତେବେ ସଂଗୃହୀତ ନମୁନାରେ ତିନିଟି ରାଜ୍ୟର ସଂଖ୍ୟାଧିକ ପରିବାରର ଆଦୌ ସ୍ୱତନ୍ତ୍ର ରୋଷେଇ ଘର (୬୪.୩%) ନଥିବା ଦେଖିବାକୁ ମିଳିଥିଲା। ତେବେ ଏସବୁ ୭୨% ପରିବାରରେ ସ୍ୱତନ୍ତ୍ର ଶୌଚାଳୟ ରହିଥିବାବେଳେ ୮ ପ୍ରତିଶତ ପରିବାରରେ ଉଭୟ ଶୌଚାଳୟ ଓ ରୋଷେଇ ଘର ରହିଥିଲା। ଅନ୍ୟପକ୍ଷରେ କେତେକ ପରିବାରରେ ଶୌଚାଳୟ ବ୍ୟବହାର କରାଯାଉ ନଥିବା ମଧ୍ୟ ଜଣାପଡିଥିଲା। ଏସବୁ ପରିବାର ଗୁଡିକରେ ଶୌଚାଳୟ ନିର୍ମାଣ କରିବାର ପ୍ରମୁଖ କାରଣ ଥିଲା ପରିବାରର ମହିଳା ସଦସ୍ୟଙ୍କ ଚାପ, ସମାଜରେ ସମ୍ମାନ, ପତ୍ନୀଙ୍କ ଚାପ ଏବଂ ପଞ୍ଚାୟତ ନେତୃତ୍ୱ, ଅନ୍ୟାନ୍ୟ ରାଜନେତା, ସ୍ୱାସ୍ଥ୍ୟ ଓ ସାମାଜିକ କର୍ମୀମାନଙ୍କ ପ୍ରବର୍ତ୍ତାଇବା ଏବଂ ପ୍ରୋତ୍ସାହନ।

ତଥ୍ୟ ଓ ଅନୁଧ୍ୟାନରେ ଏହା ମଧ୍ୟ ଦର୍ଶାଯାଇଛି ଯେ, ଶୌଚାଳୟ ନିର୍ମାଣ ନେଇ ଆଗ୍ରହ ବୃଦ୍ଧି ସହିତ ପାନୀୟ ଜଳ ଯୋଗାଣ ଲାଗି ମଧ୍ୟ ଉତ୍ସାହ ବଢିଛି। ପାଇପ୍ ଯୋଗେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହାକୁ ଶୌଚାଳୟ ପର୍ଯ୍ୟନ୍ତ ସଂଯୋଗ କରି ଆବଶ୍ୟକସ୍ଥଳେ ବ୍ୟବହାର କରିବା ଲାଗି ଲୋକଙ୍କ ଆଗ୍ରହ ବଢିଛି। ଯଦି ଶୌଚାଳୟ ପର୍ଯ୍ୟନ୍ତ ପାଣି ଯୋଗାଇ ଦିଆଯାଇପାରେ. ତାହେଲେ ଲୋକମାନେ ଶୌଚାଳୟକୁ ଅଧିକରୁ ଅଧିକ ମାତ୍ରାରେ ବ୍ୟବହାର କରିପାରିବେ। ଅନ୍ୟପକ୍ଷରେ ପରିବାରରେ ଲିଙ୍ଗଗତ ବିଭେଦ ମଧ୍ୟ ଶୌଚାଳୟ ନିର୍ମାଣ ଓ ବ୍ୟବହାର କ୍ଷେତ୍ରରେ ଗୁରୁତ୍ୱ ବହନ କରୁଛି। ପୁରୁଷ ମୁଖ୍ୟ ଥିବା ପରିବାର ଶୌଚାଳୟ ବ୍ୟବହାର ନେଇ ଅପେକ୍ଷାକୃତ କମ୍ ଗୁରୁତ୍ୱ ଦେଉଥିବାବେଳେ ମହିଳା ମୁଖିଆ ଥିବା ପରିବାର ସଦସ୍ୟ ଶୌଚାଳୟର ନିୟମିତ ବ୍ୟବହାର ଲାଗି ଆଗ୍ରହୀ ଥିବା ଜଣାପଡିଛି। ଆତ୍ମନିର୍ଭରଶୀଳ ତଥା ଅଣଚାଷୀ ପରିବାର ମଧ୍ୟ ବାହାରେ ମଳତ୍ୟାଗ କରିବାକୁ ପସନ୍ଦ କରୁ ନଥିବା ନମୁନା ସର୍ଭେରୁ ଜଣାପଡିଛି।

ଯେଉଁ ପରିବାରରେ ଶୌଚାଳୟ ରହିଛି ଓ ସେମାନେ ଏହାକୁ ନିୟମିତ ବ୍ୟବହାର କରୁଛନ୍ତି ତାହା ସଂପୃକ୍ତ ପରିବାରର ଜୀବନଧାରଣ ମାନରେ ଉନ୍ନତି ଘଟାଇଥିବା ଲକ୍ଷ୍ୟ କରାଯାଇଛି। ଘରେ ଅନ୍ୟାନ୍ୟ ସୁବିଧା ସୁଯୋଗ ଥାଉ ବା ନଥାଉ ଏବେ ପରିବାର ସଦସ୍ୟ ଶୌଚାଳୟଟିର ଆବଶ୍ୟକତାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଯେଉଁମାନଙ୍କର ଶୌଚାଳୟ ସହିତ ପାନୀୟ ଜଳ ଯୋଗାଣ ସୁବିଧା ରହିଛି, ସେସବୁ ପରିବାର ନିୟମିତ ଓ ନିଶ୍ଚିତ ରୂପେ ଶୌଚାଳୟ ବ୍ୟବହାର କରୁଛନ୍ତି। ଯେଉଁ ପରିବାରରେ ଶୌଚାଳୟ ଥାଇ ମଧ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନାହିଁ କିମ୍ବା ଜଳଉତ୍ସ ଶୌଚାଳୟଠାରୁ ୪୦୦ ମିଟର ଦୂରରେ ରହୁଛି ସେସବୁ ପରିବାରରୁ ଅଧିକାଂଶ ଖୋଲା ଆକାଶ ତଳେ ବାହାରେ ମଳତ୍ୟାଗ କରୁଛନ୍ତି। ଉକ୍ତ ସମସ୍ୟା ଯୋଗୁଁ ବାହ୍ୟମଳମୁତ୍ର ତ୍ୟାଗ ସମ୍ଭାବନା ଅଧିକ ରହୁଛି। ସେହିଭଳି ଯେଉଁ ପରିବାରର ଘର ଭିତରେ ଜଳଉତ୍ସ ରହିଥିଲେ ବି ଯଦି ଏହା ଶୌଚାଳୟଠାରୁ ସାମାନ୍ୟ ଦୂରରେ ଥାଏ, ତେବେ ସଂପୃକ୍ତ ପରିବାରର ୧୦ ପ୍ରତିଶତ ସଦସ୍ୟ ବାହାରେ ମଳତ୍ୟାଗ କରିବାକୁ ପସନ୍ଦ କରୁଥିବା ଜଣାପଡିଛି।



ଶୌଚାଳୟ ବ୍ୟବହାର କ୍ଷେତ୍ରରେ ଗାଧୁଆ ଘର(ବାଥ୍‌ରୁମ୍)ର ଉପସ୍ଥିତି ତଥା ଅନୁପସ୍ଥିତି ବେଶ୍

ଗୁରୁତ୍ୱ ରଖେ। ଯେଉଁ ପରିବାରରେ ଗାଧୁଆଘର ସୁବିଧା ରହିଥିବ ସେଠାରେ ଶୌଚାଳୟର ଉପଯୋଗ ନିୟମିତ କରାଯାଉଥିବା ସର୍ଭେ ରିପୋର୍ଟରୁ ଜଣାପଡିଛି। ଯେଉଁ ପରିବାରର ଗାଧୁଆ ଘର ନାହିଁ, ସେମାନଙ୍କ କ୍ଷେତ୍ରରେ ବାହାରେ ମଳତ୍ୟାଗ ସମ୍ଭାବନା ଅଧିକ ରହିଥିବା ନମୁନା ସର୍ଭେରୁ ପ୍ରକାଶ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯଦି ପରିବାରରେ ଆଟାଚ୍ ବାଥରୁମ୍(ଘର ଭିତରୁ ଗାଧୁଆ ଘର ସଂଯୋଗ) ରହିଛି, ସେସବୁ କ୍ଷେତ୍ରରେ ଶତପ୍ରତିଶତ ଶୌଚାଳୟ ବ୍ୟବହାର କରାଯାଇଥାଏ। ପରିବାରର ସବୁ ସଦସ୍ୟ ଏହା ବ୍ୟବହାର କରୁଥିବା ଜଣାପଡିଛି। ବର୍ଷର ଅନେକ ସମୟରେ ଜଳାଭାବ ଯୋଗୁଁ ଶୌଚାଳୟର ବ୍ୟବହାରକୁ ଗ୍ରାମୀଣ ଲୋକେ କମାଇ ଦେଇଥାନ୍ତି। ବିଶେଷକରି ଖରାଦିନେ ଏହି ଶୌଚାଳୟ ବ୍ୟବହାର ଗ୍ରାମାଞ୍ଚଳରେ କମ୍ ହୋଇଥାଏ। ଘରର ଅବସ୍ଥା, ଚଳଣି ଓ ଜୀବନଯାପନଶୈଳୀ ହିଁ ପରୋକ୍ଷରେ ଶୌଚାଳୟ ଉପଯୋଗକୁ ପ୍ରଭାବିତ କରିଥାଏ।

ଯେଉଁ ପରିବାରଗୁଡିକର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ସେମାନେ ସ୍ୱଚ୍ଛତା ଓ ପରିମଳ ପ୍ରତି ଅଧିକ ସଚେତନ। ସେମାନେ ଅଧିକ ସଂଖ୍ୟାରେ ଶୌଚାଳୟ ବ୍ୟବହାର କରିଥାନ୍ତି। ଘରୋଇ ଖର୍ଚ୍ଚ ମାସିକ ୧୦୦୦ ଟଙ୍କାରୁ ଅଧିକ ରହୁଥିବା ପରିବାରଗୁଡିକ ମଧ୍ୟରୁ କମ୍ ପରିବାର ବାହାରେ ମଳତ୍ୟାଗ କରିଥାନ୍ତି। ଆର୍ଥିକ ପ୍ରଗତି ସହ ଶୌଚାଳୟ ବ୍ୟବହାରର କିଭଳି ଘନିଷ୍ଠ ସଂପର୍କ ରହିଛି ତାହା ନମୁନା ସର୍ଭେରୁ ଜଣାପଡିଛି। ତେଣୁ କେବଳ ଶୌଚାଳୟ ନିର୍ମାଣ ନୁହେଁ; ଏଥିସହ ଲୋକଙ୍କର ଜୀବନଧାରଣର ମାନରେ ଉନ୍ନତି ଆଣିବା ଏବଂ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଦିଗରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ଘଟାଇବା ସହ ସେମାନଙ୍କ ଉପାର୍ଜନକୁ ବୃଦ୍ଧି କରି କ୍ରୟ କ୍ଷମତା ବଢାଇବା ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି।

ସୂଚନାନୁଯାୟୀ, ଶୌଚାଳୟ ନିର୍ମାଣ ଲାଗି ସରକାରଙ୍କ ଯୋଜନା ଓ ଆର୍ଥିକ ସହାୟତା ପ୍ରଦାନ ମଧ୍ୟ ଏହାକୁ ବ୍ୟବହାର କରିବାରେ ବେଶ୍ ପରିପୂରକ ହୋଇଛି। ସ୍ୱଚ୍ଛ ଭାରତ ମିଶନ ଜରିଆରେ ସଚେତନତା ଦ୍ୱାରା ବାହାରେ ମଳତ୍ୟାଗ ସମ୍ଭାବନା ୧୦ ପ୍ରତିଶତ ହ୍ରାସ ପାଇଛି। ଗୃହକର୍ତ୍ତାଙ୍କ ପ୍ରଭାବରେ ଶୌଚାଳୟ ନିର୍ମାଣ କରାଯାଉଥିଲେ ମଧ୍ୟ ଏହାକୁ ବିଶେଷକରି ମହିଳାମାନଙ୍କ ସହ ପରିବାରର ଅନ୍ୟ ସବୁ ସଦସ୍ୟ ବ୍ୟବହାର କରୁଛନ୍ତି। ଶୌଚାଳୟ ନିର୍ମାଣ ଓ ବ୍ୟବହାର ଦ୍ୱାରା ଘରର ବାହାର ପରିବେଶ ଅଧିକ ସୁସ୍ଥ ଓ ସଫାସୁତୁରା ରହିପାରୁଛି।

ସାମାଜିକ-ଆର୍ଥିକ ସ୍ଥିତି, ଦୁର୍ବଳ ଭିତ୍ତିଭୂମି ଓ ପରିବେଶଭିତ୍ତିକ ସମସ୍ୟା ଏବଂ ରାଜ୍ୟମାନଙ୍କ କେତେକ ସମସ୍ୟା ସତ୍ତ୍ୱେ ଲୋକଙ୍କୁ ଶୌଚାଳୟ ଉପଲବ୍ଧ କରାଇ କେନ୍ଦ୍ର ସରକାର ଏହାର ବ୍ୟବହାର ବଢାଇବା ଉଲ୍ଲେଖନୀୟ ଘଟଣା। ଅନ୍ୟପକ୍ଷରେ ଗୁଜରାଟରେ ବିହାର ତୁଳନାରେ ବାହାରେ ମଳତ୍ୟାଗ କରିବା ସମ୍ଭାବନା ୧୩ ପ୍ରତିଶତ ବଢିବା ସହ ସାମଗ୍ରିକ ଭାବେ ଶୌଚାଳୟ ବ୍ୟବହାର ୩୭ ପ୍ରତିଶତ ହ୍ରାସ ପାଇଛି। ସେହିଭଳି ୧୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଏବଂ ବୟସ୍କ ଲୋକଙ୍କ ଶୌଚାଳୟ ବ୍ୟବହାର କରିବା ସମ୍ଭାବନା ବିହାର ତୁଳନାରେ ଗୁଜରାଟରେ ୨୦ ପ୍ରତିଶତ କମ୍ ରହିଛି। ସେହିଭଳି ବିହାର ତୁଳନାରେ ତେଲେଙ୍ଗାନାରେ ବାହାରେ ମଳତ୍ୟାଗ ସମ୍ଭାବନା ୩୦ ପ୍ରତିଶତ ଅଧିକ ରହିଛି।

ପ୍ରଭାବୀ ଗୋଷ୍ଠୀ ଆଲୋଚନା(ଫୋକସ୍ ଗ୍ରୁପ୍ ଡିସ୍କସନ୍ -ଏଫଜିଡି), ସହଭାଗୀ ଗ୍ରାମୀଣ ମୂଲ୍ୟାୟନ(ପାର୍ଟିସିପେଟୋରୀ ରୁରାଲ ଆପ୍ରାଇଜାଲ୍-ପିଆରଏ), ପରିମଳ ସଂକ୍ରାନ୍ତ ଫଟୋଗ୍ରାଫ୍ ଓ ସାକ୍ଷାତକାର ଆଦି ମାନସ ମନ୍ଥନ ସହାୟତାରେ କରାଯାଇଥିବା ଗୁଣାତ୍ମକ ଅନୁଧ୍ୟାନରୁ କେତେକ ମଜାଦାର ତଥ୍ୟ ସାମ୍ନାକୁ ଆସିଛି। ବ୍ୟକ୍ତିଗତ ଓ ସାମାଜିକ ସୁସ୍ଥତା ଲାଗି ଯଦିଓ ପରିବାର ଗୁଡିକ ସଚେତନ ଅଛନ୍ତି; ତଥାପି ବାହାରେ ମଳମୁତ୍ର ତ୍ୟାଗ କରିବା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ସମସ୍ୟା ସୃଷ୍ଟି କରିବ ବୋଲି ଗ୍ରହଣ କରୁନାହାନ୍ତି। ନିଜ ଘରେ, ଧର୍ମାନୁଷ୍ଠାନ, ମେଳା ଓ ସାମାଜିକ ଉତ୍ସବାନୁଷ୍ଠାନ ଗୁଡିକରେ ଅଧିକରୁ ଅଧିକ ସଂଖ୍ୟାରେ ଶୌଚାଳୟ ନିର୍ମାଣ କରିବାକୁ ସେମାନେ ଦାବି କରୁଛନ୍ତି; ଅଥଚ ଗ୍ରାମାଞ୍ଚଳର କେତେକ ପରିବାର ସରକାରଙ୍କ ପ୍ରଦତ୍ତ ଶୌଚାଳୟ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିବା ଜଣାପଡିଛି। ପାଲଟା ସରକାରଙ୍କ ଏ ଯୋଜନା ଉପରେ କିଛି ପରିବାର ସାମାଜିକ ଓ ସଂସ୍କୃତିର ବାହାନାରେ ନକାରାତ୍ମକ ଟିପ୍ପଣୀ



ଦେଉଛନ୍ତି । ଏଭଳି ମତାମତ ଦ୍ୱାରା ଯେଉଁମାନେ ଗାଁ ଗହଳିରେ ଶୌଚାଳୟ ବ୍ୟବହାର କରୁଛନ୍ତି ସେମାନଙ୍କ ମଧ୍ୟରୁ କିଛି ପରିବାର ମଧ୍ୟ ଶୌଚାଳୟ ଉପଯୋଗ କରିବା କିଛି ଦିନ ପରେ ବନ୍ଦ କରିଦେଉଛନ୍ତି । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସୂଚନା ଅନୁଯାୟୀ, ଏହି ଶୌଚାଳୟର ନିର୍ମାଣ ଶୈଳୀ ଯେଉଳି ରହିଛି ତାହା ଦିବ୍ୟାଙ୍ଗ(ଭିନ୍ନକ୍ଷମ)ଙ୍କ ଲାଗି ବ୍ୟବହାର ଅନୁକୂଳ ନୁହେଁ । କେତେକ ପରିବାରର ବୟସ୍କ ବ୍ୟକ୍ତି ଶୌଚାଳୟ ବ୍ୟବହାର ଲାଗି ନିଜକୁ ଅସହଜ ମନେ କରୁଥିବା ଦେଖାଯାଇଛି । ପିଆରଏ ଓ ଏଫଜିଡିର ପ୍ରକାଶିତ ମିଳିତ ତଥ୍ୟ ଅନୁଯାୟୀ, ଏସବିଏମ(ଜି) ରୂପାୟନର ପୂର୍ଣ୍ଣ ପଦ୍ଧତିରେ ଆଇଇସିର ବ୍ୟବହାର ଅତ୍ୟନ୍ତ ନଗଣ୍ୟ ରହିଥିବା କୁହାଯାଇଛି । ବାହ୍ୟମଳ ତ୍ୟାଗରୁ ବ୍ୟକ୍ତିଙ୍କୁ ନିବୃତ୍ତ ରଖିବା ଲାଗି ସକାଳ ପ୍ରହରା ଦେବା, ଶୁଷୁରି ବଜାଇ ବାହାରେ ମଳତ୍ୟାଗ କରୁଥିବା ଲୋକଙ୍କୁ ନିରୁତ୍ସାହିତ କରିବା, ଆଲୋଚନା କରି ତାଲିମ ଦେଇ ଏଦିଗରେ ସଚେତନ କରିବା ଭଳି ଏକାଧିକ ପଦକ୍ଷେପ ଗ୍ରହଣ କରାଯାଉଛି । ଏହାସତ୍ତ୍ୱେ ଅନେକ ଗୋଷ୍ଠୀ ଉପଯୁକ୍ତ ପରିମଳ ବ୍ୟବସ୍ଥାର ଗୁରୁତ୍ୱ ବୁଝି ନଥିବାବେଳେ ଅନେକ ଶୌଚାଳୟର ଆବଶ୍ୟକତା, ମଳମୂତ୍ରର ଉପଯୁକ୍ତ ପରିଶୋଧନ ଏବଂ ମହିଳାଙ୍କ ରତୁସ୍ରାବ ସମୟର ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆଦୌ ଶିକ୍ଷିତ ହୋଇପାରିନାହାନ୍ତି ।

ପ୍ରକାରାନ୍ତରେ ଘରେ ଶୌଚାଳୟ ଥିଲେ ଏହା କିଭଳି ବିଶୁଦ୍ଧତା ନଷ୍ଟ କରେ ଓ ପ୍ରଦୂଷଣ ବଢାଇଥାଏ ସେ ସଂକ୍ରାନ୍ତରେ ରହିଥିବା ପୁରୁଣା ସାମାଜିକ-ସାଂସ୍କୃତିକ ଅବଧାରଣା ଗ୍ରାମାଞ୍ଚଳର ଅନେକ ଲୋକ ତଥା ଗୋଷ୍ଠୀ ଭିତରେ ବଳବତ୍ତର ରହିଛି । ତେଣୁ ସେମାନେ ଘରେ ଶୌଚାଳୟ ନିର୍ମାଣ ଓ ବ୍ୟବହାରକୁ ବିରୋଧ କରୁଛନ୍ତି । ଅନୁରୂପ ଭାବେ ଅନେକ ପରିବାର ଲାଗି ଭିନ୍ନ ଭିନ୍ନ ଗୁରୁତ୍ୱ ରହିଛି । ଉଦାହରଣ ସ୍ୱରୂପ, ତେଲେଙ୍ଗାନାର ମେଡକ୍ ଜିଲାର ଏକ ଗାଁରେ ଲୋକମାନେ ଗୋଷ୍ଠୀଗତ ଭାବେ ଅର୍ଥଦାନ କରି ଏକ ଧାର୍ମିକ ତଥା ଉପାସନାସ୍ଥଳୀ ନିର୍ମାଣ କରିଛନ୍ତି; ମାତ୍ର ଶୌଚାଳୟ ନିର୍ମାଣ ଲାଗି ଅର୍ଥ ବିନିଯୋଗ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଆଉ ସେଇଥିପାଇଁ ଥରେ ଜଣେ ପ୍ରମୁଖ ବ୍ୟକ୍ତିବିଶେଷ କହିଥିଲେ- "ଭାରତରେ ଶୌଚାଳୟ ଅପେକ୍ଷା ଧାର୍ମିକ ଅନୁଷ୍ଠାନ ସଂଖ୍ୟା ଅଧିକ । ଆମେ ଅଧିକ ତଥାକଥିତ ଧାର୍ମିକ ପ୍ରବୃତ୍ତିର; ମାତ୍ର ସୁସ୍ଥତା, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ପ୍ରତି ଆମର ଆଗ୍ରହ ଅପେକ୍ଷାକୃତ କମ୍ ।"

**ପ୍ରସ୍ତାବନା**

ସଂପ୍ରତି ଚାଲିଥିବା ସ୍ୱଚ୍ଛ ଭାରତ ମିଶନକୁ ବ୍ୟାପକ ପ୍ରଶଂସା ମିଳୁଛି । ଏଥିସହ ବାହାରେ ମଳତ୍ୟାଗ କରୁଥିବା ଅନେକ ବ୍ୟକ୍ତି ଓ ପରିବାର ସଦସ୍ୟ ଶୌଚାଳୟ ନିର୍ମାଣ ପରେ କିଛିଦିନ ଏହାକୁ ବ୍ୟବହାର କରି ପରେ ପୁଣି ପୁରୁଣା ଅଭ୍ୟାସକୁ ଫେରୁଥିବା ଦେଖାଯାଉଛି । ଏହାକୁ ରୋକିବା ଲାଗି କାର୍ଯ୍ୟକ୍ରମରେ କେତେକ ପରିବର୍ତ୍ତନ ଜରୁରୀ ହୋଇପଡିଛି । ବଡ଼ ବଡ଼ ପରିବାର ଲାଗି ଏକରୁ ଅଧିକ ଶୌଚାଳୟ ବ୍ୟବସ୍ଥା କରିବାକୁ ଏହି ନମୁନା ସର୍ଭେ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି । ତୃଣମୂଳ ସ୍ତରରେ ଶୌଚାଳୟର ଗୁରୁତ୍ୱ ସଂପର୍କରେ ଅଧିକ ସୂଚନାକୁ ବିସ୍ତାରିତ କରିବା ପ୍ରସ୍ତାବ ଦିଆଯାଇଛି । ସ୍ୱାସ୍ଥ୍ୟ ଓ ସାମାଜିକକର୍ମୀମାନେ ଗ୍ରାମୀଣ ଭାରତର ଲୋକଙ୍କୁ ଏକ୍ଷେତ୍ରରେ ଅଧିକ ପ୍ରଭାବିତ କରି ସଚେତନ କରାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବାକୁ କୁହାଯାଇଛି ।

ପରିମଳ ବ୍ୟବସ୍ଥାକୁ ଉନ୍ନତ କରିବାକୁ ହେଲେ ଏଥିସହ ସଂପୃକ୍ତ ବ୍ୟକ୍ତି ଓ ପରିବାରର ଜୀବନଧାରଣ ମାନଦଣ୍ଡକୁ ମଜବୁତ୍ କରିବାକୁ ହେବ । ତେଣୁ ସାଧାରଣ ସେବା କ୍ଷେତ୍ର ସହ ପରିବାର ସ୍ତରରେ ଭିତ୍ତିଭୂମିକୁ ସୁଦୃଢ କରାଯିବା ଉପରେ ଗୁରୁତ୍ୱ ଦିଆଯିବା ଦରକାର । ଉତ୍ତମ ଜଳ ଯୋଗାଣ ବ୍ୟବସ୍ଥା, ଆବାସ ସହିତ ଗାଧୁଆ ଘର, ଶୌଚାଳୟ ନିର୍ମାଣ ଏବଂ ତାହାର ବ୍ୟବହାର ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ସେହିପରି ପରିବାରର ଆୟବୃଦ୍ଧି ଓ ଗୃହ ଉପକରଣ କ୍ରୟ କ୍ଷମତା ବଢାଇ ସେମାନଙ୍କ ଜୀବନଧାରଣ ମାନଦଣ୍ଡକୁ ବେଶ୍ ସୁଦୃଢ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି । ଫଳରେ ଏସବୁ ପରିବାର ଶୌଚାଳୟ ବ୍ୟବହାରକୁ ସୁନିଶ୍ଚିତ କରିପାରିବେ । ଏହାବ୍ୟତୀତ ଉତ୍ତମ ସ୍ୱଚ୍ଛତା ସୁରକ୍ଷା ଲାଗି ନାରୀ ଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଦରକାର । ପରିବାରର ମହିଳା ଜାଗିଲେ ସମାଜ ଆଗେଇବ । ଶୌଚାଳୟ ବ୍ୟବହାର ନାରୀଙ୍କ ସ୍ୱାଭିମାନ ଓ ଆତ୍ମସମ୍ମାନର ଏକ ପ୍ରତୀକ ବୋଲି ସମସ୍ତେ ବୁଝିପାରିଲେ ଭାରତ ସ୍ୱଚ୍ଛତା କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ପାଇପାରିବ ।

**ଲେଖକ ଡ. ବିଶ୍ୱାସ ଆନନ୍ଦସ୍ଥିତ ଆଇଆର୍‌ଏମ୍‌ଏର ଜଣେ ପ୍ରାଧ୍ୟାପକ, ଡ. ଦେ ହେଉଛନ୍ତି ସହଯୋଗୀ ପ୍ରାଧ୍ୟାପକ ଓ ଡ. ଜ୍ଞାନମୁଦ୍ରା ହେଉଛନ୍ତି ହାଇଦ୍ରାବାଦ୍‌ସ୍ଥିତ ଜାତୀୟ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ଅଧିନସ୍ଥ ସିଆର୍‌ୟୁର ନିର୍ଦ୍ଦେଶକ ।**

**Email ID: saswata@irma.ac.in, Indranil@irma.ac.in, drgmudra@yahoo.com**

# ଦେଶର ପରିଚ୍ଛନ୍ନତା : କାର୍ଯ୍ୟ ଓ ପରାମର୍ଶ

ସୁଦର୍ଶନ ଆୟେଙ୍ଗାର

ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ଗାନ୍ଧିଜୀ ପ୍ରଥମ ଦୁଇ ବର୍ଷ ଭାରତର କୋଣ ଅନୁକୋଣ ବୁଲିଥିଲେ। ଏହି ସମୟରେ ସେ ଦେଶର ପରିଚ୍ଛନ୍ନତା ଓ ସାମାଜିକ ସ୍ୱାସ୍ଥ୍ୟର ବିକଳ ଅବସ୍ଥା ଅନୁଭବ କରିଥିଲେ। ସେତେବେଳେ ତାହା ଦେଶ ପାଇଁ ଏକ ବିରାଟ ସମସ୍ୟା ସୃଷ୍ଟି କରିଥିଲା। ଜନସ୍ୱାସ୍ଥ୍ୟ ଓ ପରିବେଶକୁ ପ୍ରଭାବିତ କରୁଥିବା ଅପରିଚ୍ଛନ୍ନତା ସମ୍ପର୍କରେ ଲୋକେ କେବଳ ଅଜ୍ଞ ଥିଲେ ତା'ନୁହେଁ, ପରିବେଶକୁ ସଫାସୁତୁରା ରଖିବା ଓ ନିଜେ ପରିଷ୍କାର ରହିବାର ଯେଉଁ ମାନସିକତା ଲୋଡ଼ା ତାହା ମଧ୍ୟ ସେମାନଙ୍କଠାରେ ନ ଥିଲା। ଦକ୍ଷିଣ ଆଫ୍ରିକାରେ ରହୁଥିବା ଭାରତୀୟମାନେ ଅପରିଷ୍କାର ଅପରିଚ୍ଛନ୍ନ ବୋଲି ବ୍ରିଟିଶ ଲୋକମାନେ ଯେଉଁ ଅଭିଯୋଗ କରୁଥିଲେ ତାହାକୁ ଗାନ୍ଧିଜୀ ଅସ୍ୱୀକାର କରିବା ଅବସ୍ଥାରେ ନ ଥିଲେ। ତଥାପି ସେ ଏ ନେଇ ଗୋରା ଲୋକଙ୍କ ସହ ଭିନ୍ନ ପ୍ରକାର ଯୁକ୍ତି କରି ଏହି ଅଭିଯୋଗକୁ ଖଣ୍ଡନ କରିବାକୁ ଚେଷ୍ଟା କରୁଥିଲେ। ଗାନ୍ଧିଜୀ କହୁଥିଲେ ଯେ ବ୍ରିଟିଶରମାନେ ଭାରତୀୟଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଏହା ପଛରେ ସେମାନଙ୍କର ବର୍ଣ୍ଣବୈଷମ୍ୟ ବିଚାର ନିହିତ। କଳାଲୋକମାନେ ଗୋରା ଲୋକଙ୍କ ସହ ସବୁ କ୍ଷେତ୍ରରେ ପ୍ରତିଯୋଗିତା କରୁଥିବାରୁ ଈର୍ଷା ପ୍ରଣୋଦିତ ହୋଇ ଗୋରାଲୋକମାନେ ଭାରତୀୟଙ୍କୁ ଅପରିଚ୍ଛନ୍ନ



କହି ନିନ୍ଦିତ କରିବାକୁ ଚାହୁଁଛନ୍ତି। ତେବେ ସେ ଯା' ହେଉ ନିଜ ଦେଶରେ ଗାନ୍ଧିଜୀ, ଅପରିଚ୍ଛନ୍ନତା, ଆବର୍ଜନା ଓ ପୂତିଗନ୍ଧମୟ ପରିବେଶ ତଥା ଏଥିସହିତ ଜଡ଼ିତ ବିଚାର, କଳଙ୍କ ଓ ଶୋଷଣ ଆଦିକୁ ଦେଖି ବ୍ୟଥିତ ହୋଇଥିଲେ। ଆବର୍ଜନା ଓ ମଳ ସଫେଇ କାର୍ଯ୍ୟରେ ଲିପ୍ତ ଲୋକଙ୍କ ପ୍ରତି 'ସମାଜ'ରେ ଯେଉଁ ଘୃଣା ଭାବ ଥିଲା ତାହା ଦେଖି ସେ ମର୍ମାହତ ହୋଇଥିଲେ। ୧୯୦୯ ବେଳକୁ ସେ 'ହିନ୍ଦ୍ ସ୍ୱରାଜ' ରଚନା କରିସାରିଥିଲେ। 'ଗ୍ରାମ ସ୍ୱରାଜ୍' ଓ 'ହିନ୍ଦ୍ ସ୍ୱରାଜ'ରେ ତାଙ୍କର ଯେଉଁ ଲକ୍ଷ୍ୟ ଓ ପରିକଳ୍ପନା ଥିଲା ତାହା କେବଳ ସ୍ୱଶାସନ ପ୍ରତିଷ୍ଠା ଓ ରାଜନୈତିକ ସ୍ୱାଧୀନତା ହାସଲରେ ସୀମିତ ନ ଥିଲା। ସେ ଆତ୍ମବିକାଶ ଉପରେ ଅଗ୍ରାଧିକାର ଦେଇ ଏଥିସହିତ କର୍ମକୁ ଯୋଡ଼ିବାକୁ ପ୍ରୟାସ କରିଥିଲେ। ପରେ ସେ ଏହାକୁ ଆଶ୍ରମ ବିଧି (ସଂସ୍କାର) ଓ ରଚନାତ୍ମକ କାର୍ଯ୍ୟର ରୂପ ଦେଇଥିଲେ। ଏହି ପରି ଗାନ୍ଧିଜୀ ପରିଚ୍ଛନ୍ନତା ତଥା ସ୍ୱାସ୍ଥ୍ୟରକ୍ଷା ଓ ଅସ୍ପୃଶ୍ୟତା ଦୂରୀକରଣକୁ ଦୁଇଟି ପ୍ରମୁଖ ରଚନାତ୍ମକ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରିଥିଲେ।

**ଚମ୍ପାରଣରେ ଗାନ୍ଧିଜୀ:**

ବିହାରର ଚମ୍ପାରଣରେ ଗାନ୍ଧିଜୀ ତାଙ୍କ ସ୍ୱେଚ୍ଛାସେବୀମାନଙ୍କ ସହ ଗ୍ରାମାଞ୍ଚଳ ଲୋକଙ୍କ ସହ କାମ କରିବାବେଳେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ରକ୍ଷା ପ୍ରସଙ୍ଗର ଗୁରୁତ୍ୱ ସେ ବେଶ୍ ଭଲ ଭାବେ ଅନୁଭବ କରିଥିଲେ। ସେ ଅନୁଭବ କଲେ ଯେ ଏ ବିଷୟରେ ଗ୍ରାମବାସୀଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ସଚେତନ କରା ନ ଗଲେ ଅପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ସମସ୍ୟାର ଦୂରୀକରଣ ସମ୍ଭବ ନୁହେଁ। ଚମ୍ପାରଣର ଗ୍ରାମାଞ୍ଚଳରେ ଅପରିଚ୍ଛନ୍ନତା ଏକ ଜଟିଳ ସମସ୍ୟା ଥିଲା। ଗାନ୍ଧିଜୀ ଲେଖିଛନ୍ତି ଯେ ଗାଁର ଭୂମିହୀନ ଶ୍ରମିକ ପରିବାର ମଧ୍ୟ ନିଜର ଘର ପାଇଖାନା ଓ ପରିବେଶ ସଫା କରୁ ନ ଥିଲେ ଏବଂ ଏଥିପାଇଁ ଅନ୍ୟ ଉପରେ ନିର୍ଭର କରିବା ସହ ପରିବେଶକୁ ପ୍ରଦୂଷିତ କରୁଥିଲେ। ଡାକ୍ତର ଦେବ, ଗାନ୍ଧିଜୀ ଓ ତାଙ୍କ ସ୍ୱେଚ୍ଛାସେବୀଙ୍କ ସହ ମିଶି ନିୟମିତ ଗାଁ ଦାଣ୍ଡ, ଲୋକଙ୍କ ଘରଦ୍ୱାର ଓଳେଇବା ସହ କୂଅ,

ପୋଖରୀ ଆଦି ସଫା କରିବାକୁ ଲାଗିଲେ। ଏହା ପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଲା ଏବଂ ସେମାନେ ଅନୁପ୍ରାଣିତ ହୋଇ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦେଲେ। ଲୋକଙ୍କ ମଧ୍ୟରେ କ୍ରମଶଃ ଆତ୍ମବିଶ୍ୱାସର ଭାବନା ସୃଷ୍ଟି ହେବା ପରେ ପରିସ୍ଥିତିରେ କ୍ରମଶଃ ଉନ୍ନତି ଘଟିଲା।

ଶିକ୍ଷାର ଆବଶ୍ୟକତା ଓ ପ୍ରସାର, ଲୋକଙ୍କ ଅଭ୍ୟାସରେ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ପରିଚ୍ଛନ୍ନତା ସମ୍ପର୍କରେ ତାଲିମ ଦେବାର ଯେଉଁ ବିଚାର ଗାନ୍ଧିଜୀଙ୍କର ଥିଲା ତାହାକୁ ସେ ସତ୍ୟାଗ୍ରହ ଆଶ୍ରମ ସ୍କୁଲ ଓ ଚମ୍ପାରଣରେ ପ୍ରୟୋଗ କରିଥିଲେ। ଚମ୍ପାରଣର ମହିଳା ସ୍ୱେଚ୍ଛାସେବୀମାନେ ଗାଁ ଗାଁ ବୁଲି ଲୋକଙ୍କୁ ବିଶେଷ କରି ମହିଳାମାନଙ୍କୁ ପରିଚ୍ଛନ୍ନତା, ସ୍ୱାସ୍ଥ୍ୟରକ୍ଷା ଓ ସଦାଚାରର ମହତ୍ତ୍ୱ ବୁଝାଇଥିଲେ। ଏସବୁ ସାକ୍ଷରତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ କହିଥିଲେ। ଏହା ପରଠାରୁ ଗାନ୍ଧିଜୀଙ୍କ ସବୁ ରାଜନୈତିକ କାର୍ଯ୍ୟକ୍ରମ ଓ ସାମାଜିକ ସଂସ୍କାର କାର୍ଯ୍ୟରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଅଗ୍ରାଧିକାର ପାଇଲା।

**ଆଶ୍ରମରେ ପରୀକ୍ଷା ନିରୀକ୍ଷା:**

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ପ୍ରତିଷ୍ଠା କରିଥିବା ନିଜର ଫିନିକ୍ସ ଆଶ୍ରମରେ ପ୍ରଥମେ ପରିଚ୍ଛନ୍ନତାର ପ୍ରୟୋଗ କରିବା ସହ ଆଶ୍ରମବାସୀଙ୍କୁ ଏ ସମ୍ପର୍କରେ ସଚେତନ କରାଇଥିଲେ। ପରିଷ୍କାର ପରିଚ୍ଛନ୍ନ ରହିବା ସହ ଆଶ୍ରମ ପରିସରକୁ ସଫାସୁତୁରା ରଖିବାକୁ ସେ ଅନ୍ତେବାସୀଙ୍କୁ ତାଲିମ ଦେଇଥିଲେ। ବିଂଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ଫ୍ଲସ୍ ଟଏଲେଟ୍ ବେଶ୍ ବିକଶିତ ଅବସ୍ଥାରେ ପହଞ୍ଚିଥିଲା। ମଳଜନିତ ସଂକ୍ରମଣ ସମ୍ପର୍କରେ ମଧ୍ୟ ଲୋକେ ସେତେବେଳକୁ ଭଲ ଭାବେ ଅବଗତ ଥିଲେ। ତେବେ ଫ୍ଲସ୍ ପାଇଖାନା ପାଇଁ ଜଳ ଏବଂ ମଳ ଯିବା ପାଇଁ ଉପଯୁକ୍ତ ନାଳ (ଡ୍ରେନ୍)ର ଆବଶ୍ୟକତା ଅପରିହାର୍ଯ୍ୟ ଥିଲା। ଗ୍ରାମାଞ୍ଚଳରେ ଫ୍ଲସ୍ ପାଇଖାନା ପାଇଁ ଆବଶ୍ୟକ ମୌଳିକ ସୁବିଧା ସୁଯୋଗ ନ ଥିଲା। ଫିନିକ୍ସ ଆଶ୍ରମରେ ଶୌଚାଳୟ ପରିଚାଳନା ପାଇଁ ଗାନ୍ଧିଜୀ ଉପଯୁକ୍ତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପାଇ ନ ଥିଲେ। ତେଣୁ ସେ ପାଇଖାନାରୁ ଶୁଷ୍କ ମଳକୁ ସଂଗ୍ରହ କରି ତାହାକୁ ଅନ୍ୟତ୍ର ଗାତ ଖୋଳି ପୋତି ଦେବାର ଉପାୟ ଅବଲମ୍ବନ କରିଥିଲେ। ପରେ ଏହି ସଂଗୃହୀତ ମଳ ଖତକୁ ଚାଷଜମିରେ ସାର ରୂପେ ବ୍ୟବହାର କରିବାର ବ୍ୟବସ୍ଥା ସେ କଲେ ଯାହା ଜୈବିକ ଖତ ସାର ନାମରେ ପରିଚିତ। ଏହା ଥିଲା ଗାନ୍ଧିଜୀଙ୍କର ଫିନିକ୍ସ ଆଶ୍ରମରେ ମଳର ନିରାପଦ ପରିଚାଳନା ଓ ଉପଯୋଗ ପଦ୍ଧତି। ପ୍ରଭୁ ଦାସ ଗାନ୍ଧୀ ଲେଖିଛନ୍ତି ଯେ ଗାନ୍ଧିଜୀଙ୍କ ଆଶ୍ରମର ଇତିହାସ ଅନୁଧ୍ୟାନ କଲେ ସେଥିରେ ଶୌଚାଳୟ ଓ ମଳ ପରିଚାଳନାରେ ଜାତିର ପିତାଙ୍କ ପରୀକ୍ଷା ନିରୀକ୍ଷା ଏକ ଲକ୍ଷଣୀୟ ଅଧ୍ୟାୟ ଭାବେ ବାରିହୋଇପଡ଼େ।

ଭାରତରେ ଗାନ୍ଧିଜୀଙ୍କ କାର୍ଯ୍ୟସୂଚୀରେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା ଅଗ୍ରାଧିକାର ପାଇଥିଲା। ଭାରତୀୟ ସମାଜରୁ ଅସ୍ପୃଶ୍ୟତା ଭଳି କଳଙ୍କ ଦୂର କରିବା ପାଇଁ ଗାନ୍ଧିଜୀଙ୍କର ଯେଉଁ ଆଗ୍ରହ ଓ ଇଚ୍ଛା ଥିଲା ତାହାକୁ ଚରିତାର୍ଥ କରିବା ନିମନ୍ତେ ସେ ଶୌଚାଳୟ, ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ କାମ କରିବାକୁ ବାଧ୍ୟ ହୋଇଥିଲେ। ମଇଳା ସଫା କରିବା ଏକ ନିର୍ଦ୍ଦିଷ୍ଟ ଜାତି ବା ବର୍ଗର କାର୍ଯ୍ୟ ବୋଲି ଯେଉଁ ସାମାଜିକ ପରମ୍ପରା ଭାରତରେ ଥିଲା ତାହାକୁ ସେ ଗ୍ରହଣ କରି ନ ଥିଲେ। ଏହାର ଅବସାନ ପାଇଁ ସେ ସଂଗ୍ରାମ ଜାରି ରଖିଥିଲେ।

**ସାମାଜିକ ସଂସ୍କାର ମୌଳିକ ଅଙ୍ଗୀକାର:**

ଅସ୍ପୃଶ୍ୟତା ଦୂରୀକରଣ ଓ ପରିଚ୍ଛନ୍ନତାକୁ ସାମାଜିକ ସଂସ୍କାରର ମୂଳ ଲକ୍ଷ୍ୟ ଭାବେ ଗ୍ରହଣ କରି ଗାନ୍ଧିଜୀ ଏହାର ପରୀକ୍ଷା ନିରୀକ୍ଷା ପ୍ରଥମେ ନିଜ ପ୍ରତିଷ୍ଠିତ ଆଶ୍ରମଗୁଡ଼ିକରେ ଆରମ୍ଭ କରିଥିଲେ। ତାଙ୍କ ଆଶ୍ରମରେ ଯାବତୀୟ କାର୍ଯ୍ୟ ସମ୍ପାଦନ ପାଇଁ ବାହାରର ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା ବା ସେଥିପାଇଁ କାହାକୁ ଡକାଯାଉ ନ ଥିଲା। ଆଶ୍ରମର ପରିଚ୍ଛନ୍ନତା ରକ୍ଷା କାର୍ଯ୍ୟ ଆଶ୍ରମବାସୀଙ୍କ ଦ୍ୱାରା କରାଯାଉଥିଲା। ଆଶ୍ରମ ପରିସରର ରାସ୍ତାଘାଟରେ ଅଳିଆ ଆବର୍ଜନ ଫିଙ୍ଗିବା, ଛେପ ପକାଇବା ନିଷିଦ୍ଧ ଥିଲା। ଯେଉଁ ଜାତୀୟତାବାଦୀ ଯୁବକଯୁବତୀ ଗାନ୍ଧିଜୀଙ୍କ ସହ ମିଶି କାମ କରିବାକୁ ଚାହୁଁଥିଲେ ଓ ଆଶ୍ରମରେ ରହିବାକୁ ଆଗ୍ରହୀ ଥିଲେ ସେମାନଙ୍କ ପାଇଁ ସେ କେତେକ ନୀତି ନିୟମ ପ୍ରଣୟନ କରିଥିଲେ। ଏଭଳି ଯୁବକ ଯୁବତୀମାନଙ୍କୁ ପ୍ରଥମ ପରୀକ୍ଷାରେ ପାଇଖାନା ସଫା କରିବାକୁ ପଡୁଥିଲା।

ଯମୁନାଲାଲ୍ ବଜାଜଙ୍କଦ୍ୱାରା ୱାର୍ଧାରେ ପ୍ରତିଷ୍ଠିତ ଆଶ୍ରମରେ ରହିବାବେଳେ ମୀରା ବେନ୍ (ମାଡେଲିନ୍ ସ୍ଲେଡ୍) ଲେଖିଛନ୍ତି ଯେ ଥରେ ପ୍ରାତଃଭ୍ରମଣରେ ଯିବାବେଳେ ଆଶ୍ରମ ପାଖ ରାସ୍ତା କଡ଼ରେ ନିକଟବର୍ତ୍ତୀ ସିଂଦି ଗାଁର ଲୋକେ ମଳତ୍ୟାଗ କରୁଥିବାର ସେ ଦେଖିଲେ। ଏକଥା ସେ ଆସି ଗାନ୍ଧିଜୀଙ୍କୁ କହିବାରୁ ସେ ତାଙ୍କୁ ସେହି ଗାଁକୁ ଯାଇ ଲୋକଙ୍କୁ ବୁଝାଇବା ସହ ମଇଳା ସଫା କରିବାକୁ ପରାମର୍ଶ ଦେଇଥିଲେ। ଗାନ୍ଧିଜୀଙ୍କ ପାଇଁ ଏଇ ଆଶ୍ରମଟିକୁ ବଜାଜ୍ ତିଆରି କରିବା ସହିତ ତାହାର ପରିଚାଳନାରେ ସାହାଯ୍ୟ ସହଯୋଗ କରୁଥିଲେ। ଗାନ୍ଧିଜୀ ସେଇ ଆଶ୍ରମରେ ଅନେକ ସମୟରେ ରହୁଥିଲେ। ସେବାଗ୍ରାମ ଆଶ୍ରମରେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା ମଧ୍ୟ ଅଗ୍ରାଧିକାର ପାଇଥିଲା। ଏଠାରେ ଗାନ୍ଧିଜୀ ୧୯୩୬ ରୁ ୧୯୪୬ ପର୍ଯ୍ୟନ୍ତ ରହିଥିଲେ। ସେବାଗ୍ରାମ ଆଶ୍ରମର ନିୟମାବଳୀରେ ଜଳ ଅପଚୟ ନ' କରିବାର ସ୍ପଷ୍ଟ ଉଲ୍ଲେଖ ଥିଲା। ପିଇବା ପାଇଁ ସିଝା ପାଣି ବାଧ୍ୟତାମୂଳକ ଥିବାବେଳେ ସର୍ବସାଧାରଣ ସ୍ଥାନ କିମ୍ବା ସଡ଼କରେ ଛେପ କିମ୍ବା ସିଂଘାଣି ପକାଇବା ନିଷିଦ୍ଧ ଥିଲା। ଏଥିପାଇଁ ଲୋକ ଗତାଗତ କରୁ ନ ଥିବା ସ୍ଥାନକୁ ବ୍ୟବହାର କରିବାକୁ ଗାନ୍ଧିଜୀ ନିୟମ କରିଥିଲେ।

ମଳମୂତ୍ର ତ୍ୟାଗ ପାଇଁ ଗାନ୍ଧିଜୀ ନିର୍ଦ୍ଦିଷ୍ଟ ସ୍ଥାନର ବ୍ୟବସ୍ଥା କରିଥିଲେ। ଶୌଚାଳୟର ଭାଣ୍ଡ (ଟାୟର) ତରଳ ଓ କଠିନ ବର୍ଜ୍ୟ ପାଇଁ ଭିନ୍ନ ଭିନ୍ନ କରିବାର ନିୟମ କରାଯାଇଥିଲା। କଠିନ ବର୍ଜ୍ୟ, ବିଶେଷତଃ ମଳକୁ ଅଲଗା କରି ତାକୁ ମାଟିରେ ପୋତି ଖତ ସାର ପ୍ରସ୍ତୁତ କରାଯାଉଥିଲା। ମାଛିଙ୍କୁ ଦୂରେଇ ରଖିବାକୁ ମଳକୁ ପୋତିଦେବାକୁ ଗାନ୍ଧିଜୀ ଗୁରୁତ୍ୱ ଦେଉଥିଲେ। ପାଇଖାନାରେ ଠିକ୍‌ଭାବେ ବସିବା, ଏହାକୁ ଅପରିଷ୍କାର ନ' କରିବା, ଅନ୍ଧାରରେ ଶୌଚାଳୟକୁ ଯିବାବେଳେ ବତି କିମ୍ବା ଲଣ୍ଠନ ସାଙ୍ଗରେ ନେବା, ଶୌଚ ପାଇଁ ପାଣି ବ୍ୟବହାର

କରିବାବେଳେ ଏହାକୁ ନଷ୍ଟ ନ' କରିବା ଆଦି ସମ୍ପର୍କରେ ଆଶ୍ରମରେ ନିୟମ ଲାଗୁ ହୋଇଥିଲା।

**ସାଧାରଣ ସଭା ଓ ପୌର ସମ୍ବର୍ଦ୍ଧନା:**

ଗାନ୍ଧିଜୀ ବିଭିନ୍ନ ପ୍ରକାର ସଭା ସମିତି, ସମାବେଶ, ସମ୍ବର୍ଦ୍ଧନା ସଭା, ସ୍ୱେଚ୍ଛାସେବୀ ଗୋଷ୍ଠୀ, ମହିଳା ସମାବେଶ ଓ ଆଶ୍ରମବାସୀଙ୍କ ସଭାରେ ଉଦ୍‌ବୋଧନ ଦେଉଥିଲେ। ଏସବୁ ପ୍ରକାର ସମାବେଶ ଓ ସଭାରେ ସେ ତାଙ୍କ ଭାଷଣ ଅବସରରେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ।

କଂଗ୍ରେସର ପ୍ରାୟ ସବୁ ବଡ଼ ଧରଣର ସମାବେଶ ଓ ସଭାରେ ଗାନ୍ଧିଜୀ ପରିଚ୍ଛନ୍ନତା ପ୍ରସଙ୍ଗ ଉତ୍ଥାପନ କରିବାକୁ ଭୁଲୁ ନ ଥିଲେ। ତାଙ୍କ ପାଇଁ ଅପରିଚ୍ଛନ୍ନତା ଥିଲା ଏକ ପାପ। ତାଙ୍କ ଭାଷାରେ ଅପରିଚ୍ଛନ୍ନତା, ଦାରିଦ୍ର୍ୟ ଓ ଆଳସ୍ୟ ତିନିଟି ମହାପାପ। ଏହାକୁ ସେ ସଂକ୍ଷେପରେ ତ୍ରି-ପାପ ବୋଲି କହୁଥିଲେ। ଏହି ପାପମୋଚନ ପାଇଁ ସେ କେତେକ ଅସ୍ତ୍ର ଦେଇଥିଲେ। ସେଗୁଡ଼ିକ ହେଲା ଝାଡୁ, କୁଇନାଇନ୍ ଓ ଜଡ଼ା ତେଲ ଏବଂ ଚରଖା।

ଗାନ୍ଧିଜୀଙ୍କୁ ବିଭିନ୍ନ ସଭା ସମିତିରେ ନାଗରିକ / ପୌର ସମ୍ବର୍ଦ୍ଧନା ପ୍ରଦାନ କରାଯାଉଥିଲା। ପ୍ରତ୍ୟେକ ସଭାରେ ସେ ପରିଚ୍ଛନ୍ନତା ପ୍ରସଙ୍ଗକୁ ଗୁରୁତ୍ୱ ଦେଉଥିଲେ। ସଫେଇ ପୌରସଂସ୍ଥାର ସବୁଠୁ ବଡ଼ କାମ ବୋଲି ସେ ବିଚାର କରିବା ସହ ଏହାକୁ ନିଷ୍ଠାର ସହ ପାଳନ କରିବାକୁ ପରାମର୍ଶ ଦେଉଥିଲେ। କଂଗ୍ରେସ ଯେତେବେଳେ ପୌର ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଚାହିଁଲା, ତାଙ୍କର ପରାମର୍ଶ ଥିଲା ଯେ କଂଗ୍ରେସ କର୍ମୀମାନେ କାଉନସିଲର ହେବା ପରେ ନିଜକୁ ଉଚ୍ଚମାନର ସଫେଇ କର୍ମଚାରୀରେ ପରିଣତ କରିବା ଉଚିତ। ପାଶ୍ଚାତ୍ୟ ପୌର ପ୍ରଶାସନ ପରିଷ୍କାର ପରିଚ୍ଛନ୍ନ କାର୍ଯ୍ୟକୁ ସେ ପ୍ରଶଂସା କରୁଥିଲେ। ୧୯୨୪ ଡିସେମ୍ବର ୨୧ରେ ବେଲଗାଁ ପୌର ସଂସ୍ଥା ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଗାନ୍ଧିଜୀ କହିଥିଲେ, "ପଶ୍ଚିମର ପୌର ପ୍ରଶାସନର ସଫେଇ ଓ ପରିଚ୍ଛନ୍ନତା କାର୍ଯ୍ୟରୁ ଆମକୁ ଅନେକ କିଛି ଶିଖିବାକୁ ପଡ଼ିବ। ଏହା ପୌର ପରିଚ୍ଛନ୍ନତାର ବିଜ୍ଞାନ। ଆମେ



ସ୍ୱାଭାବତଃ ଗ୍ରାମ୍ୟ ଜୀବନ ସହ ଅଭ୍ୟସ୍ତ। ଏଠାରେ ସହର ବା ନିଗମ ଜୀବନର ପରିଚ୍ଛନ୍ନତା ପ୍ରସଙ୍ଗ ବିଶେଷ ଅନୁଭୂତ ହୁଏ ନାହିଁ; କିନ୍ତୁ ପାଶ୍ଚାତ୍ୟ ସଭ୍ୟତା ବାସ୍ତୁବାଦୀ ହୋଇଥିବାରୁ ଏହା ଅଧିକରୁ ଅଧିକ ସହର ଓ ନଗରଭିତ୍ତିକ। ସେଠାରେ ଗାଁଗୁଡ଼ିକ ଅପେକ୍ଷାକୃତ ଅବହେଳିତ। ପାଶ୍ଚାତ୍ୟ ସଭ୍ୟତାରେ ନଗର ଓ ସହର ଜୀବନରେ ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ଅଗ୍ରାଧିକାର ପାଇଥାଏ। ସେଥିପାଇଁ ସେମାନେ ପରିଚ୍ଛନ୍ନତାର ବିଜ୍ଞାନ ସୃଷ୍ଟି କରିଛନ୍ତି। ସେଥିରୁ ଭାରତୀୟମାନଙ୍କୁ ଅନେକ କିଛି ଶିଖିବାକୁ ପଡ଼ିବ। ଆମର ସଂକୀର୍ଣ୍ଣ, ଯନ୍ତ୍ରଣାଦାୟକ ଗଳି ଉପଗଳି, ଖୁନ୍ଦାଖୁନ୍ଦି ଭାବେ ରହିଥିବା ଘର, ଆଲୋକ ଓ ବାୟୁ ଚଳାଚଳର ସୁବିଧା ନ ଥିବା ସହରର ଗଳିକନ୍ଦିର ଘର ସମୂହ, ପାନୀୟ ଜଳର ଉତ୍ସ ପ୍ରତି ଆମର ଅପରାଧିକ ଅବହେଳା - ଏସବୁର ପ୍ରତିକାର ଲୋଡ଼ା। ସଫେଇ ଓ ପରିଚ୍ଛନ୍ନତା ଆଇନକୁ ମାନିବାକୁ ନଗରବାସୀଙ୍କୁ ବାଧ୍ୟ କରିବା ଆମ ପୌରପ୍ରଶାସନର କର୍ତ୍ତବ୍ୟ ହେବା ଉଚିତ।

**ପତ୍ରପତ୍ରିକାରେ ସ୍ୱଚ୍ଛତାର ବାର୍ତ୍ତା:**

ଗାନ୍ଧିଜୀ ଏକାଧିକ ପତ୍ରପତ୍ରିକାର ସମ୍ପାଦନା କରୁଥିଲେ ଏବଂ ଅନେକ ଖବରକାଗଜ ଓ ପତ୍ରିକାକୁ ଲେଖା ଦେଉଥିଲେ। ତାଙ୍କ ସମ୍ପାଦିତ 'ନବଜୀବନ', 'ୟଙ୍ଗ ଇଣ୍ଡିଆ' ଓ 'ହରିଜନ'ରେ ସେ ବରାବର ପରିଚ୍ଛନ୍ନତା ପ୍ରସଙ୍ଗ ଉପରେ ଲେଖୁଥିଲେ। ଉଭୟ ସହର ଓ ଗ୍ରାମାଞ୍ଚଳର ପରିଚ୍ଛନ୍ନତା ରକ୍ଷା ଉପରେ ସେ ସର୍ବଦା ନିଜ ଲେଖାରେ ଗୁରୁତ୍ୱ ଦେଉଥିଲେ। ଖେଡ଼ା ସତ୍ୟାଗ୍ରହ ସମୟରେ ସେ ନବଜୀବନ ପତ୍ରିକାରେ

ଘର, ପୋଖରୀ ଓ କ୍ଷେତ ଆଦି ପ୍ରସଙ୍ଗରେ ପରିଷ୍କାର ପରିଚ୍ଛନ୍ନତାର ଆବଶ୍ୟକତା ସମ୍ପର୍କରେ ଲେଖିଥିଲେ। ଚାଷୀ ଓ ତାହାର ପରିବାର କିପରି ଅତ୍ୟନ୍ତ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନ କାଟୁଥିଲେ ସେ ସମ୍ପର୍କରେ ସେ ଆଲୋକପାତ କରି ସେଥିରେ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଥିଲେ। ଏଭଳି ସ୍ଥିତି ପାଇଁ ଅଜ୍ଞତା ଓ ସଚେତନତାର ଅଭାବକୁ ସେ ଦାୟୀ କରିଥିଲେ।

ବର୍ତ୍ତମାନ ଖୋଲାରେ ମଳତ୍ୟାଗ (ଓପନ୍ ଡିଫେକେସନ) ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ବେଶ ଚର୍ଚ୍ଚିତ। ତେବେ ସେ ଏହି ପ୍ରସଙ୍ଗଟିକୁ ଭିନ୍ନ ଭାଷାରେ ଉପସ୍ଥାପିତ କରିଥିଲେ। ତାଙ୍କ ଭାଷାରେ ଏହା ଥିଲା "ମୁକ୍ତ ନିଷ୍କାସନ" (ଓପନ ଇଭାକ୍ୟୁସନ୍)। ତାଙ୍କ ଲେଖାରେ ସେ ମୁକ୍ତ ନିଷ୍କାସନ (ଖୋଲାରେ ମଳତ୍ୟାଗ) ଅନେକ ବ୍ୟାଧିର କାରଣ ବୋଲି ଦର୍ଶାଇଥିଲେ। ତେଣୁ ଶୌଚାଳୟ (ପାଇଖାନା) ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଉଥିଲେ। ବୁଢ଼ାବୁଢ଼ୀ, ଶିଶୁ, ଦୁର୍ବଳ, ଅସୁସ୍ଥ ଲୋକ ପାଇଖାନାକୁ ନ ଯାଇ ପାରି ରାସ୍ତାଘାଟ, ଦାଣ୍ଡବାଡ଼ି, ଘର ଅଗଣା ଓ ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ କରିବା ଫଳରେ ପରିବେଶ ଦୂଷିତ ହେବା ସହ ମାଛିଙ୍କ ଉପଦ୍ରବ ବୃଦ୍ଧିରେ ସହାୟକ ହୋଇଥାଏ। ଏହା ଫଳରେ ଜୀବାଣୁ ବ୍ୟାପି ସଂକ୍ରମଣ ଘଟେ ଓ ରୋଗ ସୃଷ୍ଟି ହୋଇଥାଏ ବୋଲି ସେ ବରାବର ନିଜ ଲେଖାରେ ଲୋକଙ୍କୁ ସଚେତନ କରାଉଥିଲେ। ସେଥିପାଇଁ ସେ ପ୍ରତ୍ୟେକ ପରିବାର ନିମନ୍ତେ ସରଳ ପାଇଖାନା / ଶୌଚାଳୟ ନିର୍ମାଣ ପାଇଁ ଆହ୍ୱାନ ଦେବା ସହ ମଳକୁ ଏଠିସେଠି ନ ପକାଇ ଗୋଟିଏ ଯାଗାରେ ପୋତି ଦେବାକୁ ପରାମର୍ଶ ଦେଉଥିଲେ।

ମଳସୂତ୍ର ସଫା କାମରେ ସେ ନିର୍ଦ୍ଦିଷ୍ଟ କେତେକ ଜାତି, ବର୍ଗ, ଗରିବ ଓ ଅସହାୟଙ୍କୁ ନିୟୋଜିତ କରିବା ସପକ୍ଷରେ ଆଦୌ ନ ଥିଲେ। ଏସବୁ କାମ ନିଜେ ବା ନିଜ ପରିବାର ଦ୍ୱାରା କରିବା ସପକ୍ଷରେ ସେ ଦୃଢ଼ ମତ ପୋଷଣ କରୁଥିଲେ। ସେ କହୁଥିଲେ ଭାରତୀୟମାନେ ନିଜର ଘରଦ୍ୱାର, ଦାଣ୍ଡ, ଅଗଣା ଓ ଘର ଚାରିପାଖ ସଫା ସୁତୁରା ରଖିବାରେ ଧୁରନ୍ଧର। ତେବେ ସେଥିରେ ଗୋଟିଏ ଦୁର୍ବଳତା ହେଲା ସେମାନେ ନିଜ ଘରର ଆବର୍ଜନା ପଡ଼ୋଶୀର ଦାଣ୍ଡବାଡ଼ିକୁ ଫୋପାଡ଼ି ଦେବାର ବଦଭ୍ୟାସରେ ମଧ୍ୟ ସିଦ୍ଧହସ୍ତ। ଏହି ଅଭ୍ୟାସ ପରିହାର କରିବା ଉପରେ ସେ ଗୁରୁତ୍ୱ ଦେଉଥିଲେ। ଦୁର୍ଭାଗ୍ୟ ଯେ ଆମେ ଏବେ ମଧ୍ୟ ଏ ଅଭ୍ୟାସ ଛାଡ଼ି ପାରିନାହୁଁ।

> ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ପ୍ରତିଷ୍ଠା କରିଥିବା ନିଜର ଫିନିକ୍ସ ଆଶ୍ରମରେ ପ୍ରଥମେ ପରିଚ୍ଛନ୍ନତାର ପ୍ରୟୋଗ କରିବା ସହ ଆଶ୍ରମବାସୀଙ୍କୁ ଏ ସମ୍ପର୍କରେ ସଚେତନ କରାଇଥିଲେ। ପରିଷ୍କାର ପରିଚ୍ଛନ୍ନ ରହିବା ସହ ଆଶ୍ରମ ପରିସରକୁ ସଫାସୁତୁରା ରଖିବାକୁ ସେ ଅନ୍ତେବାସୀଙ୍କୁ ତାଲିମ ଦେଇଥିଲେ। ବିଂଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ଫ୍ଲସ୍ ଟଏଲେଟ୍ ବେଶ୍ ବିକଶିତ ଅବସ୍ଥାରେ ପହଞ୍ଚିଥିଲା। ମଳଜନିତ ସଂକ୍ରମଣ ସମ୍ପର୍କରେ ମଧ୍ୟ ଲୋକେ ସେତେବେଳକୁ ଭଲ ଭାବେ ଅବଗତ ଥିଲେ। ତେବେ ଫ୍ଲସ୍ ପାଇଖାନା ପାଇଁ ଜଳ ଏବଂ ମଳ ଯିବା ପାଇଁ ଉପଯୁକ୍ତ ନାଳ (ଡ୍ରେନ୍)ର ଆବଶ୍ୟକତା ଅପରିହାର୍ଯ୍ୟ ଥିଲା। ଗ୍ରାମାଞ୍ଚଳରେ ଫ୍ଲସ୍ ପାଇଖାନା ପାଇଁ ଆବଶ୍ୟକ ମୌଳିକ ସୁବିଧା ସୁଯୋଗ ନ ଥିଲା। ଫିନିକ୍ସ ଆଶ୍ରମରେ ଶୌଚାଳୟ ପରିଚାଳନା ପାଇଁ ଗାନ୍ଧିଜୀ ଉପଯୁକ୍ତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପାଇ ନ ଥିଲେ। ତେଣୁ ସେ ପାଇଖାନାରୁ ଶୁଷ୍କ ମଳକୁ ସଂଗ୍ରହ କରି ତାହାକୁ ଅନ୍ୟତ୍ର ଗାତ ଖୋଳି ପୋତି ଦେବାର ଉପାୟ ଅବଲମ୍ବନ କରିଥିଲେ। ପରେ ଏହି ସଂଗୃହୀତ ମଳ ଖତକୁ ଚାଷଜମିରେ ସାର ରୂପେ ବ୍ୟବହାର କରିବାର ବ୍ୟବସ୍ଥା ସେ କଲେ ଯାହା ଜୈବିକ ଖତ ସାର ନାମରେ ପରିଚିତ। ଏହା ଥିଲା ଗାନ୍ଧିଜୀଙ୍କର ଫିନିକ୍ସ ଆଶ୍ରମରେ ମଳର ନିରାପଦ ପରିଚାଳନା ଓ ଉପଯୋଗ ପଦ୍ଧତି। ପ୍ରଭୁ ଦାସ ଗାନ୍ଧୀ ଲେଖିଛନ୍ତି ଯେ ଗାନ୍ଧିଜୀଙ୍କ ଆଶ୍ରମର ଇତିହାସ ଅନୁଧ୍ୟାନ କଲେ ସେଥିରେ ଶୌଚାଳୟ ଓ ମଳ ପରିଚାଳନାରେ ଜାତିର ପିତାଙ୍କ ପରୀକ୍ଷା ନିରୀକ୍ଷା ଏକ ଲକ୍ଷଣୀୟ ଅଧ୍ୟାୟ ଭାବେ ବାରିହୋଇପଡ଼େ।

୧୯୩୫ ଜାନୁଆରୀର ଏକ ସନ୍ଧ୍ୟା। ଦିଲ୍ଲୀ ସେଣ୍ଟ ଷ୍ଟିଫେନ୍ସ କଲେଜର ପ୍ରଫେସର ଉଇନ୍‌ସର କିଛି ଛାତ୍ରଙ୍କ ସହ ଗାନ୍ଧିଜୀଙ୍କୁ ଭେଟିଲେ। ଗାଁ ଲୋକଙ୍କୁ ଡାକ୍ତରୀ ଚିକିତ୍ସା ସହାୟତା ଯୋଗାଇଦେବା ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଗାନ୍ଧିଜୀ କହିଥିଲେ ଯେ ପ୍ରଥମେ ସେମାନେ ଗାଁ ଲୋକଙ୍କୁ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ସଚେତନ ଓ ଶିକ୍ଷିତ କରିବା ଆବଶ୍ୟକ। ରୋଗର ଚିକିତ୍ସା ଅପେକ୍ଷା ଏହାର ନିରାକରଣ ଓ ବ୍ୟାଧି ପରବର୍ତ୍ତୀ ସେବା ଯତ୍ନ ପ୍ରଥମ ଆବଶ୍ୟକତା। ତେବେ ଯାଇ ରୋଗ ଦୂର ହୋଇପାରିବ। ରୋଗର କାରଣକୁ ଦୂର କରିପାରିଲେ ଏହାର ଚିକିତ୍ସାର ଆବଶ୍ୟକତା ପଡ଼ିବ ନାହିଁ। ସେ କହିଥିଲେ ଯେ ମେଲେରିଆ ରୋଗୀଙ୍କୁ ଔଷଧ ବାଣ୍ଟିବା ଭଲ କିନ୍ତୁ ଅଭିନନ୍ଦନୀୟ ନୁହେଁ। ଏହା ଅପେକ୍ଷା ଏ ରୋଗ କିପରି ନ ହେବ ସେଥିପାଇଁ ଲୋକଙ୍କୁ ସତର୍କ ଓ ସଚେତନ କରିବା ଆହୁରି ଭଲ। ମଶା ବଂଶବିସ୍ତାର ରୋକିବାକୁ ଗାତ, ଖମା, ନାଳ ନର୍ଦ୍ଦମାକୁ ପୋତି ଦେବା, ଘର ଚାରିପାଖ ପରିଷ୍କାର କରିବା, କୂଅକୁ ବିଶୋଧିତ କରି ବିଶୁଦ୍ଧ ପାଣି ପିଇବା, ଗାଡ଼ିଆ, ପୋଖରୀକୁ ପରିଷ୍କାର ରଖିବା ଉପରେ ଗାନ୍ଧିଜୀ ସର୍ବଦା ଗୁରୁତ୍ୱ ଦେଉଥିଲେ।

ହରିଜନଙ୍କ ପାଇଁ ଉଦ୍ଦିଷ୍ଟ ସ୍କୁଲରେ ପାଠ ପଢ଼ା ସମ୍ପର୍କରେ ଗାନ୍ଧିଜୀଙ୍କୁ ପଚରାଯିବାରେ ସେ କହିଥିଲେ, ପ୍ରଥମେ ସେସବୁ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟରକ୍ଷା ଓ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଶିକ୍ଷାର ତିନି ସୂତ୍ର ଭାବେ ସେ ମଣିଷର ଆବଶ୍ୟକତାକୁ ହ୍ରାସ କରିବା (ରିଡ୍ୟୁସ୍), ପୁନଃ ବ୍ୟବହାର (ରିୟୁଜ୍) ଏବଂ ପୁନଃ ଚକ୍ରୀକରଣ (ରିସାଇକ୍ଲ) ଉପରେ



ଅଗ୍ରାଧିକାର ଦେଇଥିଲେ। ଏହା ଥିଲା ଗାନ୍ଧିଜୀଙ୍କ 'ଥ୍ରୀ-ଆର୍'ସୂତ୍ର। ଏହା ମାଧ୍ୟମରେ ପରିଛନ୍ନତା ଓ ସ୍ୱାସ୍ଥ୍ୟ ରକ୍ଷା ସମ୍ଭବ ବୋଲି ସେ ବିଚାର କରୁଥିଲେ। ତାଙ୍କ ବିଚାରରେ କେବଳ ଶିକ୍ଷା ନୁହେଁ, ଶିକ୍ଷାର ବ୍ୟାବହାରିକ ଉପଯୋଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ପୋଥିଗତ ବିଦ୍ୟା ଅପେକ୍ଷା ସେ ବାସ୍ତବ ବିଦ୍ୟାକୁ ଅଗ୍ରାଧିକାର ଦେଉଥିଲେ। ସେଇ ପିଲାମାନଙ୍କୁ ଗାନ୍ଧିଜୀ କହିଥିଲେ, ମୁଁ ଯାହା କହିଲି ତାହାର ସାରମର୍ମକୁ ଗ୍ରହଣ କର। ନିରକ୍ଷର ଲୋକ ବଡ଼ ବଡ଼ ରାଜ୍ୟରେ ରାଜୁତି କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନାହାନ୍ତି। ତେଣୁ ସେଇ ହରିଜନ ପିଲାମାନଙ୍କୁ ଥ୍ରୀ-ଆର୍ ସମ୍ପର୍କରେ ଶିକ୍ଷା ଦିଅ। ସେମାନେ ଯେପରି ଭାଗ୍ୟବାଦୀ ନ'ହୁଅନ୍ତି ସେଥିପ୍ରତି ସତର୍କ ରୁହ।

ପରିଛନ୍ନତା ସମ୍ପର୍କରେ ଗାନ୍ଧିଜୀ ଛାତ୍ର ଓ କର୍ମୀମାନଙ୍କୁ ସର୍ବଦା ପରାମର୍ଶ ଦେଉଥିଲେ। ଏହାକୁ ଜୀବନର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିବାକୁ କହୁଥିଲେ। ୧୯୪୬ ରୁ ୧୯୪୮ ପର୍ଯ୍ୟନ୍ତ ସେ ପରିଛନ୍ନତା ଓ ସ୍ୱାସ୍ଥ୍ୟ ରକ୍ଷା ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଏହାକୁ ଶିକ୍ଷାର ଏକ ଅଂଶ ବିଶେଷ କରିବାକୁ କାର୍ଯ୍ୟ କରିଥିଲେ। ରେଳ ଓ ଜାହାଜରେ ଯାତ୍ରା କରିବା ସମୟରେ ସର୍ବସାଧାରଣଙ୍କ ପାଇଁ ପରିଛନ୍ନତା ଓ ସ୍ୱାସ୍ଥ୍ୟ ରକ୍ଷା କିପରି ଏକ ବଡ଼ ଶିକ୍ଷା ଦିଏ ତାହା ସେ କହୁଥିଲେ।

ସ୍ୱାଧୀନତା ପରେ ଶରଣାର୍ଥୀ ଶିବିରରେ ସେ ଯାହା ସବୁ ସମସ୍ୟା ଦେଖିଲେ ସେଥିରେ ପରିଛନ୍ନତା ଓ ସ୍ୱାସ୍ଥ୍ୟସେବା ଅବସ୍ଥା ତାଙ୍କୁ ବିଶେଷ ଆନ୍ଦୋଳିତ କରିଥିଲା। ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଓ ଅପରିଷ୍କାର ସ୍ଥିତିରେ ଶରଣାର୍ଥୀମାନେ ଶିବିରରେ କାଳାତିପାତ କରୁଥିବା ଦେଖି ସେ ମ୍ରିୟମାଣ ହୋଇପଡ଼ିଥିଲେ। ୧୯୪୭ ଅକ୍ଟୋବର ୧୩ରେ ସେ ଶରଣାର୍ଥୀ ଶିବିରର ପରିଛନ୍ନତା ଓ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାକୁ କହିଥିଲେ। ସେ କହିଥିଲେ ଯେ ବଡ଼ ବଡ଼ ମେଳା, ମହୋତ୍ସବ, ଯାତ୍ରା, ଧାର୍ମିକ ସମାବେଶ, ସଭା ଆଦି କରିବାରେ ଭାରତୀୟମାନଙ୍କର କିଛି ଅଭିଜ୍ଞତା ରହିଛି। କଂଗ୍ରେସ ମଧ୍ୟ ବଡ଼ ବଡ଼ ସଭାସମିତି, ସମାବେଶ ଓ ଅଧିବେଶନ କରି ଏ ବିଷୟରେ ଅଭିଜ୍ଞତା ହାସଲ କରିଛି। ଏସବୁ ସତ୍ତ୍ୱେ ଭାରତୀୟମାନେ ଶିବିର ଜୀବନ ଓ ଶିବିର ପରିଚାଳନା କ୍ଷେତ୍ରରେ ଅନଭିଜ୍ଞ। ସାମାଜିକ ପରିଛନ୍ନତା ଓ ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ଆମର ବିଚାର ବୃଦ୍ଧିର ଅଭାବ ଯୋଗୁଁ ବ୍ୟାଧି ସୃଷ୍ଟି ହୋଇ ଗୁରୁତର ଅବସ୍ଥା ଉପୁଜୁଛି।

ସହିଦ ହେବାର ଦିନକ ପୂର୍ବରୁ, ୧୯୪୮ ଜାନୁଆରୀ ୨୯ରେ ଗାନ୍ଧିଜୀ ପ୍ରସ୍ତାବିତ 'ଲୋକସେବକ ସଂଘ'ର ସମ୍ବିଧାନ ଚିଠା ପ୍ରସ୍ତୁତ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଗାନ୍ଧିଜୀଙ୍କ ଅନ୍ତିମ 'ଉଇଲ ଓ ଟେଷ୍ଟାମେଣ୍ଟ' ଭାବେ ବିବେଚିତ ହେଲା। ସେଥିରେ ସେ ଜଣେ ସେବକର କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେଥିମଧ୍ୟରୁ ଷଷ୍ଠ କାର୍ଯ୍ୟଟି ନିମ୍ନରେ ପ୍ରଦାନ କରାଗଲା।

**ଷଷ୍ଠ କାର୍ଯ୍ୟ:** ସେଇ ସେବକ ଗ୍ରାମାଞ୍ଚଳର ଲୋକଙ୍କୁ ପରିଛନ୍ନତା ଓ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ଶିକ୍ଷିତ, ସଚେତନ କରାଇବେ। ଲୋକଙ୍କ ମଧ୍ୟରୁ ଅସ୍ୱାସ୍ଥ୍ୟ ଓ ବ୍ୟାଧି ଦୂର କରିବା ପାଇଁ ସମସ୍ତ ପ୍ରକାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବେ।

ଏଇଭଳି ଗାନ୍ଧିଜୀ ତାଙ୍କର ସାରା ଜୀବନ ପରିଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିଆସିଥିଲେ।

**ଲେଖକ ହେଉଛନ୍ତି ବିଶିଷ୍ଟ ଗାନ୍ଧିବାଦୀ ଏବଂ ଅହମଦାବାଦସ୍ଥିତ ଗୁଜରାଟ ବିଦ୍ୟାପୀଠର ପୂର୍ବତନ କୁଳପତି**
**Email ID: sudarshan54@gmail.com**

# ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌: ଜଣେ ରାଷ୍ଟ୍ରନାୟକ

ଆଇ ଜେ ପଟେଲ୍‌

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ଯଦି ସର୍ଦ୍ଦାର ପଟେଲ୍ ଦେଶର ଉପ-ପ୍ରଧାନମନ୍ତ୍ରୀ ହୋଇନଥାନ୍ତେ, ତେବେ ଭାରତର ଇତିହାସ ଭିନ୍ନ ପ୍ରକାରର ହୋଇଥାନ୍ତା । ଦେଶକୁ ଅଖଣ୍ଡ ଭାରତରେ ପରିଣତ କରିଥିଲେ ସେ । ଲୌହମାନବ ସର୍ଦ୍ଦାର ପଟେଲ୍ ନିର୍ଭୀକ ଭାବେ ଦେଶର ଗୃହମନ୍ତ୍ରୀ ହେବାର ଦାୟିତ୍ୱ ନିର୍ବାହନ କରିଥିଲେ । ନିଜର ଲକ୍ଷ୍ୟ ଓ ଉପାୟ ସମ୍ପର୍କରେ ସେ ସମ୍ପୂର୍ଣ୍ଣ ସ୍ପଷ୍ଟ ଥିଲେ । ସେ ମଣିଷକୁ ଭଲ ଭାବେ ଚିହ୍ନିଥିଲେ ଓ ସେହି ଶକ୍ତି ବଳରେ ସେ ପ୍ରାୟ ୫୫୦ ଗଡ଼ଜାତ ଓ କ୍ଷୁଦ୍ର ରାଜ୍ୟଗୁଡ଼ିକୁ ଏକ ସୁଚିନ୍ତିତ ରଣକୌଶଳ ମାଧ୍ୟମରେ ଭାରତ ସହ ସମ୍ମିଶ୍ରଣ କରାଇ ପାରିଥିଲେ । ଏହା ତାଙ୍କ ନିନ୍ଦୁକମାନଙ୍କୁ ମଧ୍ୟ ଚକିତ କରିଥିଲା । ସାଂସ୍କୃତିକ ଏକତା ଓ ସୌହାର୍ଦ୍ଦ୍ୟଭିତ୍ତିକ ଭାରତର ରାଜନୈତିକ ମାନଚିତ୍ରକୁ ସେ ପୁନଃ ଅଙ୍କିତ କରିଥିଲେ । ସର୍ଦ୍ଦାର ପଟେଲ୍ ଅନ୍ୟକିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିନଥିଲେ ମଧ୍ୟ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥାନ୍ତା । ଆଶ୍ଚର୍ଯ୍ୟର କଥା ହେଉଛି ଯେ ଯଦିଓ ସେ ଗଡ଼ଜାତ ରାଜ୍ୟଗୁଡ଼ିକୁ ଭାରତ ସହ ମିଶାଇଥିଲେ ତଥାପି ସେହି ରାଜ୍ୟଗୁଡ଼ିକର ରାଜାମାନେ କିନ୍ତୁ ସର୍ଦ୍ଦାରଙ୍କ ପ୍ରତି କୌଣସି ଅସୂୟା ମନୋଭାବ ପୋଷଣ କରିନଥିଲେ । ଅନ୍ୟପକ୍ଷରେ ସେମାନେ ସର୍ଦ୍ଦାର ପଟେଲ୍‌ଙ୍କ ଆମାୟିକ ସ୍ୱଭାବ ଓ ରାଜନୀତିକ ତଥା ଆର୍ଥିକ ସହାୟତା ଆଦି ଗୁଣଗୁଡ଼ିକୁ ପ୍ରଶଂସା କରିଥିଲେ । ଛୋଟ ବଡ଼ ସବୁ ରାଜ୍ୟର ରାଜାଙ୍କୁ ସେ ସମାନ ଭାବରେ ସହୃଦୟତା ଦେଖାଇଥିଲେ । ଏହା ହିଁ ସମସ୍ତଙ୍କ ହୃଦୟ ଜିଣି ପାରିଥିଲା । ତାଙ୍କ ଶତ୍ରୁମାନେ ମଧ୍ୟ ତାଙ୍କ ପ୍ରଶଂସକ ପାଲଟିଥିଲେ ।

## ରାଷ୍ଟ୍ରୀୟ ଏକତା ଦିବସ

ଭାରତୀୟ ସାଧାରଣତନ୍ତ୍ରର ଅନ୍ୟତମ ପ୍ରତିଷ୍ଠାତା ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ସ୍ମୃତିରେ ତାଙ୍କ ଜନ୍ମ ତାରିଖ ୩୧ ଅକ୍ଟୋବରକୁ ସର୍ବଭାରତୀୟ ସ୍ତରରେ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଏ । ଏହିଦିନ ଆମେ ଆମ ଦେଶର ସୁରକ୍ଷା, ଏକତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଶପଥ ନେଉ । ସର୍ଦ୍ଦାର ପଟେଲ୍ ହେଉଛନ୍ତି ଭାରତର ରାଜନୈତିକ ଅଖଣ୍ଡତାର ଜନକ । ତାଙ୍କ ପ୍ରଚେଷ୍ଟାରେ ଅନେକ କ୍ଷୁଦ୍ର ରାଜ୍ୟଗୁଡ଼ିକୁ ଭାରତ ସହ ମିଶାଇ ଦିଆଯାଇପାରିଥିଲା । ତାଙ୍କ ପ୍ରୋତ୍ସାହନରେ ଆଞ୍ଚଳିକତାବାଦ ଅପସରିଯାଇ ତାହା ଜାତୀୟତାବାଦରେ ପରିଣତ ହୋଇଥିଲା ।

ତେବେ ସର୍ଦ୍ଦାର ପଟେଲ୍‌ଙ୍କ ବ୍ୟକ୍ତିତ୍ୱର ଆହୁରି ଅନେକ ଦିଗ ଥିଲା । ତାଙ୍କ ଶାରୀରିକ ଶକ୍ତି ମଧ୍ୟ ତାଙ୍କୁ କ୍ଷମତା ଓ ପଦବୀ ଛାଡ଼ି ଦେଶ ସେବା ଆପଣେଇବାକୁ ପ୍ରେରିତ କରିଥିଲା । ତେବେ ତାଙ୍କ ବ୍ୟକ୍ତିତ୍ୱର ବିଶେଷ ସୁଗୁଣଗୁଡ଼ିକ ବ୍ୟତିରେକ ସର୍ଦ୍ଦାର ପଟେଲ୍ ଯେଭଳି ଭାବରେ ବର୍ଦ୍ଦୋଲିର ଚାଷୀଙ୍କ ଅଭାବ ଅସୁବିଧାକୁ ନେଇ ଆନ୍ଦୋଳନ କରିଥିଲେ ତାହା ବାସ୍ତବିକ ପ୍ରଶଂସନୀୟ । ଜଣେ ଚାଷୀ ଭାବରେ ସେ ଅତ୍ୟନ୍ତ ବାସ୍ତବବାଦୀ ଥିଲେ । ଦେଶର ସମସ୍ୟାଗୁଡ଼ିକୁ ସେ ଭଲଭାବେ ବୁଝିପାରିଥିଲେ ଓ ସେହି ଅନୁଯାୟୀ କାର୍ଯ୍ୟ ମଧ୍ୟ କରୁଥିଲେ ।

ସର୍ଦ୍ଦାର ପଟେଲ୍ ଆଉ ମଧ୍ୟ ଜଣେ ସମାଜସେବୀ ଥିଲେ । ଅହମ୍ମଦାବାଦ ପୌରପାଳିକାର ଅଧକ୍ଷ ଭାବରେ ହେଉ ବା ହରିଜନ କଲ୍ୟାଣ ନିମନ୍ତେ କିମ୍ବା ଆଶ୍ରମ ଓ ବିଦ୍ୟାଳୟର ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ହେଉ, ସର୍ଦ୍ଦାର ପଟେଲ୍ ଅତ୍ୟନ୍ତ ନିଷ୍ଠାର ସହ ନିଜର କାର୍ଯ୍ୟ କରୁଥିଲେ । ଅହମ୍ମଦାବାଦର ବନ୍ୟା ବିପନ୍ନମାନଙ୍କୁ ସେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ସାହାଯ୍ୟ କରିଥିଲେ । ଏ ସମ୍ପର୍କରେ ଆଜି ମଧ୍ୟ ଚର୍ଚ୍ଚା ହୁଏ । ଏଥିରୁ ସୁସ୍ପଷ୍ଟ ଯେ ସେ ଜଣେ ମାନବିକ ପ୍ରଶାସକ ଥିଲେ । ଏହି କାର୍ଯ୍ୟ ପାଇଁ ସେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବା ପରିବର୍ତ୍ତେ ମିତବ୍ୟୟିତା ଆପଣେଇଥିଲେ ଯାହା ଏକ କୃଷକର ବିଶିଷ୍ଟ ଗୁଣ । ସେ ଥିଲେ ବାସ୍ତବିକ ଏକ ଚାଷୀ ଘରର ସନ୍ତାନ । କେବଳ ଅହମ୍ମଦାବାଦ ନୁହଁ ବରଂ ସମଗ୍ର ଗୁଜରାଟରେ ବନ୍ୟା ପୀଡ଼ିତଙ୍କୁ ସାହାଯ୍ୟ ବେଳେ ସେ

ଅର୍ଥର ଦୁରୂପଯୋଗ କରାଇ ଦେଇ ନଥିଲେ। ୧୯୩୪ ମସିହାରେ ଗାନ୍ଧିଜୀ ଯେତେବେଳେ ହରିଜନଙ୍କ ପାଇଁ ପାଣ୍ଠି ଯୋଗାଡ଼ କଥା କହିଲେ ସର୍ଦ୍ଦାର ପଟେଲ୍ ସେହି କାର୍ଯ୍ୟଟିକୁ କରିଥିଲେ। କିନ୍ତୁ ତାଙ୍କ ବ୍ୟକ୍ତିତ୍ୱର ଏହି ଦିଗ ସମ୍ପର୍କରେ କ୍ୱଚିତ୍ ଆଲୋଚନା କରାଯାଏ। ଗଠନାତ୍ମକ କାର୍ଯ୍ୟରେ ସେ ସର୍ବଦା ଅନୁକରଣୀୟ। ନାଗରିକ କାର୍ଯ୍ୟରେ ସର୍ଦ୍ଦାର ପଟେଲ୍ଙ୍କ ସ୍ୱନାମ ପାଇଁ ଆଜି ମଧ୍ୟ ଯେକୌଣସି ଦୁର୍ବିପାକ ସମୟରେ ଗୁଜରାଟରେ ସେହି ରିଲିଫ୍ କମିଟି କାର୍ଯ୍ୟ କରିଥାଏ। ତାଙ୍କ ତିରୋଧାନର ୩୦ ବର୍ଷ ପରେ ମଧ୍ୟ ସେହି କମିଟି ସର୍ଦ୍ଦାର ପଟେଲ୍ଙ୍କ ନିଷ୍ଠା ଓ ଆଦର୍ଶର ସହିତ କାର୍ଯ୍ୟ କରିଥାଏ। ଏହା ହେଉଛି ତାଙ୍କ ଦୂରଦୃଷ୍ଟିର ଏକ ଜ୍ୱଳନ୍ତ ଉଦାହରଣ।

ତାଙ୍କ ବ୍ୟକ୍ତିତ୍ୱର ଆଉ ଏକ ଦିଗ ରହିଛି। ନିଜର ମୃତ୍ୟୁ ସମୟରେ କେଉଁ ପିତା ନିଜ ପୁଅ ଠାରୁ ଦୂରରେ ରହିବ? ତାଙ୍କ ନାଁର ଅପବ୍ୟବହାର କରି ତାଙ୍କ ପୁତ୍ର ନିଜର ସ୍ୱାର୍ଥ ସାଧନ କରୁଥିବା କଥା ଜାଣିବା ପରେ ସେ ମୃତ୍ୟୁଶଯ୍ୟାରେ ଥାଇ ମଧ୍ୟ ନିଜ ପୁଅ ଘରକୁ ଯାଇନଥିଲେ। ବମ୍ବେ ଠାରେ ଏକ ବାନ୍ଧବଙ୍କ ଘରେ ହିଁ ସେ ନିଜର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏଥିରୁ ତାଙ୍କର ସଙ୍କୋଚତା, କର୍ତ୍ତବ୍ୟନିଷ୍ଠା ଓ ବଳିଦାନ ଆଦି ଗୁଣଗୁଡ଼ିକ ସହଜରେ ଅନୁମେୟ।

କଠିନ ପରିଶ୍ରମ ଓ ଆତ୍ମୋତ୍ସର୍ଗ ମାଧ୍ୟମରେ ସେ ସମସ୍ୟାଗୁଡ଼ିକର ସମାଧାନ କରୁଥିଲେ। ଅଧା-ଅପନ୍ତରିଆ କାର୍ଯ୍ୟକୁ ସେ ନାପସନ୍ଦ କରୁଥିଲେ। ସେ ଜାଣିଥିଲେ ଯେ ଦେଶର ପ୍ରଗତି ସ୍ୱାଧୀନତା ଠାରୁ ଭିନ୍ନ। ସେ ଚାହୁଁଥିଲେ ଯେ ବିକାଶଧାରାରେ ଗରିବମାନେ ମଧ୍ୟ ଲାଭାନ୍ୱିତ ହୁଅନ୍ତୁ। ନବଭାରତର ନିର୍ମାଣ ପାଇଁ ସେ 'ଷ୍ଟିଲ୍ ଫ୍ରେମ୍' କୁହାଯାଉଥିବା ଭାରତୀୟ ପ୍ରଶାସନିକ ସେବାର ଅଧିକାରୀଙ୍କ ସାହାଯ୍ୟ ଲୋଡ଼ିଥିଲେ। ସେମାନେ ମଧ୍ୟ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ପାଇଁ କାର୍ଯ୍ୟ କରିଥିଲେ। ସର୍ଦ୍ଦାର ପଟେଲ୍ ଥିଲେ ଜଣେ ଭାଗ୍ୟ ପୁରୁଷ ଓ ଦେଶର ଭାଗ୍ୟ ତାଙ୍କ ଭାଗ୍ୟ ସହ ଜଡ଼ିତ ଥିଲା ଏବଂ ଏହି ଭାଗ୍ୟ ନିର୍ଦ୍ଧାରଣ ପାଇଁ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟରେ ସେ କରିଥିବା ଯାତ୍ରା ଅତ୍ୟନ୍ତ ସୁସଂଗଠିତ ଥିଲା।

*ଲେଖକଙ୍କ ଦ୍ୱାରା ରଚିତ ଓ ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ, ବିଲ୍ଡର୍ସ ଅଫ୍ ମର୍ଡନ୍ ଇଣ୍ଡିଆ: ବଲ୍ଲଭଭାଇ ପଟେଲ୍(୧୯୮୫) ପୁସ୍ତକର ଉଦ୍ଧୃତାଂଶ।*



ଲେଖକ ହେଉଛନ୍ତି ଗୁଜରାଟ ବିଦ୍ୟାନଗରସ୍ଥିତ ସର୍ଦ୍ଦାର ପଟେଲ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି

# କଠିନ ବର୍ଜ୍ୟ ପରିଚାଳନା: ଆହ୍ୱାନ ଓ ସମାଧାନ

ଦିବ୍ୟା ସିହ୍ନା

କଠିନ ବର୍ଜ୍ୟ ପରିଚାଳନା (ଏସଡବ୍ଲ୍ୟୁଏମ୍) ବ୍ୟବସ୍ଥାକୁ ସୁଦୃଢ଼ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମ୍ପଦର ସର୍ବାଧିକ ଉପଯୋଗ ଏବଂ ବର୍ଜ୍ୟ ପଦାର୍ଥରୁ ବିକଶିତ ପଦ୍ଧତିରେ ଶକ୍ତି ଉତ୍ପାଦନ କରିବା। ଏହାବ୍ୟତୀତ ବର୍ଜ୍ୟ ସାମଗ୍ରୀକୁ ଏଣେ ତେଣେ ପକାଇ ଜମି ପୋତିବା ସ୍ଥିତିକୁ ହ୍ରାସ କରିବା। ବର୍ଜ୍ୟକୁ ଫିଙ୍ଗିଦେବା ଦ୍ୱାରା କେବଳ ଭୂସମ୍ପଦ ସଂକୁଚିତ ହେଉନି; ବରଂ ମାଟି, ପାଣି ଓ ପବନ ମଧ୍ୟ ପ୍ରଦୂଷିତ ହେଉଛି। ଯେଉଁମାନେ ବର୍ଜ୍ୟବସ୍ତୁ ଉତ୍ପନ୍ନ କରୁଛନ୍ତି ସେମାନଙ୍କ ଉତ୍ତରଦାୟିତ୍ୱ ହେଉଛି ଏହାକୁ ପୃଥକୀକରଣ କରିବା ଏବଂ ସରକାର ସେସବୁର ପୁନଃପ୍ରକ୍ରିୟାକରଣ ଲାଗି ଏକ ପ୍ରଭାବୀ ଢଙ୍ଗରେ କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା।

ଭାରତରେ କଠିନ ବର୍ଜ୍ୟ ପରିଚାଳନା ଏକ ପ୍ରମୁଖ ସମସ୍ୟା। ସହରାଞ୍ଚଳରେ ଜନସଂଖ୍ୟା ବୃଦ୍ଧି, ବ୍ୟାପକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁଁ ପୌରାଞ୍ଚଳରେ କଠିନ ବର୍ଜ୍ୟର ପରିମାଣ ବଢ଼ିବାରେ ଲାଗିଛି। ଜନସଂଖ୍ୟାର ବିସ୍ଫୋରଣ ଏବଂ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଘଟିଥିବା କାରଣରୁ କଠିନ ବର୍ଜ୍ୟବସ୍ତୁ ପରିମାଣ ବଢ଼ିଚାଲିଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ଏମଏସଡବ୍ଲ୍ୟୁ(ମ୍ୟାନେଜମେଣ୍ଟ ଆଣ୍ଡ ହ୍ୟାଣ୍ଡଲିଙ୍ଗ୍) ରୁଲ୍ସ ୨୦୦୦ ଏବଂ ରିଭ୍ୟାମ୍ପଡ୍ ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ରୁଲ୍ସ ୨୦୧୬ ଅନୁଯାୟୀ, ଭାରତରେ ଉତ୍ତମ କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି। ଦେଶର ବିଭିନ୍ନ ଭାଗରେ ଏନେଇ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାସତ୍ତ୍ୱେ ଆଗକୁ କଠିନ ବର୍ଜ୍ୟ ପରିଚାଳନା ସଂକ୍ରାନ୍ତରେ ଅଧିକ ପଦକ୍ଷେପ ନେବାକୁ ପଡ଼ିବ। ତେବେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଆଇନଗତ ବ୍ୟବସ୍ଥା, ଏହାର ପ୍ରମୁଖ ବିନ୍ଦୁ, ରହିଥିବା ସ୍ଥିତି, ଗ୍ରହଣ କରାଯାଇଥିବା ପଦକ୍ଷେପ, ସମ୍ମୁଖୀନ ହେଉଥିବା ଆହ୍ୱାନ, ସମସ୍ୟା ଏବଂ କିଭଳି ବର୍ଜ୍ୟବସ୍ତୁ ପରିଚାଳନା ଲାଗି ପ୍ରଭାବୀ ପଦକ୍ଷେପ ଆଗକୁ ଗ୍ରହଣ କରାଯିବ ସେ ସଂପର୍କରେ ସଂପୃକ୍ତ ନିବନ୍ଧରେ ଆଲୋକପାତ କରାଯାଇଛି।

### ଆଇନଗତ ବ୍ୟବସ୍ଥା

କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁଯାୟୀ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି), ରାଜ୍ୟ ସହରାଞ୍ଚଳ ବିଭାଗ, ପୌର ନିଗମ, ଗ୍ରାମ ପଞ୍ଚାୟତ ଏବଂ ବର୍ଜ୍ୟବସ୍ତୁ ସୃଷ୍ଟିକାରୀ ସଂସ୍ଥା, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ଉତ୍ତମ ବର୍ଜ୍ୟ ପରିଚାଳନା ଲାଗି ଉତ୍ତରଦାୟୀ କରାଯାଇଛି। କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ଏବଂ ରାଜ୍ୟ ସହରାଞ୍ଚଳ ବିଭାଗ ଏବଂ ସ୍ଥାନୀୟ ନିଗମ ଗୁଡିକଙ୍କ ଉପରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଭିତ୍ତିଭୂମି ବିକାଶର ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଇଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ସଠିକ୍ ରୂପେ ପାଳନ କରାଯାଉଛି କି ନାହିଁ ତା'ର ତଦାରଖ ଦାୟିତ୍ୱ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପିସିସି ଆଦିଙ୍କୁ ପ୍ରଦାନ କରାଯାଇଛି। ଉପଯୁକ୍ତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଉତ୍ପନ୍ନକାରୀ ସଂସ୍ଥା, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ କିଭଳି ଏହାକୁ ପୃଥକୀକରଣ କରିବେ ସେଥିପାଇଁ ସେମାନଙ୍କ ଉପରେ ଅସଲ ଗୁରୁଦାୟିତ୍ୱ ରହିଛି। ନିୟମ ଆଧାରରେ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ନିର୍ଦ୍ଧାରିତ ସମୟସୀମା ସ୍ଥିର କରିବା ଏବଂ ଏହି ଲକ୍ଷ୍ୟକୁ ଉକ୍ତ ସମୟ ଭିତରେ ହାସଲ କରିବା ଲାଗି ବ୍ୟବସ୍ଥା ରହିଛି।

### ଏସଡବ୍ଲ୍ୟୁଏମ୍: ପ୍ରମୁଖ ଉପାଦାନ

କଠିନ ବର୍ଜ୍ୟବସ୍ତୁ ପରିଚାଳନା (ଏସଡବ୍ଲ୍ୟୁଏମ୍)ର ପ୍ରମୁଖ ଉପାଦାନ ଗୁଡିକ ମଧ୍ୟରେ ରହିଛି-

ପ୍ରଥମ ପର୍ଯ୍ୟାୟ: ବର୍ଜ୍ୟ ଉତ୍ପନ୍ନକାରୀଙ୍କ ଦ୍ୱାରା ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁର ପୃଥକୀକରଣ;

ଦ୍ୱିତୀୟ ପର୍ଯ୍ୟାୟ: ଦୁଆର ଦୁଆର ଯାଇ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ଏହି ପୃଥକୀକୃତ ବର୍ଜ୍ୟ ସାମଗ୍ରୀର ପରିବହନ

ତୃତୀୟ ପର୍ଯ୍ୟାୟ: ଶୁଖିଲା ବର୍ଜ୍ୟରୁ ସାମଗ୍ରୀ ହାସଲ ଲାଗି ବ୍ୟବସ୍ଥା ପ୍ରସ୍ତୁତ କରିବା। ପ୍ଲାଷ୍ଟିକ୍, କାଗଜ, ଧାତବ ପଦାର୍ଥ, କାଚ ଭଳି ପୁନଃପ୍ରକ୍ରିୟାକରଣଯୋଗ୍ୟ ଶୁଖିଲା ବର୍ଜ୍ୟକୁ ସଂଗ୍ରହ କରି ତାକୁ ପ୍ରକ୍ରିୟାକରଣ କରାଗଲେ ଏଥିରୁ ଉପରୋକ୍ତ ସାମଗ୍ରୀ ମିଳିପାରିବ।

୪ର୍ଥ ପର୍ଯ୍ୟାୟ: ବର୍ଜ୍ୟ ପ୍ରକ୍ରିୟାକରଣ ବ୍ୟବସ୍ଥା ପ୍ରତିଷ୍ଠା କରିବା। ବିଶେଷକରି କମ୍ପୋଷ୍ଟ, ବାଓମିଥେନେସନ୍ ଓ ବର୍ଜ୍ୟ ପଦାର୍ଥରୁ ଶକ୍ତି ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠାକରି ସମ୍ବଳ ଉଦ୍ଧାର ଓ ଶକ୍ତି ଉତ୍ପାଦନ କରିବା।

ପଞ୍ଚମ ପର୍ଯ୍ୟାୟ: ବିଭିନ୍ନ ଖାଲଖମା କିମ୍ବା ଅନ୍ୟକୌଣସି ଡମ୍ପିଂୟାର୍ଡ ଭଳି ସ୍ଥାନରେ ବର୍ଜ୍ୟବସ୍ତୁ ପକାଇବା ନେଇ ବ୍ୟବସ୍ଥା ପ୍ରସ୍ତୁତ କରିବା।

ଏକ ପ୍ରଭାବୀ କଠିନ ବର୍ଜ୍ୟବସ୍ତୁ ପରିଚାଳନା (ଏସଡବ୍ଲ୍ୟୁଏମ) ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଏହି ବର୍ଜ୍ୟ ପଦାର୍ଥରୁ ସମ୍ବଳ ଉଦ୍ଧାର ଏବଂ ଶକ୍ତି ଉତ୍ପାଦନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା। ଏପରିକି ଖୋଲା ଜମିରେ ଏହି ବର୍ଜ୍ୟବସ୍ତୁକୁ ନ ଫିଙ୍ଗିବା ଲାଗି ବିକଳ୍ପ ବ୍ୟବସ୍ଥା ପ୍ରସ୍ତୁତ କରିବା। କାରଣ ଦିନକୁ ଦିନ ବର୍ଜ୍ୟବସ୍ତୁ ଏତେ ପରିମାଣରେ ଉତ୍ପନ୍ନ ହେଉଛି ଯେ ସେଗୁଡିକର ସଠିକ୍ ପରିଚାଳନା କରା ନ ଯାଇ ସେଗୁଡିକୁ ଏଣେ ତେଣେ ଖୋଲା ସ୍ଥାନରେ ଫିଙ୍ଗି ଦିଆଯାଉଛି। ଫଳରେ ପାଣି, ପବନ ଓ ମୃତ୍ତିକା ଆଦି ପ୍ରଦୂଷିତ ହୋଇପଡୁଛି। ଏହାକୁ ରୋକିବା ଲାଗି ପ୍ରାଥମିକତା ଭିତ୍ତିରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଏବଂ ବିଶେଷକରି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଲାଗି ଗୁରୁତ୍ୱ ଦେବାକୁ ପଡିବ। ପ୍ରଥମେ ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁକୁ ଅଲଗା କରିବା। ଯଦି ବର୍ଜ୍ୟବସ୍ତୁ ସଂଗୃହୀତ ହୋଇ ନ ଥାଏ, ତାହାକୁ ପୃଥକୀକରଣ, ଉପଯୁକ୍ତ ପରିବହନ, ପୁନଃପ୍ରକ୍ରିୟାକରଣ କରାଯିବା ସମ୍ଭବ ହୋଇ ନ ପାରେ। ଅନେକ ସମୟରେ ଏଭଳି ବର୍ଜ୍ୟକୁ ଡମ୍ପିଂୟାର୍ଡ ବା ଖୋଲାସ୍ଥାନରେ ପକାଇବାକୁ ପଡିଥାଏ। ଯଦି ନିର୍ମାଣ ଓ ଭଙ୍ଗାରୁଜାସ୍ଥଳରୁ ସଂଗୃହୀତ ବର୍ଜ୍ୟବସ୍ତୁ ସହିତ ଅନ୍ୟାନ୍ୟ ବର୍ଜ୍ୟ ମିଶିକରି ସଂଗ୍ରହ କରାଯାଇଥାଏ, ତେବେ ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ଗୁଡିକ ସଠିକ୍ ଭାବେ କାମ କରିପାରେନାହିଁ। ତେଣୁ ଏହାକୁ ଅଲଗା କରି ସଂଗ୍ରହ ଓ ପରିବହନ କରିବା ଲାଗି ଯୋଜନା ରହିଛି। ଏହାଫଳରେ ସଂପୃକ୍ତ ଅଞ୍ଚଳରୁ ସଂଗୃହୀତ ବର୍ଜ୍ୟ ଆଉ ଏଣେ ତେଣେ ନପଡି ତାହା ପରବର୍ତ୍ତୀ ସମୟରେ ପୁନଃପ୍ରକ୍ରିୟାକରଣ ଦ୍ୱାରା କାମରେ ଆସିଥାଏ।


**କଠିନ ବର୍ଜ୍ୟବସ୍ତୁ ପରିଚାଳନାର ସ୍ଥିତି**

ଏସପିସିବି ଓ ପିସିସି ପକ୍ଷରୁ ଦାଖଲ କରାଯାଇଥିବା ୨୦୧୮-୧୯ ରିପୋର୍ଟ ଅନୁଯାୟୀ, ଦେଶରେ ଦୈନିକ ୧,୫୨,୦୭୬ ଟନ୍ (ଟନ୍ ପର୍ ଡେ-ଟିପିଡି) ଉତ୍ପନ୍ନ ହେଉଛି। ସେଥିମଧ୍ୟରୁ ୧,୪୯,୭୪୮ ଟିପିଡି ବର୍ଜ୍ୟବସ୍ତୁକୁ ସଂଗ୍ରହ କରାଯାଇପାରୁଛି; ଯାହାକି ମୋଟ ଉତ୍ପନ୍ନ ବର୍ଜ୍ୟର

**ସାରଣୀ-୧**

| | | |
|---|---|---|
| ବର୍ଜ୍ୟବସ୍ତୁ ସଂଗ୍ରହ | ସ୍ଥାନୀୟ ପୌର, ନଗର ନିଗମ, ବିଜ୍ଞପିତ ଅଞ୍ଚଳ ଦ୍ୱାରା ଦୁଆର ଦୁଆରକୁ ଯାଇ ସଂଗ୍ରହ | ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଲାଗି ଏହାର ପୃଥକୀକରଣ ବାଧ୍ୟତାମୂଳକ |
| ବର୍ଜ୍ୟ ବିଶୋଧନ | କମ୍ପୋଷ୍ଟ କରିବା | କମ୍ପୋଷ୍ଟକୁ ଉଠାଇବା |
| | | ଦୁର୍ଗନ୍ଧ ଦୂର କରିବା ସହ ଏକ ତରଳ ପ୍ରକ୍ରିୟାକରଣ ଜରିଆରେ ସେଥିରେ ଥିବା ଦ୍ରବୀଭୂତ ଅଂଶକୁ ବାହାର କରିବା |
| | ବାଓମିଥେନେସନ୍ | ଶେଷ ଉତ୍ପାଦକୁ ବାହାର କରିବା, ସମଗୁଣଧର୍ମୀ ବର୍ଜ୍ୟ ଆବଶ୍ୟକତା |
| | ପୋଡ଼ିଦେବା | ନିର୍ଗମନ: ଏସିଡ୍ ଗ୍ୟାସ୍, ଡାଇଅକ୍ସିନ୍ ଏବଂ ଫ୍ୟୁରାନ୍ |
| ଲ୍ୟାଣ୍ଡଫିଲ୍ସ | | ଆବଶ୍ୟକ ଦକ୍ଷତା; ସ୍ଥାନ ସମସ୍ୟା, ସଂଚାଳନ ଓ ରକ୍ଷଣାବେକ୍ଷଣ ପ୍ରସଙ୍ଗ |

୯୮.୫ ପ୍ରତିଶତ। ତେବେ ମାତ୍ର ୫୫,୭୫୯ ଟିପିଡି (୩୫%) ବର୍ଜ୍ୟକୁ କେବଳ ପ୍ରକ୍ରିୟାକରଣ କରାଯାଉଥିବାବେଳେ ୫୦,୧୬୧ ଟିପିଡି (୩୩%) ବର୍ଜ୍ୟକୁ ମାଟିରେ ପୋତି ଦିଆଯାଉଛି। ୪୬,୧୫୬ ଟିପିଡି ବର୍ଜ୍ୟ (ମୋଟ ବର୍ଜ୍ୟର ଏକ ତୃତୀୟାଂଶ)ର କୌଣସି ହିସାବ ମିଳୁନାହିଁ। ଅର୍ଥାତ୍ ଏସବୁ ଏଣେତେଣେ ପଡି ପରିବେଶ ପ୍ରଦୂଷିତ କରୁଛି।




ଦେଶରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସ୍ଥିତିର ଅବଲୋକନ କଲେ ଜଣାପଡୁଛି ଯେ-

- ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବର୍ଜ୍ୟ ପୃଥକୀକରଣ କରାଯିବାର ବ୍ୟବସ୍ଥା ରହିଛି।
- ଏହାକୁ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇଛି।
- ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ଲାଗି ଜମି ଅଧିଗ୍ରହଣ କରାଯାଉଛି।
- ୨୦୨୮ଟି ବର୍ଜ୍ୟ ପ୍ରକ୍ରିୟାକରଣ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଥିବାବେଳେ ୧୬୦ଟିରେ ଏହା ସଂଚାଳିତ ହେଉଛି।
- ବର୍ଜ୍ୟକୁ ପୋତିବା ଲାଗି ୧୧୬୧ଟି ସ୍ଥାନ(ଲ୍ୟାଣ୍ଡଫିଲ୍) ଚିହ୍ନଟ ହୋଇଥିବାବେଳେ ଏଥିରୁ ୩୭ଟି କାର୍ଯ୍ୟକ୍ଷମ କରାଯାଇଛି।

ଅବଶିଷ୍ଟ ଉତ୍ପନ୍ନ ବର୍ଜ୍ୟ ଯାହାର କି ହିସାବ ନାହିଁ, ସେସବୁ ରାସ୍ତାଘାଟ, ନାଳ, ନର୍ଦ୍ଦମା, ଜଳାଶୟରେ ପଡୁଥିବାବେଳେ କେତେକକୁ ଡମ୍ପିଂୟାର୍ଡରେ ମଧ୍ୟ ପକାଯାଉଛି। ସଂପ୍ରତି ଦେଶରେ ପ୍ରମୁଖ ୩୧୫୯ଟି ଡମ୍ପିଂସାଇଟ୍‌ରେ ଏହି ବର୍ଜ୍ୟବସ୍ତୁ ପକାଯିବା ଦ୍ୱାରା ଏହା ଭୂତଳ ଜଳ ଉତ୍ସ ଓ ବାୟୁମଣ୍ଡଳକୁ ପ୍ରଦୂଷିତ ତଥା ସଂକ୍ରମିତ କରୁଛି। ଏହା ଅନେକ ସମୟରେ ସଂପୃକ୍ତ ଅଞ୍ଚଳରେ ଅଗ୍ନିକାଣ୍ଡ, ପରିବେଶ ସମସ୍ୟା ସୃଷ୍ଟି କରିବା ସହିତ ସହରାଞ୍ଚଳର ସୌନ୍ଦର୍ଯ୍ୟ ନଷ୍ଟ କରୁଛି। ନିକଟରେ ନେସ୍‌ନାଲ ଗ୍ରୀନ୍ ଟ୍ରାଇବୁନାଲ (ଏନଜିଟି) ଏକ୍ଷେତ୍ରରେ ହସ୍ତକ୍ଷେପ କରି ଏହାକୁ ମାଟିତଳେ ଖଣି ଭଳି ଖୋଳି ପକାଇବାକୁ ପରାମର୍ଶ ଦେଇଛନ୍ତି। ଏହି ପଦ୍ଧତିକୁ ବାଓମାଇନିଂ କୁହାଯାଉଛି। ଏହାଦ୍ୱାରା ପରିବେଶଭିତ୍ତିକ ସମସ୍ୟାକୁ କିଛି ପରିମାଣରେ ହ୍ରାସ କରାଯାଇପାରୁଛି। ତେବେ ଏଭଳି ଡମ୍ପିଂସ୍ଥଳ କାର୍ଯ୍ୟ ୧୧ଟି ରାଜ୍ୟରେ ଆରମ୍ଭ କରାଯାଇଛି।

**(୧) ସିପିସିବି ନେଇଥିବା ପଦକ୍ଷେପ**

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯାଇଛି।

- ଗାଇଡ୍‌ଲାଇନ୍ ଅନ୍ ଲିଗାସୀ ୱେଷ୍ଟ;
- ଗାଇଡ୍‌ଲାଇନ୍ ଅନ୍ ବଫର ଜୋନ୍;
- ଗାଇଡ୍‌ଲାଇନ୍ ଫର ମ୍ୟାନେଜମେଣ୍ଟ ଅଫ୍ ସାନିଟାରୀ ୱେଷ୍ଟ; ଏବଂ
- ବର୍ଜ୍ୟ ପ୍ରକ୍ରିୟାକରଣ କୌଶଳର ପ୍ରକ୍ରିୟା ଚୟନ

ଏହାବ୍ୟତୀତ କଠିନ୍ ବର୍ଜ୍ୟ ପରିଚାଳନା(ଏସଡବ୍ଲ୍ୟୁଏମ) ନିୟମ ଆଧାରରେ କାମ କରିବା ଏବଂ ଏହାକୁ ଉଲ୍ଲଙ୍ଘନକରୁଥିବା କର୍ତ୍ତୃପକ୍ଷଙ୍କ ଉପରେ ପରିବେଶଭିତ୍ତିକ କ୍ଷତିପୂରଣ ଲାଗୁ କରିବା ଭଳି କଠୋର ପଦକ୍ଷେପ ନିଆଯିବାକୁ ସିପିସିବି ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ସତର୍କତାମୂଳକ ନିର୍ଦ୍ଦେଶନାମା ମଧ୍ୟ ଜାରି କରିଛି।

**(୨) ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ନିଆଯାଉଥିବା ପଦକ୍ଷେପ**

ଛତିଶଗଡ଼, ମଧ୍ୟପ୍ରଦେଶ, ଡାମନ ଓ ଡିୟୁ ଏବଂ ଗୋଆ ଭଳି କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କଠିନ ବର୍ଜ୍ୟ ପରିଚାଳନା ନିୟମକୁ ଉତ୍ତମ ଅନୁପାଳନ କରୁଥିବାବେଳେ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଗୁଡିକ ଏଦିଗରେ ବ୍ୟାପକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଛତିଶଗଡ଼ ପକ୍ଷରୁ ନିଆଯାଇଥିବା କେତେକ ଉନ୍ନତ ପଦକ୍ଷେପ ମଧ୍ୟରେ-

- ସମସ୍ତ ପୌରାଞ୍ଚଳରେ ଦୁଆର ଦୁଆର ବୁଲି ବର୍ଜ୍ୟ ସଂଗ୍ରହ, କଠିନ ଓ ତରଳ ବର୍ଜ୍ୟ ପୃଥକୀକରଣ ଏବଂ ଘୋଡ଼ାଯାଇଥିବା ଯାନ ଦ୍ୱାରା ବର୍ଜ୍ୟବସ୍ତୁ ପରିବହନ
- ୧୬୮ଟି ପୌରାଞ୍ଚଳରେ ବର୍ଜ୍ୟ ପ୍ରକ୍ରିୟାକରଣ ସୁବିଧା ଲାଗି ସ୍ଥାନ ଚିହ୍ନଟ।
- ପରିମଳ ବ୍ୟବସ୍ଥା ଲାଗି ଲ୍ୟାଣ୍ଡଫିଲ୍ ଅଭାବ। ୧୬୬ଟି ପୌରାଞ୍ଚଳରେ କଠିନ ଓ ତରଳ ସମ୍ପଦ ପରିଚାଳନା (ଏସଏଲଆରଏମ) କେନ୍ଦ୍ର ଓ ୨ଟିରେ କମ୍ପୋଷ୍ଟ/ରିଫ୍ୟୁଜ୍ ଡିରାଇଭ୍ଡ ଫୁଏଲ(ଆରଡିଏଫ) ସୁବିଧା ଉପଲବ୍ଧ।
- ଗ୍ରାମପଞ୍ଚାୟତ ଗୁଡିକ ଲାଗି ଏସଏଲଆରଏମ ଯୋଜନା;
- ୧୬୦ଟି ପୌରାଞ୍ଚଳରେ ବାଓ-ରିମେଡିଏସନ୍/କ୍ୟାପିଂ ସଂପୂର୍ଣ୍ଣ ହୋଇଥିବାବେଳେ ଅବଶିଷ୍ଟ ୮ଟିରେ

ଏହା ୨୦୨୧ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି; ଏବଂ

● ପୌର ନିଗମ ନିୟମ ଅନୁଯାୟୀ, ପୌରାଞ୍ଚଳର କୌଣସି ସ୍ଥାନରେ ମଳତ୍ୟାଗ କିମ୍ବା ପରିସ୍ରା କଲେ ଏଥିପାଇଁ ଘଟଣାସ୍ଥଳରେ ଜୋରିମାନା ଆଦାୟ ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରାଯାଇଛି।

**(୩) ବର୍ଜ୍ୟରୁ ଶକ୍ତି ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା**

ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କରିବା ଲାଗି ଦେଶରେ ଏକାଧିକ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି। ସେଥିମଧ୍ୟରୁ ରାଜଧାନୀ ଦିଲ୍ଲୀରେ ତିନିଟି ପ୍ଲାଣ୍ଟ ରହିଛି। ଏଠାରେ ବର୍ଜ୍ୟବସ୍ତୁରୁ ବିଜୁଳି ଶକ୍ତି ଉତ୍ପାଦନ କରାଯାଉଛି। ଏହାକୁ ନେସନାଲ ଗ୍ରୀଡ୍ ସମେତ ଏକାଧିକ ପାୱାର ରେଗୁଲେଟର କିଣୁଛନ୍ତି। ଦେଶର ଅନ୍ୟାନ୍ୟ ସ୍ଥାନରେ ଏଭଳି ଏକାଧିକ ବର୍ଜ୍ୟବସ୍ତୁରୁ ବିଜୁଳି ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି କାର୍ଯ୍ୟ ଅବ୍ୟାହତ ରହିଛି।

**(୪) ମଡେଲ ସହରାଞ୍ଚଳର ବିକାଶ**

ମହାରାଷ୍ଟ୍ରର ପୁଣେ, ମଧ୍ୟପ୍ରଦେଶର ଇନ୍ଦୋର ଏବଂ ଛତିଶଗଡ଼ର ଅମ୍ବିକାପୁର ଆଦି ମଡେଲ ସହରରେ ବର୍ଜ୍ୟବସ୍ତୁ ସଂଗ୍ରହ ପଦ୍ଧତି ଅତ୍ୟନ୍ତ ବିକଶିତ ଢଙ୍ଗରେ କରାଯାଇଛି। କେବଳ ବର୍ଜ୍ୟ ସଂଗ୍ରହ ନୁହେଁ, ଏହାର ପୃଥକୀକରଣ, ବର୍ଜ୍ୟ ପ୍ରକ୍ରିୟାକରଣ ପଦ୍ଧତିକୁ ମଧ୍ୟ ଉନ୍ନତ କରାଯାଇପାରିଛି। ଡମ୍ପିଂସ୍ଥାନ ଗୁଡ଼ିକୁ ବ୍ୟବସ୍ଥିତ କରାଯିବା ସହ ବ୍ୟବହୃତ ପଦ୍ଧତି ମଧ୍ୟ ଦକ୍ଷ ରହିଛି।

**ଇନ୍ଦୋର ବାଓ ରିମେଡିଏସନ୍: ଏକ ସଂସ୍କାରମୂଳକ ପରିବର୍ତ୍ତନ**

(୫) ୨୦୧୦ରେ ଏନଜିଟି ଆକ୍ଟ ଲାଗୁ ପରେ ଗତ କିଛିବର୍ଷ ଭିତରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତରେ ବିଚାର ବିଭାଗୀୟ ହସ୍ତକ୍ଷେପ ବଢ଼ିବା ଯୋଗୁଁ ଏହାକୁ ପାଳନ କରିବା ସୁନିଶ୍ଚିତ ହୋଇଛି। ବିଭିନ୍ନ ସଂସ୍ଥା, ଅନୁଷ୍ଠାନ ଓ ରାଜ୍ୟ କର୍ତ୍ତୃପକ୍ଷ ଏସଡବ୍ଲ୍ୟୁଏମ ନିୟମକୁ କାର୍ଯ୍ୟକାରୀ କରୁଛନ୍ତି। ଏନଜିଟି ପକ୍ଷରୁ ଜାରି କେତେକ ପ୍ରମୁଖ ରାୟ ମଧ୍ୟରେ:

(କ) ଏ.ଏଚ. ପଟେଲ ବନାମ କେନ୍ଦ୍ର ସରକାର ମାମଲାରେ ଏନଜିଟିଙ୍କ ୨୨ ଡିସେମ୍ବର ୨୦୧୬ ରେ ପ୍ରଦତ୍ତ ନିର୍ଦ୍ଦେଶନାମା ଓଏ/୧୯୯/୨୦୧୪ରେ ଦର୍ଶାଯାଇଛି ଯେ,

● ପ୍ରତ୍ୟକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କଠିନ ବର୍ଜ୍ୟ ପରିଚାଳନା ନିୟମ, ୨୦୧୬କୁ ସଂପୂର୍ଣ୍ଣ ଭାବେ କୌଣସି ପ୍ରକାର ବିଳମ୍ବ ନକରି ତୁରନ୍ତ ଲାଗୁ କରିବେ।

● ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ପ୍ରଦେଶ ୨୦୧୬ ନିୟମ ଅନୁଯାୟୀ ଏଥିନିମନ୍ତେ ଏକ କାର୍ଯ୍ୟଖସଡ଼ା (ଆକ୍ସନ ପ୍ଲାନ୍) ରାୟ ପ୍ରକାଶର ୪ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିବେ।

● ବର୍ଜ୍ୟ ଉତ୍ପନ୍ନ ସଂକ୍ରାନ୍ତ ତଥ୍ୟ ପ୍ରଦାନ ସହ ଏହାର ପୃଥକୀକରଣ ବାଧ୍ୟତାମୂଳକ ଭାବେ କାର୍ଯ୍ୟକାରୀ କରିବା ନେଇ ସତ୍ୟପାଠ ଦାଖଲ କରିବେ।

● ପ୍ଲାଣ୍ଟ ଓ ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ସୁନିଶ୍ଚିତ ବଫର ଜୋନ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବ।

● ରାଜ୍ୟ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ ଆରଡିଏଫ ବ୍ୟବହାରକୁ ନେଇ ଏକ ବଜାର ପ୍ରସ୍ତୁତ କରିବେ।

● ରାୟ ପ୍ରକାଶର ୬ ମାସ ଭିତରେ ଲ୍ୟାଣ୍ଡଫିଲ୍ ସ୍ଥାନଗୁଡ଼ିକରେ ବାଓ ଷ୍ଟାବିଲାଇଜେସନ୍ ବ୍ୟବସ୍ଥିତ କରାଯିବ।

● ଡମ୍ପିୟାର୍ଡ/ଲ୍ୟାଣ୍ଡଫିଲ୍ ସ୍ଥାନ ଗୁଡ଼ିକରେ ବର୍ଜ୍ୟବସ୍ତୁକୁ ପୋଡ଼ିବା ସଂପୂର୍ଣ୍ଣ ନିଷିଦ୍ଧ ହେବ।

(ଖ) ୫ ମାର୍ଚ୍ଚ ୨୦୧୯ରେ ଏନଜିଟିଙ୍କ ଓଏ ୬୦୬/୨୦୧୮ ନିର୍ଦ୍ଦେଶନାମାରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ନିମ୍ନଲିଖିତ ନିର୍ଦ୍ଦେଶ ଦିଆଯାଇଛି।

● ନିୟମ ୨୨ ଓ ୨୪ ଆଧାରରେ କଠିନ ବର୍ଜ୍ୟ ପରିଚାଳନା ଅନୁପାଳନ ଲାଗି ୬ ସପ୍ତାହ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବା। ଅନୁରୂପ ଭାବେ ବାଓ ମେଡିକାଲ ବର୍ଜ୍ୟ ପରିଚାଳନା ନିୟମ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମ ଆଧାରରେ ୨୩ ଗୋଟି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

● ଅତିକମ୍‌ରେ ରାଜ୍ୟର ୩ଟି ପ୍ରମୁଖ ସହର ଏବଂ ଯେତେ ଅଧିକ ସମ୍ଭବ ଛୋଟବଡ଼ ସହର ଏବଂ ପ୍ରତି ଜିଲାର ଅତିକମ୍‌ରେ ତିନୋଟି ପଞ୍ଚାୟତରେ କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ରାୟପ୍ରକାଶ (୨୨-୧୨-୧୬)ଠାରୁ ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ୬ ମାସ ଭିତରେ ମଡେଲ ମହାନଗର/ସହର/ଗ୍ରାମାଞ୍ଚଳରେ ଏହି ନିଷ୍ପତ୍ତିର ଅନୁପାଳନ ଲାଗି କୁହାଯାଇଛି।

● ରାଜ୍ୟର ଅବଶିଷ୍ଟ ସହର ଓ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ପରିବେଶ ନିୟମ ଅନୁଯାୟୀ ଗୋଟିଏ ବର୍ଷ ଭିତରେ କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥାର ଅନୁପାଳନ ଲାଗି ନିର୍ଦ୍ଦେଶ ଦିଆଯାଇଛି।

● ପ୍ରତି ତିନି ମାସ ବ୍ୟବଧାନରେ ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ଏକ ତ୍ରୈମାସିକ ରିପୋର୍ଟ ଦାଖଲ କରିବେ। ୧୦ ଜୁଲାଇ ୨୦୧୯ ସୁଦ୍ଧା ପ୍ରଥମ ରିପୋର୍ଟ ଦାଖଲ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା।

● ମୁଖ୍ୟ ଶାସନ ସଚିବ ଏହି କାର୍ଯ୍ୟର ଅଗ୍ରଗତି ନେଇ ବ୍ୟକ୍ତିଗତ ଅନୁଧ୍ୟାନ କରିବେ ଓ ଜିଲାପାଳମାନେ ପ୍ରତି ମାସରେ ଥରୁଟିଏ ଲେଖାଁଏ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତରେ ନିଆଯାଉଥିବା ଜିଲାସ୍ତରୀୟ ପଦକ୍ଷେପର ସମୀକ୍ଷା କରିବେ।

● ଜିଲା ମାଜିଷ୍ଟ୍ରେଟ୍ କିମ୍ବା ଅନ୍ୟ ଅଧିକାରୀଙ୍କୁ ଏସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯିବ।

● ଜିଲା ମାଜିଷ୍ଟ୍ରେଟ୍ ପରିବେଶ ନିୟମର ଅନୁପାଳନ ଏକ୍ଷେତ୍ରରେ କରାଯାଉଛି କି ନାହିଁ ସେଥିନେଇ ପ୍ରତି ଦୁଇ ସପ୍ତାହରେ ଥରେ ତା'ର ଅନୁଧ୍ୟାନ କରିବେ।

● ଏକ୍ଷେତ୍ରରେ କାର୍ଯ୍ୟରତ କର୍ତ୍ତୃପକ୍ଷ ସଠିକ୍ କାର୍ଯ୍ୟ କରୁଛନ୍ତି କି ନାହିଁ ସେ ସଂକ୍ରାନ୍ତରେ ପାରଦର୍ଶିତା ଅଡିଟ୍ କରାଯିବ ଏବଂ ୬ ମାସ ଭିତରେ ଏନେଇ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯିବ।

(ଗ) ଓଏ ସଂଖ୍ୟା ୫୧୯.୨୦୧୯ର ମୂଳ ଆବେଦନ ସଂଖ୍ୟା ୩୮୬/୨୦୧୯ ମାମଲା ଆଧାରରେ ମାନ୍ୟବର ଏନଜିଟି ଦିଲ୍ଲୀର ଘାଜିପୁର, ବାଲସାୱା ଏବଂ ଓଖଲାରେ ଥିବା ସମସ୍ତ ତିନିଟି ଡମ୍ପିଂସାଇଟ୍‌କୁ ବାଓ ମାଇନିଂରେ ରୂପାନ୍ତରିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ଆହ୍ୱାନ**

କଠିନ ବର୍ଜ୍ୟ ପରିଚାଳନା ନିୟମକୁ କାର୍ଯ୍ୟକାରୀ କରିବା ଲାଗି କେତେକ ଆହ୍ୱାନ ମଧ୍ୟ ସୃଷ୍ଟି ହୋଇଛି। ସେଥିମଧ୍ୟରେ–

୧) ବର୍ଜ୍ୟ ଉତ୍ପନ୍ନକାରୀଙ୍କ ସ୍ତରରୁ ବର୍ଜ୍ୟର ପୃଥକୀକରଣ କରାଇବା

୨) ବର୍ଜ୍ୟ ସଂଗ୍ରହ ଓ ଏହାର ପରିବହନ ନେଇ ରହିଥିବା ଦୁର୍ବଳ ଭିତ୍ତିଭୂମି

୩) ବର୍ଜ୍ୟ ସଂଗ୍ରହ ଓ ଏହାର ପରିବହନ ବ୍ୟବସ୍ଥା ପ୍ରତିଷ୍ଠା ଲାଗି ଆବଶ୍ୟକ ଜମି ବା ସ୍ଥାନର ଉପଲବ୍ଧତା

୪) ଉପର ଲିଖିତ ଦ୍ୱିତୀୟ ଓ ତୃତୀୟ ଧାଡି ଆହ୍ୱାନର ମୁକାବିଲା ଲାଗି ଆବଶ୍ୟକ ବଜେଟ୍ ବ୍ୟବସ୍ଥା

୫) ସଦ୍ୟ ଓ ପୁରୁଣା ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଲାଗି କୌଶଳପୂର୍ଣ୍ଣ ତଥା ଆର୍ଥିକ ଦୃଷ୍ଟିରୁ ଅନୁକୂଳ ଏକ ଉପଯୋଗୀ ସମାଧାନ

୬) ଦୀର୍ଘ ସମୟ ଧରି ପଡି ରହୁଥିବା ବର୍ଜ୍ୟ (ଲିଗାସୀ ୱେଷ୍ଟ)କୁ ନଷ୍ଟ କରିବା ଲାଗି ଆବଶ୍ୟକ ପରିଚାଳନା ବ୍ୟବସ୍ଥା

୭) ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ଗ୍ରାମାଞ୍ଚଳ ଗୁଡିକରେ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ନ ହୋଇପାରିବା

୮) କଡ଼ାକଡ଼ି ନିୟମ ପାଳନ କରିବା ଆଦି ପ୍ରସଙ୍ଗ ରହିଛି।

**ଆଗାମୀ ପଦକ୍ଷେପ**

କଠିନ ବର୍ଜ୍ୟ ପରିଚାଳନା (ଏସଡବ୍ଲ୍ୟୁଏମ) ଦିଗରେ ଆବଶ୍ୟକ ଜମି ଉପଲବ୍ଧତା, ଦୁର୍ବଳ ଭିତ୍ତିଭୂମି, ଆବଶ୍ୟକ ଆର୍ଥିକ ସହାୟତା ଆଦି ପ୍ରମୁଖ ପ୍ରତିବନ୍ଧକ ସୃଷ୍ଟି କରୁଛି। ଏସଡବ୍ଲ୍ୟୁଏମର ମୂଳ ଲକ୍ଷ୍ୟ ହେଉଛି କିଭଳି ବର୍ଜ୍ୟ ପରିଚାଳନା କ୍ଷେତ୍ରରୁ ଅଧିକରୁ ଅଧିକ ସମ୍ବଳ ସଂଗ୍ରହ କରିବା। ତେଣୁ ଏଥିପାଇଁ ଏକ ମଜବୁତ୍ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ପଡିବ। ତେବେ ଏ ଦିଗରେ ସୃଷ୍ଟି ହେଉଥିବା ଆହ୍ୱାନର ମୁକାବିଲା ତଥା ସେସବୁର ସମାଧାନ ଲାଗି କି କି ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେଥିମଧ୍ୟରେ ରହିଛି-



କ) ଏସ୍‌ଡବ୍ଲ୍ୟୁଏମ ଲାଗି ଅଧିକ ଜନସଚେତନତା ସୃଷ୍ଟି କରିବା ଓ ବର୍ଜ୍ୟ ଉତ୍ପନ୍ନକାରୀଙ୍କୁ ଏଦିଗରେ ଅଧିକ ଜାଗ୍ରତ କରାଇବା

ଖ) ବର୍ଜ୍ୟ ସଂଗ୍ରହ, ଏହାର ପୃଥକୀକରଣ, ପରିବହନ ଏବଂ କିଭଳି ଏହାକୁ ପ୍ରୋସେସିଂ କରାଯିବ ସେଥିପାଇଁ ପୌରାଞ୍ଚଳ ଦ୍ୱାରା ଏଥିପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା। ଇନ୍ଦୋର, ଅମ୍ବିକାପୁର ଓ ପୁଣେ ଭଳି ଆଦର୍ଶ ପରିମଳ ସହର ଗୁଡିକରୁ ତଥ୍ୟ ସଂଗ୍ରହ କରି ଆମ ଯୋଜନାରେ ତାହାକୁ ଲାଗୁ କରିବା। ଏହାକୁ ଆଉ ଅଧିକ କିଭଳି ବିକଶିତ କରାଯାଇପାରିବ ସେଥିପାଇଁ ଗୁରୁତ୍ୱ ଦେବା।

ଗ) ବର୍ଜ୍ୟକୁ କିଭଳି ଫିଙ୍ଗିଦେବା ବା ପୋତିଦେବା ସେଥିପାଇଁ ବ୍ୟବସ୍ଥା କରିବା ଅପେକ୍ଷା ବର୍ଜ୍ୟବସ୍ତୁକୁ ପ୍ରୋସେସିଂ କରି ସେଥିରୁ କିଭଳି ସମ୍ବଳ ଓ ଶକ୍ତି ସଂଗ୍ରହ କରିବା ସେହି ପ୍ରକଳ୍ପ ପ୍ରତିଷ୍ଠା ଲାଗି ପ୍ରମୁଖତା ଦେବା। ଛତିଶଗଡ଼ ଏକ୍ଷେତ୍ରରେ ଏକ ଉଦାହରଣ।

ଘ) ବର୍ଜ୍ୟ ସାମଗ୍ରୀରୁ କିଭଳି ସମ୍ବଳ ଆହରଣ କରିବା ସେଥିପ୍ରତି ଗବେଷଣା ଓ ବିକାଶ (ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ)କୁ ଅଧିକ ପ୍ରୋତ୍ସାହନ ଦେବା।

ଙ) ଏସଡବ୍ଲ୍ୟୁଏମ୍‌ର ବିଭିନ୍ନ ସ୍ତରରେ ଦକ୍ଷତା ବଢାଇବା ଲାଗି ପ୍ରୟାସ କରିବା।

ଚ) ରାଜ୍ୟ ଓ ଜିଲା ସ୍ତରରେ ଏଥିଲାଗି ଏକ ଉପଯୁକ୍ତ ପ୍ରଶାସନିକ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବା।

ଛ) ବର୍ଜ୍ୟ ସଂଗ୍ରହ ଓ ପୃଥକୀକରଣ ଲାଗି ପୌରାଞ୍ଚଳ ଓ ଅନ୍ୟ ବର୍ଜ୍ୟ ଉତ୍ପନ୍ନକାରୀଙ୍କୁ ଏଥିପାଇଁ ଉତ୍ତରଦାୟୀ କରିବା। ଏଥିସହ ଏହାର ସୁପରିଚାଳନା ଲାଗି ଆବଶ୍ୟକ ଭିତ୍ତିଭୂମି ଆନୁଷ୍ଠାନିକ କ୍ଷେତ୍ରରେ ପ୍ରସ୍ତୁତ କରିବା ଏବଂ ଶେଷରେ

ଜ) ବର୍ଜ୍ୟ ପରିଚାଳନା ଲାଗି ପୌରାଞ୍ଚଳ ଗୁଡିକୁ ଆବଶ୍ୟକ ବୈଷୟିକ ସହାୟଦା ପ୍ରଦାନ କରିବା ସହିତ ପ୍ରୋସେସିଂ କୌଶଳ ତଥା ଶ୍ରେଷ୍ଠ ବ୍ୟବସ୍ଥାକୁ ବିକଶିତ କରିବାକୁ ପଡିବ।


**ଲେଖକ ହେଉଛନ୍ତି ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିନସ୍ଥ ସହରାଞ୍ଚଳ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ମୁଖ୍ୟ**

**Email ID: ccb.cpcb@nic.in**


### ରାଷ୍ଟ୍ରୀୟ ଏକତା ଦିବସ

# ସର୍ଦ୍ଦାର ପଟେଲ୍ ଜାତୀୟ ଏକତା ପୁରସ୍କାର

## (ଭାରତର ଏକତା ଓ ଅଖଣ୍ଡତା ପାଇଁ ଉତ୍କୃଷ୍ଟ ଓ ଉତ୍ସାହବର୍ଦ୍ଧକ କାର୍ଯ୍ୟ ନିମନ୍ତେ)



ସମ୍ମୁଖ ଭାଗ     ପଶ୍ଚାତ ଭାଗ



ଏକତା ଓ ଅଖଣ୍ଡତା କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପାଇଁ ଭାରତ ସରକାର ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ନାମରେ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତରଫରୁ ଗତ ସେପ୍ଟେମ୍ବର ୨୦ ତାରିଖ ୨୦୧୯ ଦିନ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ସଶକ୍ତ ତଥା ଏକୀକୃତ ଭାରତର ମୂଲ୍ୟବୋଧର ସୁଦୃଢ଼ୀକରଣ ଏବଂ ଭାରତର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସକାଶେ ଏହି ପୁରସ୍କାର ପ୍ରଦାନ କରାଯିବ। ଚଳିତବର୍ଷ ରାଷ୍ଟ୍ରୀୟ ଏକତା ଦିବସ ୩୧ ଅକ୍ଟୋବର ତାରିଖ ଦିନ ସର୍ଦ୍ଦାର ପଟେଲ୍‌ଙ୍କ ଜନ୍ମଦିନରେ ଏହି ପୁରସ୍କାର ଘୋଷଣା କରାଯିବ।


ରାଷ୍ଟ୍ରପତି ପ୍ରଦାନ କରିବାକୁ ଥିବା ଏହି ପୁରସ୍କାରରେ ତାଙ୍କ ଦସ୍ତଖତ ଓ ଷ୍ଟାମ୍ପ୍ ସମ୍ବଳିତ ଏକ ସନନ୍ଦ ପ୍ରଦାନ କରାଯିବ। ରାଷ୍ଟ୍ରପତି ଭବନରେ ଆୟୋଜିତ ପଦ୍ମ ପୁରସ୍କାର ପ୍ରଦାନ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ।


ପୁରସ୍କାର କମିଟିରେ କ୍ୟାବିନେଟ୍ ସଚିବ, ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ, ରାଷ୍ଟ୍ରପତିଙ୍କ ସଚିବ ଓ ଗୃହ ସଚିବ ସଦସ୍ୟ ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚୟନିତ ଅନ୍ୟ ୩/୪ ଜଣ ମଧ୍ୟ ସଦସ୍ୟ ରହିବେ। ଏହି ପୁରସ୍କାରରେ ଗୋଟିଏ ପଦକ ଓ ମାନପତ୍ର ପ୍ରଦାନ କରାଯିବ। ତେବେ ଏଥିରେ କୌଣସି ଆର୍ଥିକ ପୁରସ୍କାର ଅନ୍ତର୍ଭୁକ୍ତ ନାହିଁ। ପ୍ରତ୍ୟେକ ବର୍ଷ ଅଧିକତମ ତିନୋଟି ପୁରସ୍କାର ଦିଆଯିବ। ଏହି ପୁରସ୍କାରକୁ ମରଣୋପରାନ୍ତ ପ୍ରଦାନ କରାଯିବ ନାହିଁ। ତେବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହି ନିୟମ କୋହଳ କରାଯାଇପାରେ।

ଏଥିପାଇଁ ପ୍ରତ୍ୟେକ ବର୍ଷ ଆବେଦନପତ୍ର ଆହ୍ୱାନ କରାଯିବ। ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ www.nationalunityawards.mha.gov.in ମାଧ୍ୟମରେ ଆବେଦନ କରାଯାଇପାରିବ। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଜନ୍ମସ୍ଥାନ, ବୟସ ଓ ବୃତ୍ତି ନିର୍ବିଶେଷରେ ଯେକୌଣସି ବ୍ୟକ୍ତି ଓ ଅନୁଷ୍ଠାନ କିମ୍ବା ସଂଗଠନ ଏହି ପୁରସ୍କାର ପାଇଁ ଆବେଦନ କରିପାରିବେ। ଏତଦ୍‌ବ୍ୟତୀତ ଯେକୌଣସି ଭାରତୀୟ ବ୍ୟକ୍ତିବିଶେଷ କିମ୍ବା ଭାରତରେ ଅବସ୍ଥାପିତ ସଂସ୍ଥା ଯେକୌଣସି ବ୍ୟକ୍ତିଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରିପାରିବେ। ବ୍ୟକ୍ତିବିଶେଷ ନିଜେ ମଧ୍ୟ ନିଜକୁ ମନୋନୀତ କରିପାରିବେ। ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଓ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନକୁ ଏହି ପୁରସ୍କାର ପାଇଁ ମନୋନୀତ କରିପାରିବେ।

## ଆମ ପୁସ୍ତକ ସମ୍ପର୍କରେ







# ପୁସ୍ତକ ପ୍ରକାଶନ କ୍ଷେତ୍ରରେ ପ୍ରକାଶନ ବିଭାଗକୁ ୯ଟି ପୁରସ୍କାର


୨୦୧୯ ସେପ୍ଟେମ୍ବର ୨୮ ତାରିଖ ଦିନ ବିଭିନ୍ନ ଶ୍ରେଣୀରେ ପ୍ରକାଶନ ବିଭାଗକୁ ପୁସ୍ତକ ପ୍ରକାଶନ ସମ୍ପର୍କିତ ୯ଟି ପୁରସ୍କାର ମିଳିଛି। ଏହି ପୁରସ୍କାର ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ପବ୍ଲିସର୍ସ ତରଫରୁ ପ୍ରଦାନ କରାଯାଇଥାଏ। ପୂର୍ବବର୍ଷ ମଧ୍ୟ ପ୍ରକାଶନ ବିଭାଗ ପୁରସ୍କୃତ ହୋଇଥିଲା। ଏହାକୁ ୨୦୧୮ରେ ୮ଟି ଓ ୨୦୧୭ରେ ୧୧ଟି ପୁରସ୍କାର ମିଳିଥିଲା।

ପ୍ରକାଶନ ବିଭାଗକୁ ଚଳିତବର୍ଷ ଜେନେରାଲ୍ ପେପର୍ ବ୍ୟାକ୍ ପୁସ୍ତକ ଶ୍ରେଣୀରେ (ପରାକ୍ରମଗାଥା ପାଇଁ), କଭର୍ ଜ୍ୟାକେଟ୍ ଶ୍ରେଣୀରେ (ଲୋକ୍‌ତନ୍ତ୍ର କେ ସ୍ୱର- ମାନନୀୟ ରାଷ୍ଟ୍ରପତିଙ୍କ ସଂକଳିତ ଭାଷଣ), ହିନ୍ଦୀ ଆର୍ଟ ବୁକ୍ / କଫି ଟେବୁଲ୍ ବୁକ୍ ଶ୍ରେଣୀରେ (ମହାତ୍ମା ଗାନ୍ଧୀ: ଚିତ୍ରମୟ ଜୀବନଗାଥା ପାଇଁ) ଏବଂ ଜର୍ଣ୍ଣାଲ୍ ଓ ହାଉସ୍ ମାଗାଜିନ୍ ଶ୍ରେଣୀରେ (କୁରୁକ୍ଷେତ୍ର- ହିନ୍ଦୀ- ଜୁଲାଇ ୨୦୧୮ ପାଇଁ) ଚାରୋଟି ପ୍ରଥମ ପୁରସ୍କାର ମିଳିଛି।

ସେହିଭଳି ବିଭିନ୍ନ ଶ୍ରେଣୀରେ ଚାରୋଟି ଦ୍ୱିତୀୟ ପୁରସ୍କାର ମଧ୍ୟ ମିଳିଛି। ସେଗୁଡ଼ିକ ହେଲା- ଆର୍ଟ/କଫି ଟେବୁଲ୍ ବୁକ୍ ଶ୍ରେଣୀରେ (ଗୌହାଟୀ ହାଇକୋର୍ଟ- ହିଷ୍ଟ୍ରୀ ଆଣ୍ଡ୍ ହେରିଟେଜ୍ ପାଇଁ), ଶିଶୁ ସାହିତ୍ୟ ଶ୍ରେଣୀରେ (କହୋ ଚିରେୟା ଓ ସରଳ ପଞ୍ଚତନ୍ତ୍ର, ଭାଗ-୧ ପାଇଁ), କ୍ୟାଟ୍‌ଲଗ୍ ଓ ବ୍ରୋସିଅର୍ ଶ୍ରେଣୀରେ (ମହାତ୍ମା ଗାନ୍ଧୀଙ୍କ ଉପରେ ପୁସ୍ତକଗୁଡ଼ିକର କ୍ୟାଟ୍‌ଲଗ୍ ପାଇଁ)। କିଶୋରବସ୍ଥା ପାଠକ/ପାଠିକାଙ୍କ ସକାଶେ ଉଦ୍ଦିଷ୍ଟ ଓ୍ୱିମେନ୍ ଇନ୍ ସତ୍ୟାଗ୍ରହ ପୁସ୍ତକ ପାଇଁ ପ୍ରକାଶନ ବିଭାଗକୁ ସାର୍ଟିଫିକେଟ୍ ଅଫ୍ ମେରିଟ୍ ମଧ୍ୟ ମିଳିଛି।


ପୂର୍ବରୁ ମଧ୍ୟ ୨୫ତମ ଦିଲ୍ଲୀ ପୁସ୍ତକମେଳାରେ ହିନ୍ଦୀ ପୁସ୍ତକ ପ୍ରଦର୍ଶନ ପାଇଁ ପ୍ରକାଶନ ବିଭାଗକୁ ପ୍ରଥମ ପୁରସ୍କାର ମିଳିଥିଲା। ୧୧-୧୫ ସେପ୍ଟେମ୍ବର ୨୦୧୯ ମଧ୍ୟରେ ଏହି ମେଳା ଆୟୋଜିତ ହୋଇଥିଲା। ଏଥିରେ ବିଭାଗ ତରଫରୁ ୧୦୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ବିକ୍ରି ପାଇଁ ପ୍ରଦର୍ଶିତ ହୋଇଥିଲା।


ପ୍ରକାଶନ ବିଭାଗ ଦ୍ୱାରା ଉତ୍ତମ ଡିଜାଇନ୍ ସହ ଗୁଣବତ୍ତା ସମ୍ପନ୍ନ ବିଷୟବସ୍ତୁ ଉପରେ ପୁସ୍ତକ ପ୍ରକାଶ କରାଯାଉଛି, ଯଦ୍ଦ୍ୱାରା ସେଗୁଡ଼ିକ ପାଠକ/ପାଠିକାଙ୍କ ରୁଚି ଅନୁରୂପ ହୋଇପାରୁଛି ଓ ବଜାର ପ୍ରତିଯୋଗିତାରେ ମଧ୍ୟ ସଫଳତା ଆଣିପାରୁଛି।









## ଏକ ଭାରତ ଶ୍ରେଷ୍ଠ ଭାରତ



# ଧ୍ରୁବ: ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅନନ୍ୟ ପ୍ରଚେଷ୍ଟା
# ପ୍ରଧାନମନ୍ତ୍ରୀ ଅଭିନବ ଶୈକ୍ଷିକ କାର୍ଯ୍ୟକ୍ରମର ଶୁଭାରମ୍ଭ

କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ରମେଶ ପୋଖ୍ରିଆଲ୍ 'ନିଶଙ୍କ' ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଗତ ଅକ୍ଟୋବର ୧୧ ତାରିଖରେ ବେଙ୍ଗାଲୁରୁସ୍ଥିତ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ରଠାରେ ଶୁଭାରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ।

ଏହି କାର୍ଯ୍ୟକ୍ରମ ଜରିଆରେ ଅତ୍ୟନ୍ତ ମେଧାବୀ ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବ୍ୟକ୍ତିଗତ ପସନ୍ଦ ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ଚରମ ବୈଶିଷ୍ଟ୍ୟ ହାସଲ ପାଇଁ ସେମାନଙ୍କୁ ଶିକ୍ଷା ଓ ପ୍ରଶିକ୍ଷଣ ଦିଆଯିବ। ଏହାଦ୍ୱାରା ସେମାନେ କେବଳ ନିଜ ସାମର୍ଥ୍ୟରେ ବିକାଶ କରିପାରିବେ ସେକଥା ନୁହଁ, ବରଂ ସମାଜ ପ୍ରତି ମଧ୍ୟ ସେମାନେ ନିଜର ଅବଦାନ ଦେଇପାରିବେ। ଦେଶର ବିଭିନ୍ନ 'ସେଣ୍ଟର ଅଫ୍ ଏକ୍ସଲେନ୍ସ'ରେ ଖ୍ୟାତନାମା ବିଶେଷଜ୍ଞମାନଙ୍କ ତତ୍ତ୍ୱାବଧାନରେ ଏହି ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଓ ଦିଗ୍‌ଦର୍ଶନ ମିଳିପାରିବ। ଆଶା କରାଯାଏ ଯେ ଚୟନିତ ଛାତ୍ରଛାତ୍ରୀମାନେ




**ଶ୍ରୀ ରମେଶ ପୋଖ୍ରିଆଲ 'ନିଶଙ୍କ'**
*କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ*

'ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ପ୍ରତିଫଳିତ। ଏହା ସମାଜ ଓ ବିଦ୍ୟାର୍ଥୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହେବ। ଏହିମାନଙ୍କ ଉପଲବ୍ଧିରୁ ସମଗ୍ର ବିଶ୍ୱ ଜାଣିବ ଯେ 'ସାରେ ଜାହାଁ ସେ ଅଚ୍ଛା ହିନ୍ଦୁସ୍ତାନ ହମାରା'



**ଡକ୍ଟର କେ. ଶିବନ,**
*ସଚିବ, ମହାକାଶ ବିଭାଗ ଓ ଅଧ୍ୟକ୍ଷ ଇସ୍ରୋ*

ଯୁବ ମସ୍ତିଷ୍କ ପାଇଁ 'ଧ୍ରୁବ' ପ୍ରୋତ୍ସାହନକାରୀ ଅଟେ। ଗତ ୬୦ ବର୍ଷରେ ମେଧାବୀ ବ୍ୟକ୍ତିଙ୍କ ଯୋଗୁଁ ଭାରତୀୟ ମହାକାଶ କାର୍ଯ୍ୟକ୍ରମ ଆଶାତୀତ ସଫଳତା ପାଇଛି। ଏହି 'ଧ୍ରୁବତାରାମାନେ' ମଧ୍ୟ ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ନିଜ ନିଜର ଯୋଗଦାନ ଦେବେ।



**ୱିଙ୍ଗ୍ କମାଣ୍ଡର (ରିଟାୟର୍ଡ) ରାକେଶ ଶର୍ମା**
*ଅଶୋକଚକ୍ର ବିଜେତା ଓ ପ୍ରଥମ ଭାରତୀୟ ମହାକାଶଚାରୀ*

ଏହି ଧ୍ରୁବତାରାମାନେ ହେଉଛନ୍ତି ନିଜ ନିଜ କ୍ଷେତ୍ରରେ ଭବିଷ୍ୟତ ଉଦ୍ଭାବକ। ଯୁବବର୍ଗ ନିଜଠାରୁ ଉଚ୍ଚରେ ଥିବା ଲକ୍ଷ୍ୟ ବାଛିବା ଉଚିତ୍ ଓ ସଫଳତାର ପ୍ରକୃତ ଅର୍ଥ ଖୋଜିବା ଦରକାର। ଧନ-ସମ୍ପତ୍ତି ନୁହଁ, ବରଂ ଅଭିନବ କାର୍ଯ୍ୟ ହିଁ ଜୀବନରେ ଅଧିକ ସନ୍ତୋଷ ଆଣିଥାଏ।

ନିଜ ନିଜ କ୍ଷେତ୍ରରେ ଚରମ ଉତ୍କର୍ଷ ହାସଲ କରି ସେମାନଙ୍କ ଗୋଷ୍ଠୀ, ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବେ।

ଏହି ଅବସରରେ ଶ୍ରୀ ପୋଖ୍ରିଆଲ୍ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ହେଉଛି ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରତୀକ।

ନିଜ ଅନୁଭୂତି ବାଣ୍ଟିବା ସମୟରେ ସେ କହିଥିଲେ ଯେ ଧ୍ରୁବ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍‌ରେ ୬୦ ଜଣ ଅତ୍ୟନ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଆଯାଇଛି। ଏମାନେ ଅନ୍ୟମାନଙ୍କୁ ପଥ ଦେଖାଇବେ।

ଆରମ୍ଭରୁ ଏହି କାର୍ଯ୍ୟକ୍ରମ ଅଧିନରେ ବିଜ୍ଞାନ ଓ ପର୍ଫମିଂ ଆର୍ଟ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ। ଏହି ଉଭୟ ବିଷୟରେ ୩୦ ଜଣ ଲେଖାଏଁ ବିଦ୍ୟାର୍ଥୀ ରହିଛନ୍ତି। ଏମାନଙ୍କ ଭିତରେ ଦେଶର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ନବମରୁ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ବଛାଯାଇଛି। ଏମାନଙ୍କ ପାଇଁ ଏକ ୧୪ ଦିବସୀୟ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧିନରେ ଧୀରେ ଧୀରେ ଅନ୍ୟାନ୍ୟ ବିଷୟଗୁଡ଼ିକୁ ସାମିଲ୍ କରାଯିବ। ନୂଆଦିଲ୍ଲୀ ଓ ବେଙ୍ଗାଲୁରୁ ଠାରେ ଥିବା ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ଏହି ଛାତ୍ରଛାତ୍ରୀମାନେ ପରିଦର୍ଶନ କରିବେ। ଦେଶ ବିଦେଶର ବିଶିଷ୍ଟ ବ୍ୟକ୍ତିଙ୍କ ସହ ବିଚାର ଆଲୋଚନା ପାଇଁ ଭିଡିଓ କନ୍‌ଫରେନ୍ସିଂର ସହାୟତା ନିଆଯିବ।


## ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ୨୦୧୯ର ବିଷୟ ହେବ 'ଏକ ଭାରତ ଶ୍ରେଷ୍ଠ ଭାରତ'




ଭାରତର ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ସୁବର୍ଣ୍ଣଜୟନ୍ତୀ ସଂସ୍କରଣ ୨୦୧୯ ନଭେମ୍ବର ୨୦ରୁ ୨୮ ମଧ୍ୟରେ ଅନୁଷ୍ଠିତ ହେବ। ଏହାର ବିଷୟ ହେବ 'ଏକ ଭାରତ ଶ୍ରେଷ୍ଠ ଭାରତ'। ୭୬ଟି ଦେଶର ୨୦୦ରୁ ଊର୍ଦ୍ଧ୍ୱ ବଛାବଛା ଚଳଚ୍ଚିତ୍ର, ୨୬ଟି ଭାରତୀୟ ଚଳଚ୍ଚିତ୍ର ଓ ୧୫ଟି ବୃତ୍ତଚିତ୍ର ଏହି ଉତ୍ସବରେ ପ୍ରଦର୍ଶିତ ହେବ ଓ ଏଥିରେ ପ୍ରାୟ ୧୦ ହଜାର ବ୍ୟକ୍ତିବିଶେଷ ଓ ଚଳଚ୍ଚିତ୍ରପ୍ରେମୀ ଅଂଶଗ୍ରହଣ କରିବେ।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭାଡେକର କହିଛନ୍ତି ଯେ ଏ ବର୍ଷର ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ଏକ ସ୍ୱାତନ୍ତ୍ର ରହିଛି। ଏହାର ବିଷୟ ହେଉଛି 'ଏକ ଭାରତ ଶ୍ରେଷ୍ଠ ଭାରତ'। ମହୋତ୍ସବର ଶୁଭାରମ୍ଭ ଓ ସମାପନ ସମାରୋହ ଏହି ବିଷୟଟିକୁ ପ୍ରତିଫଳିତ କରିବ। ମନ୍ତ୍ରୀ ଆହୁରି କହିଥିଲେ ଯେ ଚଳିତବର୍ଷ ଏହି ମହୋତ୍ସବ ସୁବର୍ଣ୍ଣଜୟନ୍ତୀ ପାଳନ କରୁଛି। ୨୦୧୯ରେ ବିଭିନ୍ନ ଭାରତୀୟ ଭାଷାର ୧୨ଟି ଚଳଚ୍ଚିତ୍ର ୫୦ ବର୍ଷ ପୂରଣ କରିଛି ଯାହା ଏହି ମହୋତ୍ସବରେ ପ୍ରଦର୍ଶିତ ହେବ।

ଏହି ମହୋତ୍ସବର ଏକ ବିଶେଷ ସମ୍ଭାବ୍ୟ ହେଉଛି 'ଇଣ୍ଡିଆନ୍ ପାନୋରମା'। ଏଥିରେ ଭାରତୀୟ ଚଳଚ୍ଚିତ୍ର ଓ ବୃତ୍ତଚିତ୍ର ଆଦି ପ୍ରଦର୍ଶିତ ହୋଇଥାଏ। ଚଳିତବର୍ଷର ଫିଚର ଫିଲ୍ମ ବିଚାରକମଣ୍ଡଳୀର ଅଧକ୍ଷ ହେଉଛନ୍ତି ଶ୍ରୀ ପ୍ରିୟଦର୍ଶନ। ଇଣ୍ଡିଆନ୍ ପାନୋରମା ଅଧିନରେ ଚଳିତବର୍ଷ ପ୍ରାରମ୍ଭିକ ଚଳଚ୍ଚିତ୍ର ଭାବରେ ଅଭିଷେକ ଶାହା ନିର୍ଦ୍ଦେଶିତ ଗୁଜୁରାଟୀ ଚଳଚ୍ଚିତ୍ର 'ହେଲ୍ଲାରୋ'କୁ ଚୟନିତ କରାଯାଇଛି। ବୃତ୍ତଚିତ୍ର ବିଚାରକମଣ୍ଡଳୀର ଅଧକ୍ଷ ହେଉଛନ୍ତି ବିଶିଷ୍ଟ ବୃତ୍ତଚିତ୍ର ନିର୍ମାତା ରାଜେନ୍ଦ୍ର ଜାଙ୍ଗଲେ। ବୃତ୍ତଚିତ୍ର ବିଭାଗରେ ଜଣେ କାଶ୍ମୀରି କନ୍ୟା ଉପରେ ଆଧାରିତ 'ନୁରେ'କୁ ବୃତ୍ତଚିତ୍ର ବିଭାଗର ପ୍ରଥମ ଚଳଚ୍ଚିତ୍ର ଭାବେ ବଛାଯାଇଛି। ଏହାର ନିର୍ଦ୍ଦେଶକ ହେଉଛନ୍ତି ଆଶିଷ ପାଣ୍ଡେ।




## ଏକ ଭାରତ ଶ୍ରେଷ୍ଠ ଭାରତ ଅଧିନରେ ପ୍ରକାଶନ ବିଭାଗ ଦ୍ୱାରା ପୁସ୍ତକ ସଂଗ୍ରହାଳୟ

ବିଶିଷ୍ଟ ଭାରତୀୟ ବ୍ୟକ୍ତିବିଶେଷଙ୍କ ଜୀବନ ଉପରେ ଆଧାରିତ ଅନେକ ପୁସ୍ତକ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧିନରେ ପ୍ରକାଶନ ପାଇଁ ବିଭାଗ ପ୍ରୟାସରତ। ହିନ୍ଦୀ ଓ ଇଂରାଜୀ ବ୍ୟତିରେକ ଅନ୍ୟ ୧୩ଟି ଆଞ୍ଚଳିକ ଭାଷାରେ ମଧ୍ୟ ଏହି ପୁସ୍ତକ ପ୍ରକାଶିତ ହେବ। ପ୍ରମୁଖ ଭାରତୀୟ ଭାଷାରେ ପ୍ରାୟ ୧୫୦ଟି ପୁସ୍ତକ ପ୍ରକାଶିତ ହେଲାଣି ଓ ଅନ୍ୟ ୫୦ଟି ପୁସ୍ତକ ପ୍ରକାଶନର ବିଭିନ୍ନ ସ୍ତରରେ ରହିଛି। ରଜିଆ ସୁଲ୍‌ତାନ (୧୫ଟି ଭାଷା), ରାଣୀ ଲକ୍ଷ୍ମୀବାଈ (୧୪ଟି ଭାଷା), ସର୍ଦ୍ଦାର ପଟେଲ୍ (୧୪ଟି ଭାଷା) ଓ ସ୍ୱରାଜ୍ କେ ମନ୍ତ୍ରଦାତା ତିଲକ (୧୫ଟି ଭାଷା)- ଏହି ଚାରୋଟି ପୁସ୍ତକ ପ୍ରକାଶିତ ହୋଇସାରିଛି।

## ଆପଣ ଜାଣନ୍ତି କି ?

# ସ୍ୱଚ୍ଛ ଭାରତ ମିଶନ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ମୋବାଇଲ୍ ଆପ୍




କେନ୍ଦ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଏବଂ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ଟୁଲ୍ କିଟ୍- 'ଏସ୍‌ବିଏମ୍ ୱାଟର ପ୍ଲସ୍ ପ୍ରୋଟକଲ୍ ଆଣ୍ଡ ସ୍ୱଚ୍ଛ ନଗର' ତରଫରୁ ସମନ୍ୱିତ ବର୍ଜ୍ୟବସ୍ତୁ ପରିଚାଳନା ଆପ୍ ଓ କୃତ୍ରିମ ବୁଦ୍ଧିମତା ଆଧାରିତ 'ଏମ୍‌ଏସ୍‌ବିଏମ୍' ଆପ୍‌ର ଶୁଭାରମ୍ଭ କରାଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ଟୁଲ୍ କିଟ୍‌ରେ ସର୍ବେକ୍ଷଣଜନିତ ପ୍ରକ୍ରିୟାଗତ ଓ ଅନ୍ୟାନ୍ୟ ବିଷୟରେ ସବିଶେଷ ତଥ୍ୟ ରହିଛି। ଏହାଦ୍ୱାରା ସର୍ବେକ୍ଷଣ ପାଇଁ ସହରଗୁଡ଼ିକ ନିଜକୁ ପ୍ରସ୍ତୁତ କରିପାରିବେ।

ସେହିପରି କୃତ୍ରିମ ବୁଦ୍ଧିମତା ଆଧାରିତ ମୋବାଇଲ, ସ୍ୱଚ୍ଛ ଭାରତ ମିଶନ ଆପ୍ ମାଧ୍ୟମରେ ସ୍ୱଚ୍ଛ ଭାରତ ମିଶନ (ସହରୀ) ଅଧିନରେ ଘରୋଇ ଶୌଚାଳୟ ପାଇଁ ଆବେଦନ କରିଥିବା ବ୍ୟକ୍ତି ସେ ସମ୍ପର୍କିତ ତଥ୍ୟ ପାଇପାରିବେ। ଆଉ ମଧ୍ୟ ଏହି ଆପ୍ ଦ୍ୱାରା ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକ ଉଚିତ୍ ତଥ୍ୟ ଓ ଶୀଘ୍ରତାର ସହ ସେଭଳି ଆବେଦନଗୁଡ଼ିକର ନିରାକରଣ କରିପାରିବେ। ମନ୍ତ୍ରଣାଳୟ ତରଫରୁ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ପ୍ରତ୍ୟେକ ବର୍ଷ ନୂଆ ନୂଆ ପଦ୍ଧତି/ଉପାୟ ଅବଲମ୍ବନ କରାଯାଉଛି।

**ଇଲେକ୍‌ଟ୍ରୋନିକ୍ ସିଗାରେଟ୍ ଉପରେ ନିଷେଧାଜ୍ଞା**

ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ପ୍ରୋମ୍ୟୁଲଗେସନ୍ ଅଫ୍ ଇଲେକ୍‌ଟ୍ରୋନିକ୍ ସିଗାରେଟ୍‌ସ (ଉତ୍ପାଦନ, ବିନିର୍ମାଣ, ଆମଦାନୀ, ରପ୍ତାନି, ପରିବହନ, ବିକ୍ରୟ, ବିତରଣ, ଭଣ୍ଡାରଣ ଓ ବିଜ୍ଞାପନ) ଅଧ୍ୟାଦେଶ ୨୦୧୯ ଅନୁମୋଦିତ ହୋଇଛି। ଇ-ସିଗାରେଟ୍ ହେଉଛି ବ୍ୟାଟେରୀ ପରିଚାଳିତ ଏକ ଉପକରଣ ଯାହା ନିକୋଟିନ୍ ଥିବା ଏକ ମିଶ୍ରଣକୁ ଗରମ କରି ଏରୋଜଲ୍ ନିର୍ଗତ କରାଇଥାଏ। ଇ-ସିଗାରେଟ୍ କହିଲେ ଇ-ହୁକ୍କା ଓ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ନିକୋଟିନ୍ ସେବନ ସୁବିଧା ଥିବା ଅନ୍ୟାନ୍ୟ ସମସ୍ତ ଉପକରଣକୁ ବୁଝାଇଥାଏ। ବିଶେଷ ଭାବରେ ବିକଶିତ ଦେଶଗୁଡ଼ିକର ଯୁବ ଓ କିଶୋର ପିଢ଼ିର ବ୍ୟକ୍ତିମାନଙ୍କ ମଧ୍ୟରେ ଏଗୁଡ଼ିକର ବ୍ୟବହାର ଅତିମାତ୍ରାରେ ବୃଦ୍ଧିପାଇଛି। ଏହି ଦୃଷ୍ଟିରୁ କେନ୍ଦ୍ର ସରକାର ଏହି ଅଧ୍ୟାଦେଶ ଆଣି ଇ-ସିଗାରେଟ୍‌କୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ଏଥିରେ ଖିଲାପି କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା କିମ୍ବା ୧ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ। ଦ୍ୱିତୀୟ ଓ ପରବର୍ତ୍ତୀ ସମୟରେ ଏଥିରେ ଖିଲାପି କରୁଥିବା ଜଣାପଡ଼ିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇପାରେ। ଇ-ସିଗାରେଟ୍ ଭଣ୍ଡାରଣ କରୁଥିବା ବ୍ୟକ୍ତିଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ। ଅଧ୍ୟାଦେଶ ଲାଗୁହେବା ବେଳକୁ ଯଦି କୌଣସି ବ୍ୟକ୍ତିଙ୍କ ପାଖରେ ଇ-ସିଗାରେଟ୍ ଗଚ୍ଛିତ ଥାଏ ତେବେ ସେ ସେଗୁଡ଼ିକୁ ନିକଟସ୍ଥ ପୋଲିସ୍ ଷ୍ଟେସନ୍‌ରେ ଜମା କରିବେ।

**ଜଳ ନାୟକ- ଅନୁଭୂତି ବଣ୍ଟନ ପ୍ରତିଯୋଗିତା**




କେନ୍ଦ୍ର ଜଳ ସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନଃରୁଦ୍ଧାର ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ ତରଫରୁ ଏହି ପ୍ରତିଯୋଗିତା ଆୟୋଜିତ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି ଜଳ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଓ ସମଗ୍ର ଦେଶରେ ଚାଲିଥିବା ଜଳ ସଞ୍ଚୟ ଓ ଧାରଣକ୍ଷମ ଜଳ ସମ୍ପଦ ବିକାଶ ପ୍ରଚେଷ୍ଟାରେ ସହଯୋଗ କରିବା।

ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏଥିପାଇଁ ପ୍ରତିଭାଗୀଙ୍କୁ ତାଙ୍କ କାର୍ଯ୍ୟ ସମ୍ପର୍କରେ ୩୦୦ ଶବ୍ଦ ଭିତରେ ଏକ ଲେଖା, ଫଟୋ ଓ ୧ରୁ ୫ ମିନିଟ୍ ପର୍ଯ୍ୟନ୍ତ ଭିଡିଓ ଯେଉଁଥିରେ ତାଙ୍କ ଜଳ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ତଥ୍ୟ ଥିବ, ତାହା waterheroes.cgwb@gmail.comକୁ ପଠାଇ ପାରିବେ। ଆଉ ମଧ୍ୟ ସେମାନେ ଏସବୁ ଜିନିଷ ଓ ନିଜର ୟୁଟ୍ୟୁବ୍ ଭିଡିଓ ଲିଙ୍କ୍‌କୁ myGov ପୋର୍ଟାଲ୍ ସହ ସେୟାର କରିବେ।

ପ୍ରତ୍ୟେକ ଯୋଗ୍ୟ ବିବେଚିତ ଏଣ୍ଟ୍ରିକୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହି ପ୍ରତିଯୋଗିତା ୧୦ ମାସ ପାଇଁ ଚାଲିବ। ପ୍ରତ୍ୟେକ ମାସ ବେଶୀରୁ ବେଶୀ ୧୦ଟି ଏଣ୍ଟ୍ରିକୁ ପୁରସ୍କାର ପାଇଁ ଚୟନ କରାଯିବ। ଏହା ଦାଖଲ କରିବାର ଶେଷ ସମୟ ୩୦ ଜୁନ୍ ୨୦୨୦।

*ଉତ୍ସ: https://www.mygov.in/task/water-heroes-share-your-stories-contest/*

# ଭୁବନେଶ୍ୱର-ନୟାଗଡ ଏକ୍ସପ୍ରେସ୍ ଟ୍ରେନର ଶୁଭାରମ୍ଭ

## ରେଳ ପରିବହନ ଓ ଯାତ୍ରୀ ଯିବା ଆସିବା ହେବ ସୁଗମ: ଧର୍ମେନ୍ଦ୍ର ପ୍ରଧାନ




ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଓଡିଶାରେ ରେଳର ବିକାଶକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛନ୍ତି । ରାଜଧାନୀ ଭୁବନେଶ୍ୱର ଓ ପୁରୁଣା ଗଡଜାତ ନୟାଗଡ ମଧ୍ୟରେ ରେଳ ଯୋଗାଯୋଗ ଓ ଯାତ୍ରୀ ଯିବା ଆସିବାକୁ ସୁଗମ କରିବ ବୋଲି ଗତ ଅକ୍ଟୋବର ୧୫ ତାରିଖ ଦିନ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ଏହି ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଦେଶର ଶାସନ ଭାର ନେବା ପରେ ଓଡିଶା ଭଳି ରାଜ୍ୟକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ପୂର୍ବରୁ ଓଡିଶାକୁ ରେଳ ବଜେଟ୍ ପାଇଁ ୧ ହଜାର କୋଟି ଟଙ୍କା ଦାବୀ କରିବାକୁ ପଡୁଥିଲା । ମାତ୍ର ଗତ ୬ ବର୍ଷରେ ମୋଦିଙ୍କ ସରକାରରେ ମୋଟ ସାଢେ ୬ ହଜାର କୋଟିରୁ ୭ ହଜାର କୋଟି ଟଙ୍କା ରେଳ ଅନୁଦାନ ଓଡିଶାକୁ ଦିଆଯାଇଛି । ବିଗତ ଦିନ ମାନଙ୍କରେ ଓଡିଶାର ବିକାଶ ପାଇଁ ରେଳ ବିଭାଗ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ରେଳ ସଂଯୋଗକୁ ସୁନିଶ୍ଚିତ କରିବାରେ 'ସେବା ସର୍ଭିସ' ଟ୍ରେନ୍ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଯାହା ଓଡିଶାରେ ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ ଓ ଯାତାୟତକୁ ସୁଗମ କରିବ । ଏହି ରେଳ ସଂଯୋଗ ଓଡିଶାର ସାଧାରଣ ଲୋକ ତଥା ଖୋର୍ଦ୍ଧା ରୋଡ, ଖୋର୍ଦ୍ଧା ଟାଉନ, ବେଗୁନିଆ, ରାଜସୁନାଖଳା ଏବଂ ବୋଲଗଡର ଯାତ୍ରୀମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବ । ଉଲ୍ଲେଖନୀୟ ଯେ, ଏହି ସେବା ସର୍ଭିସ୍ ଟ୍ରେନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ରେଳ ମନ୍ତ୍ରୀ ଶ୍ରୀ ପିୟୂଷ ଗୋଏଲ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଗ୍ଲୋବାଲ୍ ଗୋଲ୍‌କିପର ପୁରସ୍କାର



ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଲ୍ ଆଣ୍ଡ୍ ମିଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ଦ୍ୱାରା ଗ୍ଲୋବାଲ୍ ଗୋଲ୍‌କିପର ପୁରସ୍କାରରେ ସମ୍ମାନିତ କରାଯାଇଛି। ୨୦୧୯, ୨୪ ସେପ୍ଟେମ୍ବର ଦିନ ମିଳିତ ଜାତିସଂଘ ସାଧାରଣ ଅଧିବେଶନରେ ଯୋଗଦେବାକୁ ଯାଇଥିବା ବେଳେ ନ୍ୟୁୟର୍କ ଠାରେ ତାଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

ପୁରସ୍କାର ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ର କହିଥିଲେ- 'ଭାରତର ଜନସାଧାରଣଙ୍କ ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ସଫଳ ହୋଇଛି। ସେମାନେ ଏହାକୁ ନିଜର ଏକ ଆନ୍ଦୋଳନରେ ପରିଣତ କଲେ ଏବଂ ଆକାଂକ୍ଷିତ ଲକ୍ଷ୍ୟ ହାସଲ କରିବା ସୁନିଶ୍ଚିତ କଲେ।' ସ୍ୱଚ୍ଛ ଭାରତ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିବା ଭାରତୀୟମାନଙ୍କ ଉଦ୍ଦେଶ୍ୟରେ ସେ ଏହି ପୁରସ୍କାରଟିକୁ ଉତ୍ସର୍ଗ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ଏହି ପୁରସ୍କାରକୁ ଏକ ବିଶେଷ ବ୍ୟକ୍ତିଗତ ମୁହୂର୍ତ୍ତ ଭାବେ ଅଭିହିତ କରି ସେ କହିଥିଲେ ଯେ ୧୩୦ କୋଟି ଭାରତୀୟ ଯଦି ପ୍ରତିଜ୍ଞା କରନ୍ତି ତା'ହେଲେ ଯେକୌଣସି ଆହ୍ୱାନର ମୁକାବିଲା କରାଯାଇପାରିବ। ସ୍ୱଚ୍ଛ ଭାରତ ଅଭିଯାନ ହେଉଛି ଏହାର ପ୍ରମାଣ। ବିଶ୍ୱସ୍ତରରେ ପରିମଳ ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ଭାରତ ଅନ୍ୟ ଦେଶ ସହିତ ନିଜର ସ୍ୱଚ୍ଛତା ସମ୍ପର୍କିତ ଅଭିଜ୍ଞତା ଓ କୌଶଳ ବାଣ୍ଟିବା ପାଇଁ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହଦ୍ୱାରା ସ୍ୱଚ୍ଛତା ସକାଶେ ସାମୂହିକ ପ୍ରୟାସ ସମ୍ଭବ ହୋଇପାରିବ।

'ସାର୍ବଜନୀନ ସ୍ଥାନଗୁଡ଼ିକୁ ଆମକୁ ସଫାସୁତରା ରଖିବାକୁ ପଡ଼ିବ। ଆହୁରି ମଧ୍ୟ ନିଜକୁ ନିଜେ ସୁସ୍ଥ ସବଳ ରଖିବାକୁ ହେବ।' @narendramodi
(ତାମିଲନାଡୁର ମାମଲାପୁରମ୍ ଠାରେ ସମୁଦ୍ର ବେଳାଭୂମିରେ ଆବର୍ଜନା ସଂଗ୍ରହ କରିବା ପରେ)

'ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ସ୍ମୃତିରେ ଅଭିଜିତ୍ ବାନାର୍ଜୀଙ୍କୁ ଅର୍ଥନୀତି ବିଜ୍ଞାନରେ ୨୦୧୯ ସ୍ୱେରିଜେସ୍ ରିକ୍ସବ୍ୟାଙ୍କ୍ ପୁରସ୍କାର ମିଳିଥିବାରୁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି। ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଆଉ ମଧ୍ୟ ମୁଁ ଏସ୍ଥର ଡୁଫ୍‌ଲୋ ଏବଂ ମାଇକେଲ୍ କ୍ରେମରଙ୍କୁ ସମ୍ମାନଜନକ ନୋବେଲ୍ ଜିତିଥିବା ଯୋଗୁଁ ଶୁଭେଚ୍ଛା ଜଣାଉଛି।' @narendramodi

## ସ୍ୱଚ୍ଛଭାରତ ଇଣ୍ଟରଆକ୍ଟିଭ୍ ଡ୍ୟାସ୍‌ବୋର୍ଡ




http://sbm.gov.in/sbmreport/home.aspx & https://sbm.gov.in/sbmdashboard/ରେ
ସ୍ୱଚ୍ଛ ଭାରତ ମିଶନ (ସହରୀ ଓ ଗ୍ରାମୀଣ) ସମ୍ପର୍କିତ ସଦ୍ୟତମ ପରିମଳ ପରିସଂଖ୍ୟାନ ଉପଲବ୍ଧ

YOJANA (Odia) : Monthly November 2019 RNI No. 57203/93
ISSN 0971-8346 Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

## ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ ।

## ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା

## "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

## ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the "Director, Publications Division, Ministry of Information & Broadcasting, New Delhi"**

Printed and Published by Ms. Ira Joshi, Principal Director General, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: M/s MGK Printing Works Pvt. Ltd. MGK House, 14, Rama Road, Nazafgarh Road Industrial Area, New Delhi-110015
Editor : Dr. Girish Chandra Dash